ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୧/୨୦୨୫ (୧୬ ପୃଷ୍ଠା) Bhubaneswar, Friday, January 31/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 68 ମୂଲ୍ୟ ₹୭/-



ସୋସିଆଲ ମିଡିଆରୁ ସଂଗୃହୀତ ଫଟୋ।

## କୁମ୍ଭମେଳାରେ ଜଳିଗଲା ୧୫ ଟେଣ୍ଟ

ମହାକୁମ୍ଭ ନଗର,୩୦।୧(ପି.ଟି.)

ମହାକୁମ୍ଭ ମେଳା ଅଞ୍ଚଳର ସେକ୍ଟର ୨୨ ବାହାରେ ଚାମଗଞ୍ଜ ଚୌକି ନିକଟରେ ଗୁରୁବାର ନିଆଁ ଲାଗି ଅନ୍ୟୁନ ୧୫ଟି ଟେଣ୍ଟ ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା କୁମ୍ଭର ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ ଶର୍ମା କହିଛନ୍ତି। ମଧ୍ୟାହ୍ନ ପରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ତୁରନ୍ତ ଏହାକୁ ଆୟତ୍ତ କରାଯାଇଥିଲା। ରାସ୍ତା ଅଭାବରୁ ଘଟଣାସ୍ଥଳରେ ଦମକଳ ଗାଡ଼ି ପହଞ୍ଚିବା କଷ୍ଟକର ହୋଇଥିଲା। ନିଆଁ କିପରି ଲାଗିଲା, ତାହା ଜାଣିବା ପାଇଁ ତଦନ୍ତ କରାଯାଉଥିବା ଶର୍ମା କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ମୌନି ଅମାବାସ୍ୟା ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲାବେଳେ ୬୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ଦିନଟିଏ ନ ପୂରୁଣୁ ପୁନର୍ବାର ସେଠାରେ ଅଘଟଣ ଘଟିଛି। ଗତ ୧୯ ତାରିଖରେ ମହାକୁମ୍ଭ ମେଳାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅନ୍ୟୁନ ୪୦ଟି ତମ୍ବୁ ଜଳିଯାଇଥିଲା।

# ଉଠିବ ମହାକୁମ୍ଭ ଦଳାଚକଟା ଝଡ଼

## ଆଜିଠୁ ବଜେଟ ଅଧିବେଶନ

ଶୁକ୍ରବାର ଆରମ୍ଭ ହେବ ସଂସଦର ବଜେଟ ଅଧିବେଶନ। ଏହାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଗୁରୁବାର ଡାକିଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ପରିଚାଳନାଗତ ତ୍ରୁଟି ଯୋଗୁ ମହାକୁମ୍ଭ ମେଳା ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ଘଟିଥିବା କହିଛନ୍ତି। ଅନ୍ୟପକ୍ଷରେ ଶାସକ ଏନ୍‌ଡିଏର ସହଯୋଗୀ ଜେଡିୟୁ ଏକକାଳୀନ ନିର୍ବାଚନ ସମ୍ପର୍କିତ ବିଲ୍ ଉପରେ ପ୍ରଶ୍ନ ଉଠାଇଛି। ସେହିପରି ଏଆଇ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଭାରତର ସ୍ଥିତି, ଦେଶବାସୀ ଭୋଗୁଥିବା ଅନେକ ଅସୁବିଧା ସାଙ୍ଗକୁ କୃଷକଙ୍କ ସମସ୍ୟା, ୱକ୍‌ଫ ଜେପିସିର ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ୟୁଜିସି ନିୟମରେ ପରିବର୍ତ୍ତନ ପ୍ରସ୍ତାବ ଆଦି ପ୍ରସଙ୍ଗ ଉଠାଇଥିଲେ ବିଭିନ୍ନ ଦଳର ନେତା। ଏସବୁରୁ ବଜେଟ୍ ଅଧିବେଶନରେ ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରିବା ମନେହେଉଛି। ବିଶେଷକରି ମହାକୁମ୍ଭରେ ବାରମ୍ବାର ଅଗ୍ନିକାଣ୍ଡ ଓ ଦଳାଚକଟାକୁ ନେଇ ଝଡ଼ ସୃଷ୍ଟି ହୋଇପାରେ। ତେବେ ପୂର୍ବରୁ କେନ୍ଦ୍ରକୁ କେବଳ ବିରୋଧୀ ଘେରୁଥିବାବେଳେ ଏଥର ସହଯୋଗୀ ଜେଡିୟୁ ଏବଂ ଟିଡିପି ମଧ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ସର୍ବଦଳୀୟ ବୈଠକରୁ ସଙ୍କେତ ମିଳିଛି।

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଆରମ୍ଭ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବାହ୍ନ ୧୧ଟାରେ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଏପ୍ରିଲ ୪ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେବ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରେ ଆରମ୍ଭ ହେବ। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ସର୍ବଦଳୀୟ ବୈଠକ ଡାକି ବିରୋଧୀଙ୍କ ସହଯୋଗ

- ■ କେନ୍ଦ୍ରକୁ ଘେରିବେ ବିରୋଧୀ, ସହଯୋଗୀ
- ■ ସର୍ବଦଳୀୟ ବୈଠକରେ 'ଏକକାଳୀନ ନିର୍ବାଚନ' ବିଲ୍‌କୁ ଜେଡିୟୁର ବିରୋଧ

ଲୋଡ଼ିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ମହାକୁମ୍ଭ ମେଳାରେ ଭୁଲ୍ ପରିଚାଳନା ଯୋଗୁ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ଏବଂ ୱକ୍‌ଫ ଯୁଗ୍ମ ସଂସଦୀୟ କମିଟିର କାର୍ଯ୍ୟକାରିତାରେ ପ୍ରକ୍ରିୟାଗତ ତ୍ରୁଟି ଭଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ମୋଟାମୋଟି ☞ ପୃଷ୍ଠା–୨



# ଲଢ଼େଇ ଲକ୍ଷ୍ୟରେ ପୁରୁଖା ନେତାଙ୍କ ମେଳି

## ୨୩ ଫେବୃଆରୀରେ ସମାବେଶ ପାଇଁ ସଜବାଜ

ରସୁଲପୁର,୩୦।୧ (ରଞ୍ଜିତ ରାଉତ)



ବନ୍ଧୁମିଳନ ନାମରେ ପୁରୁଖା ନେତାଙ୍କ ରସୁଲପୁର ଅଞ୍ଚଳରେ ବନ୍ଧୁମିଳନ।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା' ତାରିଣୀ ମନ୍ଦିର ପରିସରରେ ବନ୍ଧୁମିଳନ ଆଳରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡିର ପୁରୁଖା ନେତାମାନଙ୍କ ଏକ ମେଳି ନିକଟରେ ଦେଖିବାକୁ ମିଳିଥିଲା। ୨୩ ଫେବୃଆରୀରେ ଏକ ସମାବେଶ ଆୟୋଜନ କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିବା ଶୁଣିବାକୁ ମିଳିଛି। ଏପରିକି ଏହାକୁ ସର୍ବଦଳୀୟ ସଭାରେ ପରିଣତ ପାଇଁ ନେତୃମଣ୍ଡଳୀ ମନସ୍ଥ କରିଛନ୍ତି। ବରିଷ୍ଠ ନେତାମାନେ କଂଗ୍ରେସ, ବିଜେଡି, ଭାଜପା ଭଳି ପ୍ରମୁଖ ଦଳର ଅବହେଳିତ ପୁରୁଖାଙ୍କୁ ଏଥିରେ ସାମିଲ କରିବା ପାଇଁ ଯୋଗାଯୋଗ କରୁଛନ୍ତି। ଏଭଳି ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ଆଗକୁ ସମାବେଶ କେଉଁ ରୂପ ଧାରଣ କରୁଛି ଓ ତାହା ଧର୍ମଶାଳାର ରାଜନୀତିକୁ କେତେ ପ୍ରଭାବିତ କରୁଛି ତାହା ସମୟକ୍ରମେ ସ୍ପଷ୍ଟ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

୨୦୨୪ ନିର୍ବାଚନରେ ଧର୍ମଶାଳାରେ ୩୦ବର୍ଷର ପରିବାରବାଦ ରାଜନୀତିରେ ରୋକ୍ ଲାଗିଛି। ଏଠି ସ୍ୱାଧୀନ ପ୍ରାର୍ଥୀ ଜିତିବା ପରେ ଭାଜପାରେ ସାମିଲ ହୋଇ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଜେଡି ଶାସନ କାଳରେ ଅଲୋଡ଼ା ହୋଇଥିବା ପୁରୁଖା ନେତା ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଥିଲେ। ଏଥିଯୋଗୁ ଧର୍ମଶାଳା ବିଜେଡିର ପରାଜୟ ହୋଇଥିବା ଲୋକେ ଗୁପୁରଟାପୁର ହୋଇଥିଲେ। ନିର୍ବାଚନମଣ୍ଡଳୀରେ ନେତା ପରିବର୍ତ୍ତନ ହେବା ସହ ରାଜ୍ୟରେ ସରକାର ବଦଳିଥିଲା। ରାଜନୈତିକ ପରିବର୍ତ୍ତନରେ ପୁରୁଖାମାନେ ଖୁସି ପ୍ରକଟ କରିଥିଲେ। ଭାବିଥିଲେ ସେମାନଙ୍କ ଗୁରୁତ୍ୱ ବଢ଼ିଯିବ। ରାଜ୍ୟରେ ସରକାର ଗଠନ ହେବାର ୮ମାସ ହେଲାଣି, କିନ୍ତୁ ସେମାନେ ପ୍ରାଧାନ୍ୟ ପାଉ ନ ଥିବା ଲକ୍ଷ୍ୟ କରାଯାଉଛି। କେତେକ କହୁଛନ୍ତି, ଭାଜପା ସଙ୍ଗଠନରେ ପୁରୁଖାଙ୍କୁ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ବିଜେଡି ସରକାର ଅମଳରେ ସେମାନଙ୍କ ସ୍ଥିତି ଯାହାଥିଲା ନେତୃତ୍ୱ ପରିବର୍ତ୍ତନ ପରେ ସେଥିରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ।

ଏତେ ସତ୍ତ୍ୱେ ବିଭିନ୍ନ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କୁ ସମାବେଶ ଆଳରେ ପୁରୁଣା ନେତା ଏକାଠି କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ସମାବେଶରେ ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିବା ଆଲୋଚନା ହେଉଛି। ଏହାଛଡା ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ୱାନ ନେସନ ୱାନ ଇଲେକ୍ସନ ନିୟମ ଲାଗୁ ହେଲେ ସମଗ୍ର ଭାରତବର୍ଷରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବ ବୋଲି ଜଣାଯାଇଛି। ଏହି ଆଧାରରେ ରସୁଲପୁର ବ୍ଲକକୁ ନିର୍ବାଚନମଣ୍ଡଳୀ ମାନ୍ୟତା ମିଳିବାର ସମ୍ଭାବନା ରହିଛି ବୋଲି କେତେ ଜଣ ପୁରୁଖା ନେତା କହୁଛନ୍ତି। ଏବେଠାରୁ ସଙ୍ଗଠନ ପ୍ରସ୍ତୁତ କରାଯାଇ ରସୁଲପୁର ବ୍ଲକ ଅଞ୍ଚଳରୁ ଜଣେ ଜନନେତାଙ୍କୁ ନିର୍ବାଚିତ କରିବା ପାଇଁ ପୁରୁଖା ନେତାମାନେ ମନସ୍ଥ କରୁଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଓ ଆଗକୁ ଯଦି ରସୁଲପୁର ନିର୍ବାଚନମଣ୍ଡଳୀ ହୁଏ ତାହା ହେଲେ ଦୀର୍ଘବର୍ଷ ଧରି ସମ୍ପୃକ୍ତ ଅଞ୍ଚଳକୁ ରାଜନୈତିକ ଦୃଷ୍ଟିକୋଣରୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କୁ ପ୍ରତିହତ କରିବା ପାଇଁ ପୁରୁଖାମାନେ ଲଢ଼େଇ କରିବେ ବୋଲି ଶୁଣିବାକୁ ମିଳିଛି। ଏଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧୀର ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ରବି ସାହୁ, ବରିଷ୍ଠ ନେତା ବିରଳ ଦାଶ, ପ୍ରମୋଦ ପ୍ରଧାନ, କାର୍ତ୍ତିକ ପଣ୍ଡାଙ୍କ ସମେତ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକ ଅଞ୍ଚଳରୁ ୩୦ରୁ ଊର୍ଦ୍ଧ୍ୱ ପୁରୁଖା ନେତା ଯୋଗ ଦେଇଥିଲେ।

# ଜିଲାପାଳଙ୍କୁ ଭେଟିଲେ ମେୟର, ୨୦ କର୍ପୋରେଟର



ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ମେୟର ଓ କର୍ପୋରେଟମାନେ ଗୁରୁବାର ସ୍ମାରପତ୍ର ପ୍ରଦାନ କରୁଛନ୍ତି।

ଛତ୍ରପୁର,୩୦।୧ (ସନ୍ତୋଷ ପାତ୍ରୀ/ଦିଲୀପ ସାମଲ)

## ବିଶୃଙ୍ଖଳାକାରୀ କର୍ପୋରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ଚାଲିଥିବା ବିବାଦ ଘନେଇବାରେ ଲାଗିଛି । ବୁଧବାର କର୍ପୋରେଶନ ବୈଠକରେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାକୁ ନେଇ ଗୁରୁବାର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ. ବିକେକ ରେଡ୍ଡୀଙ୍କ ସମେତ ୨୦ଜଣ କର୍ପୋରେଟର ଛତ୍ରପୁର ଆସି ଜିଲାପାଳଙ୍କୁ ତାଙ୍କ ବାସଭବନସ୍ଥିତ କାର୍ଯ୍ୟାଳୟରେ ଭେଟିଥିଲେ। ବୈଠକରେ ବିଶୃଙ୍ଖଳା ସୃଷ୍ଟି କରିଥିବା କର୍ପୋରେଟରଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ କର୍ପୋରେଶନ ବୈଠକ ଚାଲିଥିବା ବେଳେ କମିଶନର ଏବଂ ଷ୍ଟାଫଙ୍କୁ ୨୬ ନଂ. ୱାର୍ଡର କର୍ପୋରେଟର ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ । ପରେ ସେ କେତେଜଣ କର୍ପୋରେଟରଙ୍କୁ ଉସୁକାଇ ବିଏମ୍‌ସି କ୍ୟାମ୍ପସ ଫାଟକରେ ତାଲା ପକାଇ ଦେଇଥିଲେ, ଯଦ୍ୱାରା କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତାଙ୍କ କାମ ହୋଇପାରି ନ ଥିଲା ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ୨୬ ନଂ. ୱାର୍ଡ କର୍ପୋରେଟର ଗାଳିଗୁଲଜ ଓ ଖରାପ ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଏବଂ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ମ୍ୟୁନିସିପାଲ ନିର୍ଦ୍ଦେଶକଙ୍କୁ କମିଶନର ଚିଠି ଲେଖିଥିଲେ ।

# ଭାଗବତଙ୍କୁ କଳାପତାକା ଦେଖାଇଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆ।ର୍‌.ଏସ୍‌.ଏସ୍‌) ସରସଂଘଚାଳକ ମୋହନ ଭାଗବତଙ୍କୁ ଗୁରୁବାର ମଞ୍ଚେଶ୍ୱର ଠାରେ ଛାତ୍ର କଂଗ୍ରେସ ପକ୍ଷରୁ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଛି। ଭାଗବତ ସୂଚନା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ ସାରି ଫେରିବା ବେଳେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ କେତେଜଣ ଛାତ୍ର କଂଗ୍ରେସ କର୍ମୀ ଏଭଳି ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଉଦିତ୍ କହିଛନ୍ତି, କିଛିଦିନ ତଳେ ଭାଗବତ କହିଥିଲେ ୧୯୪୭ରେ ଦେଶ ସ୍ୱାଧୀନ ହୋଇ ନ ଥିଲା, ବରଂ ରାମ ମନ୍ଦିର ପ୍ରତିଷ୍ଠା ପରେ ଦେଶ ସ୍ୱାଧୀନ ହେଲା। ଏଭଳି କହି ଦେଶର ସବୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ଅପମାନିତ କରିଥିଲେ। ତେଣୁ ଏହାକୁ ବିରୋଧ କରି ତାଙ୍କୁ କଳା ପତାକା ଦେଖା ଯାଇଥିବା ଉଦିତ୍ କହିଛନ୍ତି। ସୂଚନାଯୋଗ୍ୟ, ଭାଗବତ ଗୁରୁବାର ଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି।

# ପଦ ହରାଇଲେ ସରପଞ୍ଚ, ବିଷ ପିଇଲେ ୱାର୍ଡ ସଭ୍ୟଙ୍କ ପୁଅ

## ବାଲିସାହିପାଟଣା ପଞ୍ଚାୟତ ଅନାସ୍ଥା ଭୋଟ

■ପୋଲିସ ସୁରକ୍ଷାରେ ଭୋଟ ଦେବାକୁ ଆସିଲେ ୱାର୍ଡ ସଭ୍ୟାସଭ୍ୟ

ରାଜନଗର, ୩୦।୧ (ଭାସ୍କର ରାଉତରାୟ)




ବାଲିସାହିପାଟଣା ପଞ୍ଚାୟତରେ ପୋଲିସ ବ୍ୟବସ୍ଥା ମଧ୍ୟରେ ଅନାସ୍ଥା ଭୋଟ ନିଆଯାଉଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ଅନାସ୍ଥା ଭୋଟରେ ଗୁରୁବାର ପରାଜୟ ବରଣ କରିବା ସହ ପଦ ହରାଇଛନ୍ତି। ଅନ୍ୟପକ୍ଷରେ ଅନାସ୍ଥା ସପକ୍ଷରେ ଭୋଟ ଦେବାକୁ ଯିବାରୁ ଜଣେ ୱାର୍ଡ ସଭ୍ୟଙ୍କ ପୁଅ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଷ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୁରକ୍ଷା ବଳୟ ମଧ୍ୟରେ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଅନାସ୍ଥା ସପକ୍ଷରେ ୮ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିବାବେଳେ ଅନାସ୍ଥା ବିପକ୍ଷରେ କେବଳ ସରପଞ୍ଚଙ୍କ ଖଣ୍ଡିଏ ଭୋଟ ରହିଥିଲା। ତହସିଲଦାର ତଥା ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ୮ ୱାର୍ଡ ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ଯୋଗୁ ବୈଠକ ହୋଇଥିଲା। ବୈଠକ କାହିଁକି ଡକାଯାଇଛି ସେ ନେଇ ତହସିଲଦାର କହିବା ପରେ ସଭ୍ୟାସଭ୍ୟ ଏ ସମ୍ପର୍କରେ ମତ ରଖିଥିଲେ। ନିଷ୍ପତ୍ତି ଅନୁଯାୟୀ, ଭୋଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ୩୫ ମିନିଟ୍ ବିଳମ୍ବରେ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଭୋଟ ଗଣତି ଆରମ୍ଭ ହୋଇ ଅପରାହ୍ନ ୧ଟାରେ ପ୍ରକ୍ରିୟା ଶେଷ ହୋଇଥିଲା। ଭୋଟ ପ୍ରକ୍ରିୟା ସରିବା ପରେ ରେଜ୍ୟୁଲେଶନ କରାଯାଇଥିଲା। ରେଜ୍ୟୁଲେଶନରେ କିଏ କେତେଖଣ୍ଡ ଭୋଟ ପାଇଲେ, ସେ ନେଇ ଉଲ୍ଲେଖ କରାଯିବା ସହ ସମସ୍ତଙ୍କ ଦସ୍ତଖତ ନିଆଯାଇଥିଲା। ରେଜ୍ୟୁଲେଶନ କପି ଓ ସିଲ୍ ହୋଇଥିବା ବାଲଟ ପେପର ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଜିଲାପାଳ ଏ ନେଇ ବିଧିବଦ୍ଧ ଘୋଷଣା କରିବେ। ଏଥିରେ ରାଜନଗର ତହସିଲଦାର ମହାନ୍ତି ଏହାକୁ ପରିଚାଳନା କରିଥିବାବେଳେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ବିଜେଡି ସମର୍ଥିତ ସରପଞ୍ଚ ପଦ ହରାଇବା ପରେ ଭାଜପା ଶିବିର ଉତ୍ସାହିତ ହୋଇଛି। ଏହାକୁ ନେଇ ରାଜନଗର ବ୍ଲକରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ସେପଟେ ଅନାସ୍ଥା ଭୋଟକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ମଧୁପୁର ଗାଁର ୧୧ନଂ. ୱାର୍ଡ ସଭ୍ୟ ରବୀନ୍ଦ୍ର ଜେନାଙ୍କୁ ବିପକ୍ଷ ଗୋଷ୍ଠୀ ଉଠାଇ ନେଇ ନଜରବନ୍ଦୀରେ ମାସେ ହେଲା ରଖିଥିଲେ। ଗୁରୁବାର ରବୀନ୍ଦ୍ରଙ୍କ ସମେତ ୮ଜଣ ୱାର୍ଡ ସଭ୍ୟାସଭ୍ୟଙ୍କୁ ପୋଲିସ ସାନବଡ଼ଗୋପାଳପୁରଠାରୁ ସୁରକ୍ଷା ବଳୟ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ ଯାଏ ଆଣିଥିଲା। କାର୍ଯ୍ୟାଳୟ ଫାଟକ ନିକଟରେ ରବୀନ୍ଦ୍ରଙ୍କ ପୁଅ ଅଞ୍ଜନ ଓ ସ୍ତ୍ରୀ କନକଲତା ରବୀନ୍ଦ୍ରଙ୍କ ସହ କଥା ହେବାକୁ ଚାହିଁଥିଲେ ଏବଂ ଭୋଟ ଦେବାକୁ ନ ଯିବାକୁ କହିଥିଲେ। ମାତ୍ର ପୋଲିସ ପୁଅକୁ ସେଠାରୁ ବିଦା କରି ଦେଇଥିଲେ। ରବୀନ୍ଦ୍ର ପୁଅ ଓ ପରିବାର ଲୋକଙ୍କ କଥା ନ ଶୁଣି ଅନାସ୍ଥା ଭୋଟ ଦେବାକୁ କାର୍ଯ୍ୟାଳୟ ମଧ୍ୟକୁ ଯାଇଥିଲେ। ବାପା ପରିବାର ଲୋକଙ୍କ କଥା ନ ଶୁଣି ଅନାସ୍ଥା ଭୋଟ ଦେବାକୁ ଯିବା ଓ ପୋଲିସ ବାପାଙ୍କ ସହ କଥା ହେବାକୁ ନ ଦେବାରୁ ଅଞ୍ଜନ ସେଠାରେ ସମସ୍ତଙ୍କ ସାମ୍ନାରେ ବିଷ ପିଇ ଦେଇଥିଲେ। ସକାଳେ ବାପା ନିଖୋଜ ଥିବା ନେଇ ଅଞ୍ଜନ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ୧ ପ୍ଲାଟୁନ ଫୋର୍ସ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ଗ୍ରାମାଞ୍ଚଳ ଥାନା, ଆଳି ଥାନା, ରାଜକନିକା ଥାନା ଓ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରି ରହିଥିଲେ।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, January 31/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 68 | ମୂଲ୍ୟ ₹୭/-




## କୋଚ୍ ହେବେ ମନୋଜ କୁମାର


ବକ୍ସର ମନୋଜ କୁମାର ଗୁରୁବାର ବକ୍ସିଂରୁ ତାଙ୍କର ଅବସର ଘୋଷଣା ପରେ କୋଚ୍ ହେବାକୁ ନିଷ୍ପତ୍ତି ନେଇଛନ୍ତି।

୧୨

୧୦

## ବଲିଉଡ୍‌ରେ ଡେବ୍ୟୁ କରିବେ ଇବ୍ରାହିମ

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ ଅଲୀ ଖାନ୍ ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ବୋଲି ଫିଲ୍ମ ନିର୍ମାତା କରନ ଜୋହର କହିଛନ୍ତି।




# ଜଙ୍ଗଲ ନିଆଁ: ଓଡ଼ିଶା ଦ୍ୱିତୀୟ

## ୭ ଦିନରେ ୧୮୧ ସ୍ଥାନରେ ନିଆଁ ଲାଗିଲାଣି



ଜଙ୍ଗଲ ନିଆଁ ଏବେ ବୈଶ୍ୱିକ ପ୍ରସଙ୍ଗ ପାଲଟିଛି। ଏହାଦ୍ୱାରା ପରିବେଶ ଓ ଜଳବାୟୁ ଗୁରୁତର ଭାବେ ପ୍ରଭାବିତ ହେଉଥିବାରୁ ଚିନ୍ତା ବଢ଼ିଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଥିବା ଜଙ୍ଗଲରେ ପ୍ରତିବର୍ଷ ନିଆଁ ଲାଗୁଥିଲେ ମଧ୍ୟ ଆମେରିକା କାଲିଫର୍ନିଆର ଲସ୍‌ଏଞ୍ଜେଲସ୍‌ଠାରେ ଗତ ୩ ସପ୍ତାହ ଧରି ଲାଗି ରହିଥିବା ବନାଗ୍ନି ବଡ଼ ଚେତାବନୀ ଦେଇଛି। ଇତିମଧ୍ୟରେ ସେଠାରେ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହିତ ଜନବସତି ଜଳିଯାଇଛି। ୨୫ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଛି ଓ ବାୟୁମଣ୍ଡଳ ବିଷାକ୍ତ ହୋଇପଡ଼ିଛି। ଏଭଳିସ୍ଥଳେ ଆମ ପାଇଁ ସତର୍କ ଘଣ୍ଟି ବାଜିଛି। କାରଣ ଦେଶର ଦ୍ୱିତୀୟ ସର୍ବାଧିକ ଜଙ୍ଗଲ ନିଆଁ ଓଡ଼ିଶାରେ ହିଁ ଘଟିଛି, ଯାହା ରାଜ୍ୟ ସରକାର, ବନ ବିଭାଗ ଓ ରାଜ୍ୟବାସୀଙ୍କ ପାଇଁ ଭୟାନକ ବିପଦର ଆହ୍ୱାନ କରୁଛି।




ଗୁରୁବାର ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁର ସାଟେଲାଇଟ ରିପୋର୍ଟ।

**ଭୁବନେଶ୍ୱର,୩୦।୧ (ବନ୍ଦନା ସେଠୀ)**

୨୦୨୩-୨୪ ବନାଗ୍ନି ଋତୁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଉତ୍ତରାଖଣ୍ଡ ପ୍ରଥମ ଏବଂ ଛତିଶଗଡ଼ ତୃତୀୟ ସ୍ଥାନରେ ରହିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୩ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୩୬,୭୧୩ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୨୦୨୪ରେ ୨୨,୮୬୮ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ☞ପୃଷ୍ଠା-୨

# ଆମେରିକାରେ ବିମାନ-ହେଲିକପ୍ଟର ଧକ୍କା

■ ଅନେକ ମୃତ, ୨୮ ମୃତଦେହ ଠାବ

**ଆର୍ଲିଙ୍ଗଟନ୍,୩୦।୧**



ଆମେରିକା ଏୟାରଲାଇନ୍ସର ଏକ ଜେଟ୍ ବୁଧବାର ୱାଶିଂଟନ ନିକଟ ରୋନାଲ୍ଡ ରେଗାନ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣ ବେଳେ ଏକ ସେନା ହେଲିକପ୍ଟରକୁ ଧକ୍କା ଦେଇଛି। ବିମାନରେ ୬୦ ଯାତ୍ରୀ ଏବଂ ୪ କ୍ରିଉ ମେମ୍ବର ଏବଂ ହେଲିକପ୍ଟରରେ ୩ ଜଣ ସୈନ୍ୟ ଥିଲେ। ଦୁର୍ଘଟଣା ପରେ ଉଭୟ ବିମାନ ଏବଂ ହେଲିକପ୍ଟର ନିକଟବର୍ତ୍ତୀ ପୋଟାମାକ୍ ନଦୀରେ ଖସିପଡ଼ିଥିବାବେଳେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୮ ମୃତଦେହ ମିଳିଛି। ନିଖୋଜ ଥିବା ଯାତ୍ରୀ ଓ କ୍ରିଉ ସଦସ୍ୟମାନଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକର ହେଲିକପ୍ଟର ସହାୟତାରେ ମୃତଦେହ ଖୋଜା ଚାଲିଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବିମାନରେ ରୁଷିଆର ୧୪ ଜଣ ସ୍କେଟର, ସେମାନଙ୍କ କୋଚ୍ ତଥା ପରିବାର ସଦସ୍ୟ ଥିଲେ। ୱିଚିଟାଠାରେ ୟୁଏସ୍ ଫିଗର ସ୍କେଟିଂ ଚାମ୍ପିୟନଶିପ୍ ପରେ ଏକ ଡେଭେଲପ୍‌ମେଣ୍ଟ କ୍ୟାମ୍ପ୍ ସାରି ସ୍କେଟରମାନେ ଫେରୁଥିଲେ। ଏହି ଦୁଃଖଦ ଘଟଣା ଆମ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି ବୋଲି ୟୁଏସ୍ ଫିଗର ସ୍କେଟିଂ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ଗାଇଡ୍‌ଲାଇନ ଜାରି

## ୧୪ ସୁଦ୍ଧା ଗ୍ରାମସଭା ପ୍ରସ୍ତୁତ କରିବ ୫ ବର୍ଷିଆ ପ୍ରସ୍‌ପେକ୍ଟିଭ ପ୍ଲାନ

**ଭୁବନେଶ୍ୱର,୩୦।୧ (ଅନିଲ ଦାସ)**

ଗାଁର ହେବ ବିକାଶ। ବିକଶିତ ହେବ ଗ୍ରାମାଞ୍ଚଳର ଭିତ୍ତିଭୂମି। ଗ୍ରାମ୍ୟ ଅର୍ଥନୀତି ଆଗକୁ ବଢ଼ିବ। ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ପାଇଁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ପାଇଁ ୨୦୨୪-୨୫ରେ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗାଇଡ୍ ଲାଇନ ଜାରି କରାଯାଇଛି। ବିଭାଗୀୟ ସଚିବ ଏସ୍.ଏନ୍. ଗିରିଶ ଏ ନେଇ ଜିଲାପାଳମାନଙ୍କୁ ଅବଗତ କରାଇଛନ୍ତି। ପ୍ରକାଶିତ ଗାଇଡ୍‌ଲାଇନ ଅନୁଯାୟୀ ଏହି ନୂଆ ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଦୀର୍ଘକାଳୀନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜଳବାୟୁ ବିସ୍ଥାପନ ଓ ସ୍ୱାସ୍ଥ୍ୟ ସଙ୍କଟ


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2025

APPROVAL & RECOGNITION

Accredited by NAAC with Grade 'A++' | UGC Graded Autonomy(Category-I) | NBA Accredited | ICAR Accredited | NABL Accredited | NABH Accredited

AICTE Approved | NMC Approved | DCI Approved | PCI Approved | BCI Approved | INC Approved | VCI Approved

PROGRAMMES OFFERED

B.TECH PROGRAMMES
Civil Engineering
Electrical Engineering
Mechanical Engineering
Electrical and Electronics Engineering
Electronics and Communication Engineering
Computer Science and Engineering
Computer Science and Information Technology
Computer Science and Engineering (AI and ML)
Computer Science and Engineering (Cyber Security)
Computer Science and Engineering (Data Science)
Computer Science and Engineering (Internet of Things)

M.TECH PROGRAMMES
Structural Engineering
Electric Vehicle Technology
Machine Design and Robotics
Embedded System and VLSI Design
Computer Science and Engineering

MANAGEMENT PROGRAMMES
BBA
MBA
Integrated MBA
MBA (Hospital Administration)
MBA (Artificial Intelligence and Data Science)

M.Sc. PROGRAMMES
Physics
Chemistry
Mathemetics
Biotechnology
Integrated (M.Sc. Biotechnology)

COMPUTER APPLICATIONS PROGRAMMES
Bachelor of Computer Applications (BCA)
Master of Computer Applications (MCA)

PHARMACEUTICAL PROGRAMMES
B.Pharm.
M.Pharm.

LAW PROGRAMMES
BA LLB (H) - Integrated Law
BBA LLB (H) - Integrated Law
LLB (H) - 3 Years Law
LLM

HOTEL MANAGEMENT PROGRAMMES
BHMCT (Bachelor of Hotel Management & Catering Technology)
MBA (Hospitality Management)

NURSING PROGRAMMES
B.Sc. (Nursing) (Basic)
B.Sc. (Nursing) (Post Basic)
M.Sc. (Nursing)

AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture

VETERINARY SCIENCE AND ANIMAL HUSBANDRY PROGRAMME
Bachelor of Veterinary Science & Animal Husbandry (B.V.Sc. & A.H.)


nirf National Institutional Ranking Framework 2024
14th in University Category
26th in Engineering Category
21st in Medical Category
09th in Dental Category
09th in Law Category

QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage

THE WORLD UNIVERSITY RANKINGS 2024
801-1000 in THE World University Ranking
401- 500 in Engineering Technology
601- 800 in Computer Science
801-1000 in Health Sciences

To apply for admission through SAAT 2025,
Visit: www.soa.ac.in





# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଶାପୁରେ ପକ୍ଷରୁ ୧୧ତମ ଶିଶୁ ଉତ୍ସବ, ସ୍ଥାନ: ପ୍ରଗତି ଉଦ୍ୟାନ, ଫ୍ଲାଟ୍-୨, ପୁରୁଣା ପ୍ରାଇମାରୀ ସ୍କୁଲ ପଡ଼ିଆ ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡଷ୍ଟ୍ରିଆଲ ମିଟ୍, ସ୍ଥାନ: ଦି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରାବଣୀ କ୍ରିଏଶନ ଉଦ୍ଘାଟନୀ, ସ୍ଥାନ: ଲେଉଟ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ଗୋପାଞ୍ଜଳି ପକ୍ଷରୁ ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ନାଟକ 'ମାଧବ ସନ୍ଧାନେ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଶ୍ରମ ବିଦ୍ୟାଳୟ ପରିସର ପାଞ୍ଚଗାଁ, ଟିଗିରିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଚୌଦ୍ୱାର ମୁକ୍ତମାଳସ୍ଥିତ ମା' ମହଲକ୍ଷ୍ମୀ ଦେବୀଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ୬ ନମ୍ବର ୱାର୍ଡ ମୁକ୍ତମାଳ ଗ୍ରାମ, ସମୟ: ଅପରାହ୍ନ ୧ଟା।
- ଟିଗିରିଆ ସାହୁ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୂଆପାଟଣା, ଟିଗିରିଆ, ସମୟ: ଅପରାହ୍ନ ୨ଟା।
- ଚୌଦ୍ୱାର ଚାରବାଟିଆସ୍ଥିତ ଷ୍ଟିଂଫେଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଲେବରଟୋନୋମେଣ୍ଟସ୍ଥିତ ଯଜାତି କେଶରୀ କ୍ଲବ୍, ସମୟ: ଅପରାହ୍ନ ୪ଟା।

## ପୁରୀ
- ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ବାଲବାଟୀ ମିନିଷ୍ଟାଡ଼ିୟମ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ସାଂସ୍କୃତିକ ଉତ୍ସବ 'ଉନ୍ମୁକ୍ତମ୍'ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବ୍ଲକ ଲେଭଲ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହାଟୁଆରି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ତାଲୁଣ୍ଡିଆ ହାଇସ୍କୁଲ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ବତ୍ସରିକ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟସ ଏବଂ ଗାଇଡସ୍ କାମ୍ପୋରିର ଉଦ୍‌ଯାପନୀ ଦିବସ, ସ୍ଥାନ: ଖଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍ସବ ଉତ୍କଳ ଓଡ଼ିଶାର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଜଳେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ପ୍ରୋସେସ୍କର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ଭ୍ରାମ୍ୟମାଣ ନାମଯଜ୍ଞ ସମାରୋହ, ସ୍ଥାନ: ହନୁମାନ ବାଟିକା ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନାଲବୃନ୍ଦା ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ମହିଷାପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନାଗେଶ୍ୱର ମହାଦେବ ଓ ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ କଳସ ଶୋଭାଯାତ୍ରା, ସ୍ଥାନ: ଅରଜିଲିଆ ନିଉକଲୋନି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଳ୍ପକାଳୀନ, ଦୀର୍ଘମିଆଦି ପ୍ରଶିକ୍ଷଣ ସୂଚନା ଓ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜୟକୃଷ୍ଣ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ଶାଶ୍ୱତ ବେଦକ ସହାନନ ପାଠାଗାର, ସ୍ଥାନ: ପଦ୍ମପୁର, ବାସୁଦେବପୁର, ସମୟ: ଅପରାହ୍ନ ୧ଟା।
- ବିଜୟ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଶୁଣ୍ଡୁଡ଼ିଘାଟ ନାକମଣି ମିନିଷ୍ଟାଡ଼ିୟମ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଧାମନଗର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ, ସ୍ଥାନ: କ୍ଲବରୋଡ଼ ପ୍ରେସ କ୍ଲବ, ଧାମନଗର, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ଓଡ଼ିଶା, ସମୟ: ସନ୍ଧ୍ୟା ୬ଟା।
- ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା।
- ୩୮ତମ ସାମ୍ବତ୍ସରିକ ଶ୍ରୀ ଶ୍ରୀ ନବରାତ୍ର ନାମ ମହାଯଜ୍ଞ ପ୍ରବଚନ, ସ୍ଥାନ: କନ୍ତରୁ ଶିକ୍ଷା ସେବାଶ୍ରମ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୁଲିସଲାଇନ ଅଡିଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ସାଲମା ମହୋତ୍ସବ– ୨୦୨୫ ଉଦ୍‌ଯାପନୀ ଦିବସ, ସ୍ଥାନ: କାନପୁର ସୋସୋ, ଛେନାପଦି, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଲକ୍ଷ୍ମୀ ନାରାୟଣ ମନ୍ଦିର ବାର୍ଷିକ ଉତ୍ସବ ଓ ଅଭିରାମ ପରମହଂସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଶିଙ୍କିଡ଼ିଆ ମଠ, କୁଆମରା ପଞ୍ଚାୟତ, ଗୋପବନ୍ଧୁନଗର, ସମୟ: ସକାଳ ୯ଟା।
- ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ ଓ କଳସ ଶୋଭାଯାତ୍ରା, ସ୍ଥାନ: ଖରାଡ଼ିହି, ବହଳଦା, ସମୟ: ସକାଳ ୯ଟା।
- ୧୮ତମ ଡ୍ରିଲିଙ୍କ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଚମ୍ପାଝର, ଠାକୁରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଜୀବ ବିଜ୍ଞାନ ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ସାମୂହିକ ବ୍ରତୋପନୟ, ସ୍ଥାନ: ଗୋପାଳୀ ନୂଆଗାଁ ଉତ୍ତରେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲ୍ଲା ସମ୍ମିଳନୀ ଗୃହ, ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ଯୁବଯଜ୍ଞ ପ୍ରତିଷ୍ଠା, ସ୍ଥାନ: ବୁଗୁଡ଼ା ଅରବିନ୍ଦ ନଗର ଦ୍ୱିତୀୟ ଲାଇନ, ସମୟ: ଅପରାହ୍ନ ୩ଟା।

## କନ୍ଧମାଳ
- ପଞ୍ଚୁଣ୍ଡ ପରିଚାଳନା ସମିତିର ବୈଠକ, ସ୍ଥାନ: ବାଲିଗୁଡ଼ା ମା' ପାଟଖଣ୍ଡା ମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୭ଟା ୩୦।
- ମା' ମହାମାୟାଙ୍କ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଲୋହାରସାହି ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ଟା ୨୫।

## ଢେଙ୍କାନାଳ
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଭବନ ବାରଦା, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ସମ୍ମୁଖ ରାସ୍ତା, ସମୟ: ସକାଳ ସାଢେ ୮ଟା।
- ଓଡ଼ିଶପଡ଼ା ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମା' ସରସ୍ୱତୀ ଶିକ୍ଷା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଅନୁଗୋଳ ଜଗ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଅନୁଗୋଳ କଦମ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା ଓ ଅପରାହ୍ନ- ୧ଟା ୩୦।
- ସଡ଼କ ସୁରକ୍ଷା ମାସ ଶେଷ ଦିବସ, ସ୍ଥାନ: ଅନୁଗୋଳ ଗ୍ଲାଟ ଡାଇମଣ୍ଡ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ– ଜଗନ୍ନାଥପୁର, ନହଙ୍ଗ, ଡେରାବିଷ, ସମୟ– ସକାଳ ୬ଟା
- ଧୋୟା ପ୍ରିମିୟର ଲିଗ, ସ୍ଥାନ: ବନକୂଳ, ଆଳି, ସମୟ: ଅପରାହ୍ନ ୨ଟା।
- ଭଗବତୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ କଳସପୁର ପ୍ରିମୟର ଲିଗ, ସ୍ଥାନ: କଳସପୁର, ଆଳି, ସମୟ: ଅପରାହ୍ନ ୨ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ଶାନ୍ତିକୁଟୀର ଆଶ୍ରମ ଗୁରୁଦେବଙ୍କର ଶତ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଳରାମପ୍ରସାଦର ଶାନ୍ତିକୁଟୀର ଆଶ୍ରମ, ସମୟ: ସକାଳ ୮ଟା।
- ବୈଷ୍ଣେ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ଗୁମ୍ଫା ସଂସ୍କାର ଓ ଚଣ୍ଡୀପାଠ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁକୋଣ, ସମୟ:ସକାଳ ୭ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ବାହାଡାଖୋଲା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀହନୁମାନଙ୍କ ୨୮ ଫୁଟ ବିଗ୍ରହଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସରେ ଜଳଯାତ୍ରା ଓ ଗୀତାଯଜ୍ଞ, ସ୍ଥାନ:ନୟାଗଡ଼ ପୁରୁଣା ସହରର କରଣସାହିସ୍ଥିତ ବିଶ୍ୱନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ କପିଳେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ପୁରୁଷୋତ୍ତମପୁର ଶାସନ, ସମୟ:ସକାଳ ୭ଟା।

## ରାୟଗଡ଼ା
- ଆରପିଡବ୍ଲୁଡି ଆକ୍ଟ ୨୦୧୬କୁ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ବିଷମ କଟକ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଦିବ୍ୟଦର୍ଶନ ସଂଘର ସତ୍‌ସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ତାମିଲଗୁଡ଼ା, ଗୁଣପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଉଠିବ ମହାକୁମ୍ଭ...

ପ୍ରଥମ ପୃଷ୍ଠାରୁ...

ଭାବେ ବଜେଟ ଅଧିବେଶନରେ ଅନେକ ପ୍ରସଙ୍ଗ ଝଡ଼ ସୃଷ୍ଟି କରିପାରେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଫେବୃଆରୀ ୧ରେ ସଂସଦରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହା ତାଙ୍କର ଲଗାତର ଅଷ୍ଟମ ବଜେଟ ହେବାକୁ ଯାଉଛି। ଏହା ପୂର୍ବରୁ ଶୁକ୍ରବାର ୨୦୨୪-୨୫ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ଅର୍ଥ ବିଲ୍-୨୦୨୫, ୱକ୍‌ଫ, ବ୍ୟାଙ୍କିଙ୍ଗ୍ ରେଗୁଲେଶନ୍ସ ଆକ୍ଟ ଏବଂ ଇଣ୍ଡିଆନ୍ ରେଲୱେଜ୍ ବୋର୍ଡ ଆକ୍ଟ ସମେତ ମୋଟ ୧୬ଟି ବିଧେୟକ ଉପସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ପୂର୍ବ ଅଧିବେଶନ ବେଳେ ଆଗତ ହୋଇ ବିତର୍କ ଅପେକ୍ଷାରେ ଥିବା ଅନ୍ୟ ୧୦ଟି ବିଧେୟକ ଉପରେ ମଧ୍ୟ ବିଚାର କରାଯାଇପାରେ। ଏଥିଲାଗି ସରକାରଙ୍କ ପକ୍ଷରୁ ଗୁରୁବାର ସର୍ବଦଳୀୟ ବୈଠକ ଡକାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ଜେ.ପି. ନଡ୍ଡା, ଅର୍ଜୁନ ରାମ ମେଘୱାଲ ଏବଂ ଏଲ୍. ମରୁଗାନ୍ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) କେନ୍ଦ୍ରର ମହତ୍ୱାକାଂକ୍ଷୀ 'ୱାନ୍ ନେଶନ୍ ୱାନ୍ ଇଲେକ୍ସନ' ବିଲ୍‌କୁ ନେଇ ପ୍ରଶ୍ନ ଉଠାଇଛି। ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ ଉକ୍ତ ବିଲ୍‌କୁ ଏତେ ତରବରିଆ ଭାବେ ଆଗତ କରାଯିବା ଅନୁଚିତ। ବରଂ ଏହା ପୂର୍ବରୁ ବିସ୍ତୃତ ବିଚାରବିମର୍ଶ ଲୋଡ଼ା ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ କହିଛି। 'ୱାନ୍ ନେଶନ୍, ୱାନ୍ ଇଲେକ୍ସନ ବିଲ୍' ସଂସଦର ଶୀତ ଅଧିବେଶନ ବେଳେ ଉପସ୍ଥାପିତ ହୋଇଥିବାବେଳେ ଯାଞ୍ଚ ପାଇଁ ୩୯ଜଣିଆ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ଜେଡିୟୁ ଏମ୍‌ପି ସଞ୍ଜୟ କୁମାର ଝା ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ପ୍ରସ୍ତାବିତ ଏକକାଳୀନ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବିଲ୍‌କୁ କାର୍ଯ୍ୟକାରୀ କରାଇବା ଲାଗି ତରବର ହେବା ଅନୁଚିତ। ସେହିପରି ଏନ୍‌ଡିଏର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଗୃହରେ ଆସନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ କହିଛନ୍ତି, ସଦସ୍ୟମାନଙ୍କ ବସିବା ବ୍ୟବସ୍ଥା ଉପରେ ଏକତରଫା ଭାବେ ନିଷ୍ପତ୍ତି ନିଆଯାଇଛି।

କଂଗ୍ରେସର ଜୟରାମ ରମେଶ, କେ. ସୁରେଶ, ବାମପନ୍ଥୀ ନେତା ଜନ୍ ବ୍ରିଟ୍ଟାସ୍, ପି. ସନ୍ଦୋଶ କୁମାର, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ, ଡେରେକ୍ ଓ'ବ୍ରାଏନ୍ ମଧ୍ୟ ବୈଠକରେ ଯୋଗଦେଇଥିଲେ। ଗୌରବ, ବ୍ରିଟ୍ଟାସ୍, ସୁଦୀପଙ୍କ ସମେତ ଅନେକ ବିରୋଧୀ ନେତା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୱକ୍‌ଫ ସଂଶୋଧନ ବିଲ୍ ସମ୍ପର୍କିତ ପ୍ୟାନେଲର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ୱକ୍‌ଫ ପ୍ୟାନେଲ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନଙ୍କୁ ନିଲମ୍ବନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜେପିସିର ପ୍ରୋସିଡିଂ 'ଗଣତନ୍ତ୍ରକୁ ଉପହାସ' ଏବଂ 'ପ୍ରହସନ କସରତ' ବୋଲି ସେମାନେ ସମାଲୋଚନା କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ସମାଜବାଦୀ ପାର୍ଟି (ଏସ୍‌ପି)ର ରାମଗୋପଲ ଯାଦବ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବୁଧବାର ଦଳାଚକଟାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ୟୁପି ସରକାର ୨୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଥିବାବେଳେ କ୍ଷତିପୂରଣ ପରିମାଣ ବଢ଼ାଇବା ପାଇଁ ବୈଠକରେ ରାମଗୋପାଳ ଦାବି କରିଥିଲେ, ଯାହାକୁ ଅନ୍ୟ ବିରୋଧୀ ନେତାମାନେ ସମର୍ଥନ କରିଥିଲେ। ରାମଗୋପାଳ କହିଥିଲେ, ପରିଚାଳନା ପରିବର୍ତ୍ତେ ଆତ୍ମପ୍ରୋତ୍ସାହନକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ମେଳାରେ ଏଭଳି ଅଭାବନୀୟ ଘଟଣା ଘଟିଲା। ସେହିପରି ପାର୍ଲାମେଣ୍ଟରେ ଶାସକ ଦଳର ନେତାମାନଙ୍କୁ କହିବା ପାଇଁ ଅଧିକ ସୁଯୋଗ ଦିଆଯିବା ଉପରେ ମଧ୍ୟ ଅନେକ ବିରୋଧୀ ଏମ୍‌ପି ଆପତ୍ତି ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମରେ ପରିବର୍ତ୍ତନ ପ୍ରସ୍ତାବକୁ ମଧ୍ୟ ସେମାନେ ବିରୋଧ କରିଥିଲେ। ବୈଠକରେ ଆର୍‌ଏସ୍‌ପି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ୍, ବିଜେଡିର ସସ୍ମିତ ପାତ୍ର, ଡିଏମ୍‌କେର ଟି.ଆର୍. ବାଲୁ, ଜେଏମ୍‌ଏମ୍ ଏମ୍‌ପି ମହୁଆ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗଣମାଧ୍ୟମକୁ କହିଛନ୍ତି, କେନ୍ଦ୍ରୀୟ ବଜେଟ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଦଳର ନେତା ଅନେକ ପ୍ରସଙ୍ଗ ଉଠାଇଛନ୍ତି। ବଜେଟ ଅଧିବେଶନ ଆରମ୍ଭ ହେବା ପରେ ମହାକୁମ୍ଭ ମେଳା ସମେତ ଆଉ କେଉଁ ବିଷୟଗୁଡ଼ିକ ଉପରେ ଆଲୋଚନା ହେବ ତାହା ବିଜ୍‌ନେସ୍ ଆଡଭାଇଜରି କମିଟି (ବିଏସି) ସ୍ଥିର କରିବ। ଇତିମଧ୍ୟରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି, କୁମ୍ଭର ରାଜନୀତୀକରଣ କରାଯାଉଥିବାରୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଧର୍ମୀୟ ସମାବେଶ ଶାସକ ଭାଜପାର ଭିଆଇପିମାନଙ୍କ ମେଳା ପାଲଟିଛି। କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବ। ସେହିପରି କୃଷକଙ୍କ ସମସ୍ୟା, ସାଧାରଣ ଜନତା ଭୋଗୁଥିବା ଅସୁବିଧା ଆଦିକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ପ୍ରସଙ୍ଗ କରି ସରକାରଙ୍କୁ ଘେରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜଙ୍ଗଲ ନିଆଁ...

୨୦୨୩ ଅନୁପାତରେ ଗତବର୍ଷ ରାଜ୍ୟରେ କମ୍ ନିଆଁ ଲାଗିଥିଲେ ମଧ୍ୟ ଏବର୍ଷ ଏଥିରେ ରୋକ୍ ଲଗାଇବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଖରାଦିନ ଆରମ୍ଭ ନ ହେଉଣୁ ଏବେଠାରୁ ରାଜ୍ୟର ଅନେକ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଲାଣି। ଗତ ସପ୍ତାହକ ମଧ୍ୟରେ ରାଜ୍ୟର ୧୮୧ଟି ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାନୁଆରୀ ୨୪ରେ ୧୪ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୨୫ ତାରିଖରେ ୧୬, ୨୬ରେ ୩୫, ୨୭ରେ ୩, ୨୮ରେ ୭୬, ୨୯ରେ ୧୭ ଏବଂ ୩୦ ତାରିଖରେ ୨୦ଟି ସ୍ଥାନରେ ନିଆଁ ଲାଗିଛି। ଏଥିମଧ୍ୟରେ କନ୍ଧମାଳ ଜିଲାର ବାଲିଗୁଡା ଓ କନ୍ଧମାଳ ଫରେଷ୍ଟ ଡିଭିଜନ, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଡିଭିଜନରେ ସର୍ବାଧିକ ନିଆଁ ଲାଗିଥିବା ଜଣାପଡିଛି।

ଗତବର୍ଷର ରିପୋର୍ଟକୁ ଦେଖିଲେ, ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ୨୨,୮୬୮ଟି ପଏଣ୍ଟ ବା ସ୍ଥାନରେ ନିଆଁ ଲାଗିଥିଲା। କୋରାପୁଟ ସର୍କଲର ରାୟଗଡ଼ା ଡିଭିଜନରେ ସର୍ବାଧିକ ୨୯୩୦ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୭୦୬ଟି ସ୍ଥାନରେ ଦିନକରୁ ଅଧିକ ସମୟ ଧରି ରହିଥିଲା। ସେହିପରି ମାଲକାନଗିରି ଡିଭିଜନର ୨,୮୬୨ଟି ସ୍ଥାନ, ବାଲିଗୁଡା ଡିଭିଜନର ୨,୫୩୦ଟି, କୋରାପୁଟ ଡିଭିଜନର ୧,୨୩୪ଟି, କଳାହାଣ୍ଡି (ଦକ୍ଷିଣ) ଡିଭିଜନର ୧,୧୧୬ଟି, ପାରଳାଖେମୁଣ୍ଡି ଡିଭିଜନର ୯୨୧ଟି, ଜୟପୁରର ୮୬୭ଟି, କଳାହାଣ୍ଡି (ଉତ୍ତର)ର ୭୯୩ଟି, କେନ୍ଦୁଝରର ୭୬୯ଟି, ନବରଙ୍ଗପୁରର ୭୧୮ଟି ସ୍ଥାନ ଭଳି ୫୧ଟି ଫରେଷ୍ଟ ଡିଭିଜନ୍‌ର ୨୨,୬୮୬ଟି ସ୍ଥାନରେ ନିଆଁ ଲାଗିଥିଲା। ସେଥିମଧ୍ୟରୁ ୬,୦୪୭ଟି ସ୍ଥାନରେ ଦିନକରୁ ଅଧିକ ସମୟ ଧରି ନିଆଁ ଲାଗି ରହିଥିଲା।

ବିଭିନ୍ନ କାରଣରୁ ଓଡ଼ିଶାର ଜଙ୍ଗଲରେ ନିଆଁ ଲାଗୁଛି। କନ୍ଧମାଳ, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଭଳି ବାରମ୍ବାର ନିଆଁ ଲାଗୁଥିବା ଅଞ୍ଚଳର ଅଧିବାସୀମାନେ ପୋଡୁଚାଷ ପାଇଁ ନିଆଁ ଲଗାଇବା ସମୟରେ ଏହା ବିଭିନ୍ନ ଅଞ୍ଚଳକୁ ବ୍ୟାପୀ ଯାଇଥାଏ। ସେହିଭଳି ବନାଞ୍ଚଳରେ ରହୁଥିବା ଅଧିକାରୀ, ଶିକାରୀ ଓ ପର୍ଯ୍ୟଟକଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗୁଥିବା କୁହାଯାଉଛି। ତେବେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଯଥେଷ୍ଟ ହୋଇପାରୁ ନାହିଁ। ଫାୟାର ଆକ୍ସନ ପ୍ଲାନ, ଫାୟାର ଲାଇନ୍ କିମ୍ବା ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଏଫ୍‌ଏସ୍‌ଆଇ ପକ୍ଷରୁ ୨୦୦୪ ମସିହାରୁ ସାଟେଲାଇଟ୍ ଜରିଆରେ ନିଆଁ ଲାଗିଥିବା ସ୍ଥାନ ଚିହ୍ନଟ କରାଯାଉଛି। ଏସ୍‌ଏନ୍‌ପିପି ଏବଂ ଏମ୍‌ଓଡିଆଇଏସ୍ (ମୋଡିସ୍) ସାଟେଲାଇଟ୍ ଦିନରେ ୪ଥର ଅର୍ଥାତ୍ ପୂର୍ବାହ୍ନ ୧୦ଟା, ଅପରାହ୍ନ ୧ଟା, ରାତି ୧୦ଟା ଏବଂ ରାତି ୧ଟାରେ ଫଟୋ ଉଠାଇ ବନ ବିଭାଗ ପାଖକୁ ପଠାଇଥାଏ। ମାତ୍ର ସାଟେଲାଇଟ୍‌ରୁ ଫଟୋ ପାଇ ତାହାକୁ ଲିଭାଇବାକୁ ଗଲାବେଳକୁ ନିଆଁ ବ୍ୟାପିଯାଉଛି। ଫଳରେ ଏହାକୁ ଆୟତ୍ତ କରିବା ବିଭାଗ ପାଇଁ କଷ୍ଟକର ହୋଇପଡୁଛି। ଅପରପକ୍ଷେ ସାତକୋଶିଆ, ଢେଙ୍କାନାଳର ହିନ୍ଦୋଳ, ଅନୁଗୋଳର ବନ୍ତଳା, ଡେବ୍ରିଗଡ଼ ଭଳି ଜଙ୍ଗଲରେ ଏଆଇ କ୍ୟାମେରା ଲାଗିବା ନେଇ ପ୍ରସ୍ତାବ ରହିଥିଲା। ମାତ୍ର ଆଜିଯାଏ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏଆଇ କ୍ୟାମେରା ଲାଗିଲେ ଜଙ୍ଗଲ ନିଆଁ ସମେତ ଜୀବଜନ୍ତୁ ଶିକାର, ଶିକାରୀଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଦିଗ ଉପରେ ନଜର କରିହେବ। ମାତ୍ର ବନ ବିଭାଗ ଏ ଦିଗରେ ଯଥେଷ୍ଟ ଧ୍ୟାନ ଦେଉ ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏନେଇ ପିସିସିଏଫ୍ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଜାନୁଆରୀରୁ ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ସାଧାରଣତଃ ଜଙ୍ଗଲରେ ନିଆଁ ଲାଗିଥାଏ। ତେବେ ମାର୍ଚ୍ଚରୁ ଏପ୍ରିଲ୍ ହେଉଛି ଜଙ୍ଗଲ ନିଆଁର ପିକ୍ ସମୟ। ଜଙ୍ଗଲ ନିଆଁ ପାଇଁ ବନବିଭାଗ ଯଥେଷ୍ଟ ସଚେତନ ରହିଛି। ପ୍ରତ୍ୟେକ ଜିଲାରେ ଫାୟାର ଆକ୍ସନ ପ୍ଲାନ ସହିତ ଫାୟାର ଲାଇନ୍ ତିଆରି କରାଯାଉଛି। ଫାୟାର ଲାଇନ୍ ଅନ୍ତର୍ଗତ ଜଙ୍ଗଲ ମଧ୍ୟରେ ଗୋଟେ ଗୋଟେ ସ୍ଥାନରେ ଘାସକୁ କାଟିଦିଆଯାଏ। ଏହାଦ୍ୱାରା ଜଙ୍ଗଲରେ ନିଆଁ ଲାଗିଲେ ତାହା ବ୍ୟାପିବାରେ ସମର୍ଥ ହୋଇ ନ ଥାଏ। ସାଟେଲାଇଟ୍ ଜରିଆରେ ନିଆଁ ଲାଗିବା ନେଇ ସୂଚନା ପାଇଲେ ତୁରନ୍ତ ତାହା ଆପ୍ ମାଧ୍ୟମରେ ବନ କର୍ମଚାରୀଙ୍କ ପାଖକୁ ମେସେଜ୍ ଯାଇଥାଏ। ଏଥିପାଇଁ ୭ହଜାର ପଞ୍ଜୀକୃତ ମୋବାଇଲ ରହିଛି। ନିଆଁ ଲିଭାଯିବା ପରେ ଫଟୋ ଉଠାଇ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯାଉଛି। ରାଜ୍ୟରେ ୨୭୦ ଫାୟାର ସ୍କ୍ୱାଡ୍ ରହିଛନ୍ତି। ଗାଡ଼ି ସମେତ ସେମାନଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରାଯାଉଛି। ଏବେ କେବଳ ଶିମିଳିପାଳ ଜଙ୍ଗଲରେ ୫ଟି ଏଆଇ କ୍ୟାମେରା ଲାଗିଥିବାବେଳେ ଖୁବ୍‌ଶୀଘ୍ର ସାତକୋଶିଆ, ହିନ୍ଦୋଳ ଏବଂ ଅନ୍ୟାନ୍ୟ ପ୍ରସ୍ତାବିତ ଅଞ୍ଚଳରେ ଏଆଇ କ୍ୟାମେରା ଲଗାଯିବ ବୋଲି ବିଶ୍ୱାଳ କହିଛନ୍ତି।

## ଆମେରିକାରେ ବିମାନ...

ସଂଘୀୟ ବିମାନ ଚଳାଚଳ ପ୍ରଶାସନର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ବୁଧବାର ରାତି ୯ଟା ପୂର୍ବରୁ ହ୍ୱାଇଟ୍ ହାଉସ୍ ଏବଂ କ୍ୟାପିଟୋଲ୍‌ଠାରୁ ମାତ୍ର ୩ ମାଇଲ୍ ଦୂରରେ ଏହି ଦୁର୍ଘଟଣା ଘଟିଛି। ଆଞ୍ଚଳିକ ବିମାନଟି ରେଗାନ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣ ସମୟରେ ପ୍ରଶିକ୍ଷଣ ଉଡ଼ାଣରେ ଥିବା ସେନା ହେଲିକପ୍ଟରକୁ ଧକ୍କା ଦେଇଥିଲା। ସେତେବେଳେ ବିମାନଟି ପ୍ରାୟ ୪୦୦ ମିଟର ଉଚ୍ଚରେ ଥିବାବେଳେ ଏହାର ବେଗ ଘଣ୍ଟାପ୍ରତି ୧୪୦ ମାଇଲ୍ ଥିଲା ବୋଲି ରେଡିଓ ଟ୍ରାନ୍ସପଣ୍ଡର ତଥ୍ୟରୁ ଜଣାପଡ଼ିଛି। ରେଗାନ ନ୍ୟାଶନାଲ ଏୟାରପୋର୍ଟର ୩୩ ନମ୍ବର ରନ୍‌ୱେରେ ବିମାନ ଅବତରଣ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଅନୁମତି ଦେଇଥିଲେ। ଦୁର୍ଘଟଣାର ୩୦ ସେକେଣ୍ଡରୁ କମ୍ ସମୟ ପୂର୍ବରୁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ହେଲିକପ୍ଟରକୁ ପଚାରିଥିଲେ, ବିମାନ ଅବତରଣ କରୁଥିବାର ଦେଖିପାରୁଛି କି? ମୁହୂର୍ତ୍ତକ ପରେ କଣ୍ଟ୍ରୋଲର ହେଲିକପ୍ଟରକୁ ଆଉ ଏକ ରେଡିଓ କଲ୍‌ରେ 'ପିଏଟି ୨୫ ପାସ୍ ବିହାଇଣ୍ଡ ଦି ସିଆରଜେ' ବୋଲି କହିଥିଲେ। ଏହାର କେଇ ସେକେଣ୍ଡ ପରେ ୨ ବିମାନ ମଧ୍ୟରେ ଧକ୍କା ହୋଇଥିଲା। ରନ୍‌ୱେର ୨,୪୦୦ ଫୁଟ୍ ପୂର୍ବରୁ ଅର୍ଥାତ୍ ନଦୀର ମଧ୍ୟଭାଗରେ ବିମାନର ରେଡିଓ ଟ୍ରାନ୍ସପଣ୍ଡର ବନ୍ଦ ହୋଇଯାଇଥିଲା। ବିମାନ ଦୁଇଟି ଧକ୍କା ହେବା ପରେ ଜଳିଯାଇଥିବା ନିକଟସ୍ଥ କେନେଡି ସେଣ୍ଟରରେ ଥିବା ଅବଜରଭେଶନ କ୍ୟାମେରା ଭିଡିଓରୁ ଦେଖିବାକୁ ମିଳିଛି।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା'...

ବିକାଶ ପାଇଁ ରାସ୍ତା, ସେତୁ, ସ୍କୁଲଘର, କ୍ରୀଡ଼ା, ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଭଳି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ୩୫ ପ୍ରତିଶତ ଅନୁଦାନ କେବଳ ଗ୍ରାମାଞ୍ଚଳ ସଡ଼କ ବିକାଶ ପାଇଁ ବ୍ୟବହାର କରାଯିବାକୁ ଥିବାବେଳେ ୪୦ ପ୍ରତିଶତ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି(ଆଇଟିଡିଏ) ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଖର୍ଚ୍ଚ କରାଯିବ। ତତ୍କାଳୀନ ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୨୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ପ୍ରକଳ୍ପଗୁଡ଼ିକୁ ମଧ୍ୟ ଏହି ନୂତନ ଯୋଜନାରେ ସମ୍ପୂର୍ଣ୍ଣ କରାଯିବ। ପ୍ରତ୍ୟେକ ବର୍ଷ ଫେବୃଆରୀ ୧୪ ସୁଦ୍ଧା ଗ୍ରାମସଭା ୫ ବର୍ଷିଆ ପ୍ରସ୍‌ପେକ୍ଟିଭ ଯୋଜନା ପ୍ରସ୍ତୁତ କରିବେ। ଏହାକୁ ଆଧାର କରି ବ୍ଲକଗୁଡ଼ିକ ଫେବୃଆରୀ ୧୮ ସୁଦ୍ଧା ବାର୍ଷିକ ଯୋଜନା ପ୍ରସ୍ତୁତ କରିବେ। ଗ୍ରାମପଞ୍ଚାୟତ ଦ୍ୱାରା ଦାଖଲ କରାଯାଇଥିବା ପ୍ରକଳ୍ପଗୁଡ଼ିକୁ ବ୍ଲକସ୍ତରରେ ଏକ ବୈଷୟିକ କମିଟି ଦ୍ୱାରା ଯାଞ୍ଚ କରାଯିବ। ପଞ୍ଚାୟତ ସମିତି ପକ୍ଷରୁ ସେହି ପ୍ରକଳ୍ପଗୁଡ଼ିକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ଫେବୃଆରୀ ୨୦ ତାରିଖ ସୁଦ୍ଧା ଜିଲାପାଳଙ୍କ ନିକଟରେ ଦାଖଲ କରାଯିବ। ଏହି ଯୋଜନାରେ ସର୍ବନିମ୍ନ ପ୍ରକଳ୍ପମୂଲ୍ୟ ୩ଲକ୍ଷ ଟଙ୍କା ରଖାଯାଇଛି। ସର୍ବାଧିକ କେତେ ଖର୍ଚ୍ଚ ହେବ ତାହା ଉଲ୍ଲେଖ କରାଯାଇ ନାହିଁ। ଏସବୁ ପ୍ରକଳ୍ପବେଳେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟ ଓ ଜଳଜୀବନ ମିଶନରେ ପାଇପଯୋଗେ ପାନୀୟ ଜଳ ଯୋଗାଣ ସଂଯୋଗ ମଧ୍ୟ ଦିଆଯାଇପାରିବ ବୋଲି ଗାଇଡ୍‌ଲାଇନରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଯୋଜନା ଅର୍ଥ ଖର୍ଚ୍ଚ କରିବେ। ପଞ୍ଚାୟତିରାଜ ବିଭାଗରୁ ସିଧାସଳଖ ଏହି ପାଣ୍ଠି ଜିଲା ପରିଷଦକୁ ଯିବ। ସେଠାରୁ ବ୍ଲକ ଓ ପଞ୍ଚାୟତକୁ ପଠାଯିବ; ଯାହାକି ଜନସଂଖ୍ୟା ଆଧାରରେ ବଣ୍ଟନ କରାଯିବ। ଏଥିସହିତ ୱେବ୍ ଆଧାରିତ ଏମ୍‌ଆଇଏସ୍ ଏବଂ ମୋବାଇଲ ଆପ୍ ମଧ୍ୟ ଏଥିପାଇଁ ବିକଶିତ କରାଯାଇଛି। ଜିଲାପାଳମାନେ ନିୟମିତ ଭାବେ ଏହି କାର୍ଯ୍ୟକୁ ସମୀକ୍ଷା କରିବେ।

ଏହି ନୂତନ ଯୋଜନା ସମ୍ପର୍କରେ ମତଦେଇ ବିଜେଡିର ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର କହିଛନ୍ତି, ପୂର୍ବ ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ କରିବା କିମ୍ବା ନୂଆ ଗାଇଡ୍‌ଲାଇନ ଜାରି କରିବାର କୌଣସି ଯଥାର୍ଥତା ନ ଥିଲା। ସମାନ କାମ ପୂର୍ବ ଯୋଜନା ଅନୁଯାୟୀ କରାଯାଇ ପାରିଥାଆନ୍ତା। ଭାଜପା ସରକାରକୁ ମାତ୍ର ୭ ମାସ ହୋଇଛି। ପୂର୍ବ ସରକାରଙ୍କୁ ଦୋଷ ନ ଦେଇ ରାଜ୍ୟ ସରକାର ନୂଆ ଯୋଜନା ଓ କାର୍ଯ୍ୟକ୍ରମ କରି ଆଗକୁ ବଢ଼ିବା କଥା ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ନୀଳମାଧବ ହିକ୍କା ଭାଜପା ଓ ବିଜେଡିକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସହିତ ତୁଳନା କରିଛନ୍ତି। ସେ କହିଛନ୍ତି, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ମିଳିତ ସରକାର ଚଳାଉଥିଲେ। ବିଜେଡି ଭଳି ଭାଜପା ସରକାର ମଧ୍ୟ ମିଥ୍ୟା ପ୍ରତିଶ୍ରୁତି ଦେଇ ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଭାଜପା ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ଭାଜପା ସରକାର ନୂଆ ଯୋଜନା କରୁଥିବାରୁ ବିରୋଧୀ ହତୋତ୍ସାହିତ ହୋଇ ଏଭଳି କଥା କହୁଛନ୍ତି। ବିଜେଡି ସରକାର ୫ଟି ନାଁରେ ଦୁର୍ନୀତିରେ ବୁଡ଼ି ରହିଥିଲା। ଗ୍ରାମାଞ୍ଚଳର ବିକାଶ ପାଇଁ କିଛି କରି ନ ଥିଲା ବୋଲି ସରୋଜ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶରେ ଶନି ସହ ଚନ୍ଦ୍ର ସଂଯୋଗ ଆପଣଙ୍କ ପାଇଁ ଶୁଭଫଳ ପ୍ରଦାନ କରିବେ। ନିକଟ ସମ୍ପର୍କୀୟମାନଙ୍କ ସାଦର ସମ୍ବର୍ଦ୍ଧନାରୁ ଖୁସି ରହିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ସାଧାରଣ କଥାକୁ କେନ୍ଦ୍ରକରି ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନିକ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସହଯୋଗ ଫଳରେ ଭ୍ରାତୃବିବାଦ ତୁଟିଯିବ। ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇପାରିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହୋଇପାରନ୍ତି।

**କର୍କଟ** ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ଆଜି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ କାରଣରୁ କାମ ସ୍ଥଗିତ ରହିଯାଇପାରେ। ଅଫିସରେ ଉପରିସ୍ଥଙ୍କ ବାଧ ବାଧକତାରେ କେତେକ କାମ କରିବାକୁ ପଡିବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ** ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, ଯାହାକି କାର୍ଯ୍ୟର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ସାମ୍ବାଦିକତାରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ।


**ଧନୁ** ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେଇପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ନ ରହି ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାର ଅସୁବିଧା ହେବ ନାହିଁ।

**ମକର** ମାନସିକ ଅଶାନ୍ତି ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରିଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଜମିଜମା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ମିଳିପାରେ। ଜମି କିଣାବିକା କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ମୀନ** ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜାନୁଆରୀ ୩୧ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତୃତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୬ ଗତେ ଘ.୦୭.୫୫ ମଧ୍ୟେ ଅମୃତବେଳା। ଦିବା ଘ.୧୦.୫୬ ଗତେ ଘ.୦୧.୦୭ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧.୨୩ ଗତେ ଘ.୦୨.୪୭ ମଧ୍ୟେ ରାହୁ କାଳ।




# ଘରେ ପଶିଲା କେନାଲ ପାଣି

## ଆଉଁଳି ମୁଖ୍ୟ କେନାଲରେ ଘାଇ, ୫୦ ପରିବାର ପ୍ରଭାବିତ

ଛେଣ୍ଡିପଦା,୩୦।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କର୍ଣ୍ଣପାଳ ଗାଁ ନିକଟ ଦେଇ ଯାଇଥିବା ଆଉଁଳି ମୁଖ୍ୟ କେନାଲରେ ବୁଧବାର ରାତିରେ ଘାଇ ସୃଷ୍ଟି ହୋଇଛି। ଫଳରେ ଗାଁ ଭିତରେ ପାଣି ପଶିବା ସହ ୫୦ ପରିବାର ପ୍ରଭାବିତ ହୋଇଛନ୍ତି। ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି।

ପ୍ରକାଶ ଯେ, କଣଲୋଇ ପଞ୍ଚାୟତ ଗଡ଼ା ଜଳସେଚନ ପ୍ରକଳ୍ପର ଗଡ଼ାଠାରୁ ନୂଆଗାଁ ଯାଇଥିବା ଆଉଁଳି ମୁଖ୍ୟ କେନାଲର କର୍ଣ୍ଣପାଳ ଗାଁ ନିକଟ ବନ୍ଧରେ ୨ ଦିନ ପୂର୍ବରୁ ଘଳିଆ ପଡ଼ିଥିଲା। ଏ ନେଇ ଗ୍ରାମବାସୀ ଜଳସେଚନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିଳମ୍ବିତ ରାତିରେ କର୍ଣ୍ଣପାଳ ଗାଁ କେନାଲ ସାହି କୋଠଘର ନିକଟରେ କେନାଲ ବନ୍ଧରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ କେନାଲ ପାଣି ଗାଁ ଭିତରକୁ ମାଡ଼ିଯିବା ସହ ଗ୍ରାମର ପ୍ରତାପ ମାଝୀ, ମିଲୁ ମାଝୀ, ସାବିତ୍ରୀ ମାଝୀ, ଡମ୍ବୁରୁ ମାଝୀ, ଲାଲଟୁ ମାଝୀ ପ୍ରମୁଖଙ୍କ ଘରେ ପାଣି ପଶି ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଲୋକମାନେ ରାତିରେ ଘାଇ ବାନ୍ଧିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଗୁରୁବାର ସକାଳେ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝୀ କର୍ଣ୍ଣପାଳ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସୁଇଚ ଗେଟ ବନ୍ଦ କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପରେ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କ ଘରେ ପଶିଥିବା ପାଣିକୁ ନିଷ୍କାସନ କରିବାକୁ ଉଦ୍ୟମ କରିଥିଲେ। ପରେ ଛେଣ୍ଡିପଦା ଆଡିଶନାଲ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଜଳସେଚନ ବିଭାଗର ଅବହେଳା ଯୋଗୁ ଏପରି କ୍ଷୟକ୍ଷତି ଘଟିଥିବାରୁ ଗ୍ରାମବାସୀ କ୍ଷତିପୂରଣ ଦାବି କରିଛନ୍ତି। ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀ ଦିଲୀପ ରଥ କହିଛନ୍ତି, ପୁରୁଣା କଂକ୍ରିଟ କାନ୍ଥ ମରାମତି ପୂର୍ବରୁ ଭାଙ୍ଗିଯାଇଥିଲା। କ୍ଷୟକ୍ଷତି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବା ସହ ଜିଲାପାଳଙ୍କ ସହିତ ଆଲୋଚନା କରାଯିବ।



ଘରେ ପଶିଥିବା କେନାଲ ପାଣିକୁ ଜଣେ ମହିଳା ନିଷ୍କାସନ କରିବାକୁ ଉଦ୍ୟମ କରୁଛନ୍ତି।

# ୩ରେ ଚାଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ପାଇଁ ଚାଲିବ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ଦିବା ୧୧ ଘଟିକାଠାରୁ ଆରମ୍ଭହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କୁମ୍ଭମେଳା ପାଇଁ ଯାତାୟାତ କରୁଥିବା ସ୍ୱତନ୍ତ୍ର ବସ୍ ୪ ପର୍ଯ୍ୟନ୍ତ ବାତିଲ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

- ଯେଉଁମାନେ ଟିକେଟ କରିସାରିଛନ୍ତି ସେମାନେ ଫେରସ୍ତ ନେବେ ଟଙ୍କା
- ବିଭାଗ ପକ୍ଷରୁ ୩ ସହାୟତା ନମ୍ବର ଜାରି

ମହାକୁମ୍ଭ ମେଳାରେ ଦଳାଚକଟା ଘଟଣା ପରେ ରାଜ୍ୟ ସରକାର ଓଡ଼ିଶାରୁ ଅଯୋଧ୍ୟା ଯାତାୟାତ କରୁଥିବା ବସ୍‌ସେବାକୁ ବାତିଲ କରିଛନ୍ତି। ଅପ୍ରୀତିକର ପରିସ୍ଥିତି ଯୋଗୁ ମହାକୁମ୍ଭ ମେଳା ୨୦୨୫ ପାଇଁ ଓଡ଼ିଶାରୁ ଅଯୋଧ୍ୟା ଯାଉଥିବା ଓଡ଼ିଶା ପରିବହନ ନିଗମର ସ୍ୱତନ୍ତ୍ର ବସ୍ ସେବାକୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି।

ଓଡ଼ିଶା ରାଜ୍ୟ ପରିବହନ ନିଗମ ନିଜର 'ଏକ୍ସ' ହ୍ୟାଣ୍ଡେଲ ମାଧ୍ୟମରେ ଏହି ଜରୁରୀ ସୂଚନା ଜାରି କରିବା ସହ ଶ୍ରଦ୍ଧାଳୁଙ୍କ ଅସୁବିଧା ପାଇଁ ଦୁଃଖ ବ୍ୟକ୍ତ କରିଛି। ଏହା ସହ ଯେଉଁମାନେ ଟିକେଟ କରିସାରିଛନ୍ତି ସେମାନେ ଟଙ୍କା ଫେରସ୍ତ ନେବା ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ନିଗମ ପକ୍ଷରୁ ୩ଟି ସହାୟତା ନମ୍ବର(ହ୍ୱାଟ୍ସଆପ୍-୭୮୪୯୦୫୨୨୦୫, ମୋବାଇଲ ନମ୍ବର-୯୯୩୭୫୪୭୭୭୩, ୧୮୦୦୩୪୫୧୧୨୨) ମଧ୍ୟ ଜାରି କରାଯାଇଛି।

ସୂଚନାଯୋଗ୍ୟ, ପ୍ରୟାଗରାଜଠାରେ ମହାକୁମ୍ଭ ମେଳାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଆରାମଦାୟକ ବସ୍‌ସେବା ଆରମ୍ଭ କରିଥିଲେ। ଏହି ବସ୍ ପୁରୀ, ସମ୍ବଲପୁର,ଭବାନୀପାଟଣା ଓ ବ୍ରହ୍ମପୁର ସହରରୁ ବାରାଣସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ଯାଉଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଅଯୋଧ୍ୟାଠାରେ ମଧ୍ୟ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଥିଲା। ତେବେ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବସ୍ ସେବାକୁ ଅସ୍ଥାୟୀ ଭାବେ ବାତିଲ କରିଥିବା ଜଣାପଡ଼ିଛି।

# ପ୍ରଥମ ଥର ମା' ହେଲା ସିମ୍ପାଞ୍ଜି 'ଦୁର୍ଗା'

ବାରଙ୍ଗ, ୩୦।୧ (ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସିମ୍ପାଞ୍ଜି 'ରାକ୍ଷୀ' ପରେ ଏବେ ସିମ୍ପାଞ୍ଜି 'ଦୁର୍ଗା' ପ୍ରଥମ ଥର ପାଇଁ ମା' ହୋଇଛି। ଉଦ୍ୟାନର ୬୦(କ) ନମ୍ବର ଖୁଆଡ଼ରେ ରହି ପର୍ଯ୍ୟଟକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା 'ଦୁର୍ଗା' ଗୁରୁବାର ବଡ଼ିଭୋର ସମୟରେ ଏକ ଶାବକ ଜନ୍ମ ଦେଇଛି। ଜନ୍ମ ପରେ ମା' ଓ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା ରଖାଯାଇଥିବାବେଳେ ଶାବକର ଲିଙ୍ଗ ଚିହ୍ନଟ ହୋଇ ଅଣ୍ଡିରା ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଯେ, 'ଦୁର୍ଗା' ପ୍ରାଣୀ ଉଦ୍ୟାନରେ ଜନ୍ମ ହୋଇଥିବା ବେଳେ ତାକୁ ଏବେ ୭ ବର୍ଷ ୪ ମାସ ଚାଲିଛି। ୧୯୯୪ ମସିହା ମେ' ୧୬ରେ ସିଙ୍ଗାପୁର ଚିଡ଼ିଆଖାନାରୁ ଆସିଥିବା ପୁରୁଷ ସିମ୍ପାଞ୍ଜି 'ଜୁଲୁ' ସହ 'ଦୁର୍ଗା'ର ୨୦୨୪ ମେ' ୨୬ରୁ ୨୯ରେ ପ୍ରଥମେ ମିଳନ କରାଯାଇଥିଲା। ପରେ ପୁଣି ଜୁନ୍ ୨ରୁ ୬ରେ ମିଳନ କରାଯାଇଥିଲା। ନନ୍ଦନକାନନ ଡାକ୍ତର 'ଦୁର୍ଗା'ର ରକ୍ତ ପରୀକ୍ଷା କରିବାରୁ ସେ ମା' ହେବାକୁ ଯାଉଥିବା ଜଣାପଡ଼ିଥିଲା। ସେବେଠାରୁ 'ଦୁର୍ଗା' ଉପରେ ନନ୍ଦନକାନନ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲା। ଦୀର୍ଘ ୨୩୮ ଦିନର ଗର୍ଭଧାରଣ ପରେ ଗୁରୁବାର ସେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକକୁ ମିଶାଇ ସିମ୍ପାଞ୍ଜି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସେଥିରେ ୩ଟି ଅଣ୍ଡିରା, ୫ଟି ମାଈ ରହିଛନ୍ତି।



# ଫେବୃଆରୀ ୧୫ ଯାଏ ବଢ଼ିଲା ଇ-କେୱାଇସି ଅପ୍‌ଡେଟ୍ ଅବଧି

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ରାଶନ କାର୍ଡ ପାଇଁ ଇ-କେୱାଇସି ଅପଡେଟ୍ ସମୟସୀମା ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଜାନୁଆରୀ ୩୧ ବଦଳରେ ପୁଣି ଥରେ ରାଜ୍ୟ ସରକାର ଏହି ଡେଡ୍‌ଲାଇନକୁ ବୃଦ୍ଧି କରିଛନ୍ତି । ଆହୁରି ୪୧ ଲକ୍ଷ ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ଲିଖିତ ଅନୁରୋଧ ମିଳିବା ପରେ ଏହି ଅବଧି ବଢ଼ାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଅନ୍ୟପକ୍ଷରେ କେଉଁମାନେ ରାଶନ କାର୍ଡ ଫେରାଇବେ ଓ କିଏ ରଖିବେ, ତାକୁ ନେଇ ହିତାଧିକାରୀଙ୍କ ଭିତରେ ଦ୍ୱନ୍ଦ୍ୱ ଦେଖାଦେଇଛି। ତେବେ କମ୍ ଦରମା ପାଉଥିବା ଘରୋଇ ଏବଂ ଠିକା କର୍ମଚାରୀମାନେ କାର୍ଡ ଫେରସ୍ତ କରିବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଠିକା କର୍ମଚାରୀ ଏବଂ ୧୦/୧୨ ହଜାର ଟଙ୍କା ଦରମା ପାଉଥିବା ଘରୋଇ କର୍ମଚାରୀ ରାଶନ କାର୍ଡ ଫେରାଇବାର ଆବଶ୍ୟକତା ନାହିଁ। ତେବେ ଯେଉଁମାନେ ଆୟକର ରିଟର୍ନ ଦାଖଲ କରୁଛନ୍ତି କିମ୍ବା ୩୦/୪୦ ହଜାର ଦରମା ପାଉଛନ୍ତି, ସେମାନେ କାର୍ଡ ଫେରାଇବା ଦରକାର। ଯଦି ନ ଫେରାଇବେ ତେବେ ପରବର୍ତ୍ତୀ ସମୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭୂତ ହିତାଧିକାରୀ ଚିହ୍ନଟ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ଜୁନ୍ ମାସରୁ ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଆରମ୍ଭ କରିଥିଲେ ; ଯାହାର ସମୟସୀମା ପ୍ରଥମେ ଡିସେମ୍ବର ୩୧, ପରେ ଜାନୁଆରୀ ୧୫ ଏବଂ ତା'ପରେ ଜାନୁଆରୀ ୩୧ ଧାର୍ଯ୍ୟ କରାଯାଇଥିଲା। ସମସ୍ତ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ନ ଥିବାରୁ ରାଜ୍ୟ ସରକାର ଚତୁର୍ଥ ଥର ଲାଗି ସମୟସୀମା ପୁଣି ବଢ଼ାଇଛନ୍ତି।

# ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଆନନ୍ଦପୁର,୩୦।୧ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଧୀନ ଶୈଳଙ୍ଗ ଗାଁ ନିକଟସ୍ଥ ୨୦ନଂ. ଜାତୀୟ ରାଜପଥରେ ଗୁରୁବାର ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚଉମୁହଁ କଲୋନୀର ଶିବମ୍ ଦେହୁରୀ ଓ ସିପୁନ ଖଟୁଆ। ଗୁରୁତର ଦୀପକ ଦେହୁରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ୩ ଯୁବକ କେନ୍ଦୁଝର ଆଡ଼କୁ ଯାଉଥିବା ସମୟରେ ଏକ ମେଟାଲ ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ୧୧ଘଣ୍ଟା ଧରି ରାସ୍ତାରୋକୋ, ଉତ୍ତେଜନା


## ହାତୀ ଆକ୍ରମଣରେ ବାଳିକା ମୃତ



କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରୋକ କରିଛନ୍ତି।

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ହିନ୍ଦୋଳ ରୋନ ଫାଣ୍ଡି ବଦାଳୋ ହାଣ୍ଡିଫୁଟା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ପ୍ରମୋଦ ନାୟକଙ୍କ ଚାଳ ଘରକୁ ଭାଙ୍ଗିବା ସହ ଘରେ ଶୋଇଥିବା ତାଙ୍କର ୮ବର୍ଷର ଝିଅ ପିହୁ ଓରଫ୍ ପ୍ରିୟଙ୍କା ନାୟକଙ୍କୁ ଦଳିଚକଟି ମାରି ଦେଇଥିଲା। ଏହି ଘଟଣାରେ ପ୍ରମୋଦ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁବାର ସକାଳେ ଏହି ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ଓ ପରିବାର ସଦସ୍ୟ ଗୁଡିଆକାଟେଣୀ-ହିନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତାର ହାଣ୍ଡିଫୁଟାଠାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ଦାବି ସହିତ ଏକ ଘର ପ୍ରଦାନ, ଗ୍ରାମରେ ଆଲୋକୀକରଣ ସହିତ ଉକ୍ତ ଅଞ୍ଚଳରୁ ହାତୀକୁ ତୁରନ୍ତ ଘଉଡ଼ାଇବା ପାଇଁ ଦାବିକରି ରାସ୍ତାରୋକ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ବିଡିଓ କଲ୍ୟାଣ ସୌରଭ ଦାସ, ଏସ୍‌ଡିପିଓ ନଳିତା ମୋଦି, ରେଞ୍ଜର ଗୌତମ ପ୍ରଧାନ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମୋଟଙ୍ଗା ଥାନାରେ ଏ ନେଇ କେସ୍ ନଂ-୧।୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ହାତୀ ଆକ୍ରମଣରେ ମୃତ ବାଳିକାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୬ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୪ଘଣ୍ଟା ମଧ୍ୟରେ ୧୦ ପ୍ରତିଶତ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ । ସେହିପରି ଉକ୍ତ ଅଞ୍ଚଳରେ ଆଲୋକୀକରଣ ପାଇଁ ପଦକ୍ଷେପ ନିଆଯାଉଛି । ସମ୍ପୃକ୍ତ ଅଞ୍ଚଳରେ ୪୮ଟି ହାତୀ ରହୁଛନ୍ତି। ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହାତୀପଲ ଝାଡ଼ବନ୍ଧ ଗ୍ରାମ ଆଡ଼କୁ ମୁହାଁଇଛନ୍ତି। ବନ କର୍ମଚାରୀମାନେ ସେମାନଙ୍କ ଉପରେ ନଜର ରଖିଛନ୍ତି ।



ମନେରଖ ! ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ–ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ।–ଶ୍ରୀଅରବିନ୍ଦ



# ଜଳବାୟୁ ବିସ୍ଥାପନ ଓ ସ୍ୱାସ୍ଥ୍ୟ ସଙ୍କଟ



ଜୟଶ୍ରୀ କେ. ଆୟାର

ପ୍ରତିବର୍ଷ ବନ୍ୟା, ମରୁଡ଼ି, ବନାଗ୍ନି ଓ ବାତ୍ୟାରେ ୨୧.୫ ମିଲିୟନ ଲୋକ ବିସ୍ଥାପିତ ହେବାକୁ ବାଧ୍ୟ ହେଉଛନ୍ତି। ଏହି ସଂଖ୍ୟା ଆଗାମୀ ଦଶନ୍ଧିଗୁଡ଼ିକରେ ଅଧିକ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏପରିକି ୨୦୫୦ ସୁଦ୍ଧା ପାଖାପାଖି ୧.୨ ବିଲିୟନ ଲୋକ ଘର ଛାଡ଼ିବେ ବୋଲି ଆକଳନ କରାଯାଇଛି। ବ୍ୟାପକ ହେଉଥିବା ଜଳବାୟୁ ସଙ୍କଟ କେବଳ ଏକ ମାନବୀୟ ବିପର୍ଯ୍ୟୟ ନୁହେଁ ବରଂ ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ବଡ଼ ବିପଦ। ଜଳବାୟୁ ବିସ୍ଥାପନ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଓ ଏହା ଚିକିତ୍ସା ସେବାରେ ବାଧକ ସାଜିଛି। ଫଳରେ ଚିକିତ୍ସା ପାଇଁ ଜଳବାୟୁ ପ୍ରଭାବିତ ଲୋକେ ଡାକ୍ତର, ଡାକ୍ତରଖାନା, ଏବଂ ସ୍ୱାସ୍ଥ୍ୟକର୍ମୀ ପାଇପାରୁନାହାନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଘଟୁଥିବା ସ୍ଥାନାନ୍ତର ଯୋଗୁ ଦାରିଦ୍ର୍ୟ ବଢୁଛି। କମ୍ ଜାଗାରେ ସ୍ଥାନାନ୍ତରିତ ଲୋକମାନେ ଅଧିକ ରହିବାକୁ ବାଧ୍ୟ ହେଉଛନ୍ତି ଏବଂ ସାମାଜିକ ଅସ୍ଥିରତା ସୃଷ୍ଟି ହେଉଛି। ଅନେକ ସମୟରେ ଖାଦ୍ୟ ଉତ୍ପାଦନ ଗମ୍ଭୀର ଭାବେ ପ୍ରଭାବିତ ହେଉଥିବାବେଳେ ଅପରିଷ୍କାର ପରିବେଶରେ ସଂକ୍ରାମକ ରୋଗ ବ୍ୟାପୁଛି। ଜଳବାୟୁ ସଙ୍କଟ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ବାଧା ଦେଉଥିବାରୁ ଅନେକ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ରତି ବିପଦ ଉପୁଜିଛି। ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକ ଲୋକ ମଧ୍ୟ ସୁରକ୍ଷିତ ନୁହନ୍ତି। ୨୦୨୨ରେ କେବଳ ଆମେରିକାରେ ୩.୨ ନିୟୁତ ବୟସ୍କ ପ୍ରାକୃତିକ ବିପର୍ଯ୍ୟୟ ହେତୁ ବିସ୍ଥାପିତ କିମ୍ବା ସ୍ଥାନାନ୍ତର ହୋଇଥିଲେ।

ଫାର୍ମାସ୍ୟୁଟିକାଲ ବା ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବିଶ୍ୱ ସ୍ୱାସ୍ଥ୍ୟ ସାମର୍ଥ୍ୟକୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଜରୁରୀ। ବିଶେଷକରି ଯୁଦ୍ଧାଞ୍ଚଳରେ ସେମାନଙ୍କ ଯୋଗଦାନ ଅଧିକ ରହିବା ଦରକାର। କାରଣ ଏହି ଅଞ୍ଚଳରେ ଜୀବନ ରକ୍ଷାକାରୀ ଔଷଧ ଏବଂ ଟିକା ଯୋଗାଣରେ ପ୍ରାୟତଃ ଅଧିକ ଅଭାବ ରହିଛି। ଫାର୍ମାସ୍ୟୁଟିକାଲ ଶିଳ୍ପଗୁଡ଼ିକ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହ୍ରାସ କରିବାରେ ଅଧିକ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ହେଲେ ଏହିସବୁ ପଦକ୍ଷେପ ଜଳବାୟୁ ପରିବର୍ତ୍ତନ ଯୋଗୁ ଯୋଗାଣ ଶୃଙ୍ଖଳରେ ଦେଖାଯାଇଥିବା ବାଧା ଦୂରକରିପାରୁନାହିଁ। ଏହିସବୁ ବିପଦ ୨୦୧୭ରେ ସମ୍ପୂର୍ଣ୍ଣ ଭାବେ ପ୍ରକାଶ ପାଇଥିଲା, ଯେତେବେଳେ ହୁରିକେନ୍ ମାରିଆ ପୁର୍ଟୋ ରିକୋର ଔଷଧ ଉତ୍ପାଦନ ସେକ୍ଟରକୁ ଧ୍ୱଂସ କରିଦେଇଥିଲା। ସେତେବେଳେ ଆମେରିକାରେ ବ୍ୟବହାର ହେଉଥିବା ଔଷଧର ୧୦% ଏଠାରେ ଉତ୍ପାଦନ ହେଉଥିଲା। ଯେପରିକି ନୋଭାର୍ଟିସ ଏବଂ ନୋଭୋ ନୋର୍ଡିସ୍କ ଭଳି କେତେକ ଔଷଧ ନିର୍ମାତା କମ୍ପାନୀ ଅତ୍ୟଧିକ ଜଳବାୟୁ ବିପର୍ଯ୍ୟୟ ଦ୍ୱାରା ବିସ୍ଥାପିତ ଲୋକଙ୍କୁ ସହଯୋଗ କରିବାକୁ କାର୍ଯ୍ୟକ୍ରମ



ଆରମ୍ଭ କରିଥିଲେ। ଅପରପଟେ, ଆଉ କିଛି କମ୍ପାନୀ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଅର୍ଥ କିମ୍ବା ଔଷଧ ଯୋଗାଇଥିଲେ। ଜଳବାୟୁ ସଙ୍କଟ ଓ ମାନବୀୟ ଆବଶ୍ୟକତା ବଢୁଥିବାରୁ ଏହିସବୁ ଦାନ ପରିମାଣ ବୃଦ୍ଧି କରିବାକୁ ଦାବି ହେଉଛି। ଜୋର୍ଡାନର ଔଷଧ ଉତ୍ପାଦନକାରୀ କମ୍ପାନୀ ହିକ୍ମା ୨୦୨୦ରେ ୪ ମିଲିୟନ ଓ ୨୦୨୩ରେ ୪.୯ ମିଲିୟନ ଆମେରିକୀୟ ଡଲାର ଦାନକରିଥିଲା। ଏଥିରୁ ଅଧିକାଂଶ ଜୋର୍ଡାନର ଆଖପାଖ ଅଞ୍ଚଳରେ ବିନିଯୋଗ କରାଯାଇଥିଲା। ତେବେ ବିସ୍ଥାପିତ ସମୁଦାୟଗୁଡ଼ିକ କିଭଳି ସ୍ଥାୟୀ ଭାବେ ସ୍ୱାସ୍ଥ୍ୟ ଉତ୍ପାଦ ପାଇପାରିବେ ତାହା ନିଶ୍ଚିତ କରିବାକୁ କୌଣସି କମ୍ପାନୀ ଏକ ସମନ୍ୱିତ ତଥା ବିସ୍ତୃତ ରଣନୀତି ପ୍ରସ୍ତୁତ କରିନାହାନ୍ତି। ବାସ୍ତବରେ ଏକ ବ୍ୟାପକ ସାମଗ୍ରିକ ଦୃଷ୍ଟିକୋଣ ଦରକାର। ଜାରି ରହିଥିବା ଜଳବାୟୁ ସଙ୍କଟ ମଧ୍ୟରେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଏକ ୪ସୂତ୍ରୀ ରଣନୀତି ଗ୍ରହଣ କରିବା ଉଚିତ।

ପ୍ରଥମେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ସେମାନଙ୍କ ଯୋଗାଣ ଶୃଙ୍ଖଳରେ ଉନ୍ନତି ଆଣି ଦୁର୍ଗମ ଅଞ୍ଚଳରେ ସମ୍ଭାବ୍ୟ ବିପଦରେ ରହିଥିବା ଜନ ସମୁଦାୟକୁ ଔଷଧ ଯୋଗାଇଦେଇ ପାରିବେ। ରେଫ୍ରିଜରେଟର ନ ଥିବା ଉତ୍ତପ୍ତ ଅଞ୍ଚଳରେ ବେଶିଦିନ ରହିବା ଭଳି ନୂଆ ଔଷଧ ପ୍ରସ୍ତୁତି ଦିଗକୁ ବିଚାରକୁ ନେଇପାରିବେ। ତେବେ ସେମାନେ ଜେନେରିକ୍ ଔଷଧର ବ୍ୟାପକ ବଣ୍ଟନ ପାଇଁ ଏକ ଦୃଢ଼ ବ୍ୟବସ୍ଥା ସେମାନଙ୍କ ରଣନୀତିରେ ସାମିଲକରିବା ଦରକାର। ଏହା ନୂଆକରି ସାମ୍ନାକୁ ଆସୁଥିବା ସଂକ୍ରାମକ ରୋଗର ମୁକାବିଲା କରିବାରେ ସବୁଠୁ ପ୍ରଭାବୀ ସାଧନ। ଦ୍ୱିତୀୟରେ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ଜଳବାୟୁ ସମ୍ବେଦନଶୀଳ ରୋଗକୁ ଲକ୍ଷ୍ୟକରି ଗବେଷଣା ଏବଂ ଟିକା ବିକାଶ ତଥା ଚିକିତ୍ସା, ପରୀକ୍ଷଣ କ୍ଷେତ୍ରରେ ନିବେଶ କରିବା ଆବଶ୍ୟକ। ବିଶ୍ୱତାପନ ବୃଦ୍ଧି ଯୋଗୁ ମଶାଜନିତ ରୋଗ ଯଥା ଡେଙ୍ଗୁ, ମ୍ୟାଲେରିଆ ଓ ଜିକା ଏବଂ ଜଳବାହିତ ରୋଗ ଯଥା ହଇଜା ଓ ଶିଗେଲାର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ଏହିସବୁ ରୋଗ ବିସ୍ଥାପିତ ଲୋକଙ୍କ ପାଇଁ ବେଶି ବିପଦ। କିଛି ନୂତନତ୍ୱର ଆବଶ୍ୟକତା ରହିଛି। ଏହାବାଦ୍ ବିକାଶଶୀଳ ଦେଶଗୁଡ଼ିକରେ ଅତି ଆବଶ୍ୟକ ଔଷଧର ଉପଲବ୍ଧତାରେ ଉନ୍ନତି ଆଣିଥିବା ଔଷଧ ନିର୍ମାତା କମ୍ପାନୀଗୁଡ଼ିକୁ ନେଇ ର୍ୟାଙ୍କ୍ ପ୍ରସ୍ତୁତ କରୁଥିବା ଆସେସ୍ ଟୁ ମେଡିସିନ ଇଣ୍ଡେକ୍ସ ବା ଔଷଧ ଉପଲବ୍ଧତା ସୂଚକାଙ୍କ ୨୦୨୪ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଇଛି, ନୂଆକରି ପ୍ରକାଶ ପାଉଥିବା ଭୂତାଣୁ ଏବଂ ଅଣଦେଖା କରାଯାଉଥିବା ଟ୍ରପିକାଲ ଡିଜିଜ୍ ପାଇଁ ଫାର୍ମାସ୍ୟୁଟିକାଲ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ ଡି) ପାଇପଲାଇନ ଅର୍ଥାତ୍ ସମ୍ଭାବ୍ୟ ରୋଗକୁ ଠାବକରି ତାହା ପାଇଁ ଉପଯୁକ୍ତ ଓ ଫଳପ୍ରଦ ଔଷଧ ପ୍ରସ୍ତୁତ କରିବା ପ୍ରକ୍ରିୟା ହ୍ରାସ ପାଇଛି। ଚରମ ପାଣିପାଗ ଓ ଦୁର୍ବଳ ପରିମଳ ଦ୍ୱାରା ବୃଦ୍ଧିପାଉଥିବା ଆଣ୍ଟିମାଇକ୍ରୋବାୟାଲ ରେଜିଷ୍ଟାନ୍ସର ମୁକାବିଲା କରିବା ପାଇଁ ନୂଆ ଆଣ୍ଟିବାୟୋଟିକ୍ସ ଉପରେ ଗବେଷଣାର ଅଭାବ ହିଁ ସ୍ୱାସ୍ଥ୍ୟଗତ ବିପଦକୁ ଆହୁରି ଜଟିଳ କରିଦେଇଛି।

ତୃତୀୟରେ ଫାର୍ମାକମ୍ପାନୀସବୁ ବିଶେଷକରି ଜଳବାୟୁ ବିସ୍ଥାପନ ଉପରେ ଗୁରୁତ୍ୱ ଦେଉଥିବା ମାନବୀୟ ସଂସ୍ଥାଗୁଡ଼ିକ ସହ ଦୀର୍ଘମିଆଦୀ ସହଭାଗିତା ବଜାୟ ରଖିବା ଉଚିତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ସରକାରୀ ଓ ଘରୋଇ ସହଭାଗିତା ଏ କ୍ଷେତ୍ରରେ ପ୍ରଭାବୀ ବୋଲି ପ୍ରମାଣିତ ହୋଇଛି। ଉଦାହରଣ ସ୍ୱରୂପ, ୨୦୧୦ ପରଠାରୁ ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ଆଗୁଆ ଜିଏସ୍‌କେ ଏବଂ ଫାଇଜର ଭ୍ୟାକ୍ସିନ ଆଲାଏନ୍ସେ ଗାଭିକୁ ଅନେକ କୋଟି ଟିକା ଡୋଜ୍ ଯୋଗାଇ ଦେଉଛନ୍ତି। ଫଳରେ ବିଶ୍ୱରେ ସାଧନର ଅଧିକ ଅଭାବ ଥିବା ଦେଶଗୁଡ଼ିକ ମଧ୍ୟରୁ କେତେକରେ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ଶେଷରେ ଫାର୍ମାକମ୍ପାନୀଗୁଡ଼ିକ ସେମାନଙ୍କ ଔଷଧ ପ୍ରସ୍ତୁତି ଓ ଯୋଗାଣ ଶୃଙ୍ଖଳରେ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଲାଗି ଦୃଢ଼ ପଦକ୍ଷେପ ନେବା ଦରକାର। ଜଳବାୟୁ ପ୍ରଭାବ ପରିପ୍ରେକ୍ଷୀରେ ପାରମ୍ପରିକ ଉତ୍ପାଦନକାରୀ ଶିଳ୍ପ ତୁଳନାରେ ଫାର୍ମା ଶିଳ୍ପର ଜଳବାୟୁ ପ୍ରଭାବକୁ କମ୍ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହି ସେକ୍ଟର ଅଟୋମୋବାଇଲ ଇଣ୍ଡଷ୍ଟ୍ରିଠାରୁ ଅଧିକ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ କରେ।

ସ୍ୱାସ୍ଥ୍ୟ ସଙ୍କଟ ଦୂରକରିବାରେ ଭାଗୀଦାରି ଏବଂ ଅନ୍ୟ ଅଂଶୀଦାରଙ୍କ ଯୋଗଦାନ ଓ ସକ୍ରିୟ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ବୈଶ୍ୱିକ ସ୍ୱାସ୍ଥ୍ୟ ଓ ଜଳବାୟୁ ଲକ୍ଷ୍ୟଗୁଡ଼ିକ ସହ ସମାନ୍ତରାଳ ଭାବେ ବିଜ୍‌ନେସ୍ ଚଳାଇବା ଲାଗି ନିବେଶକମାନେ କମ୍ପାନୀଗୁଡ଼ିକୁ ଉତ୍ସାହିତ କରିବା ଉଚିତ। ଏହା କେବଳ ଏକ ବିକଳ୍ପ ନୁହେଁ, ବରଂ ଏହା ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ବିତ୍ତୀୟ ଓ ଖ୍ୟାତିଗତ ଲାଭର ପ୍ରତିବଦ୍ଧତା ପ୍ରକାଶ କରେ। ଜଳବାୟୁ ବିସ୍ଥାପନ ଦ୍ରୁତଗତିରେ ସ୍ୱାସ୍ଥ୍ୟ ପ୍ରତି ବିପଦ ବୃଦ୍ଧିକରି ଚାଲିଛି। ଏହାର ମୁକାବିଲା କରିବାରେ ଫାର୍ମାସ୍ୟୁଟିକାଲ ଶିଳ୍ପର ଏକ ନୈତିକ ଉତ୍ତରଦାୟିତ୍ୱ ରହିଛି। ଏହାକୁ ପ୍ରଭାବୀ ଢଙ୍ଗରେ କରିବା ପାଇଁ କମ୍ପାନୀଗୁଡ଼ିକ ଏକକାର ଧାରାରୁ ଦୂରେଇ ଯାଇ ଜଳବାୟୁ ସଙ୍କଟରେ ଅଧିକ ପ୍ରଭାବିତ ଲୋକଙ୍କୁ ଅତି ଆବଶ୍ୟକ ଜୀବନ ରକ୍ଷାକାରୀ ଚିକିତ୍ସା ଯୋଗାଇଦେବା ଉଚିତ।

**ସିଇଓ, ଦି ଆସେସ୍ ଟୁ ମେଡିସିନ ଫାଉଣ୍ଡେଶନ**

# ପିଲାଙ୍କ ଡାଏଟ୍ ପ୍ଲାନ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ପାଖାପାଖି ଗୋଟିଏ ବର୍ଷ ପର୍ଯ୍ୟନ୍ତ ଶିଶୁର ବିକାଶ ପାଇଁ ମାସ ଅନୁଯାୟୀ ଖାଦ୍ୟ ଦେବା ଅତ୍ୟନ୍ତ ଜରୁରୀ। ମନେରଖନ୍ତୁ ମା'କ୍ଷୀର ସହିତ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ପିଲାର ଶାରୀରିକ ଅଭିବୃଦ୍ଧି ଓ ବିକାଶ ପାଇଁ ଜରୁରୀ। ମା'କ୍ଷୀର ସହିତ ଅନ୍ୟ କୌଣସି ଖାଦ୍ୟ ଦେବା ପୂର୍ବରୁ ଭଲ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟି ପାଇଁ ଡାଏଟ୍ ପ୍ଲାନ କରି କେଉଁ ମାସରେ କିପରି ଓ କେଉଁ କେଉଁ ଖାଦ୍ୟ ଦେବେ ସେ ସମ୍ପର୍କରେ ଏକ ଛୋଟିଆ ଆଲୋଚନାଟି ରଖୁଛୁ।

ଜନ୍ମରୁ ତିନି ମାସ ନବଜାତ ଶିଶୁଙ୍କ ପାଇଁ ମା'କ୍ଷୀର ସବୁଠାରୁ ଭଲ। ମା'କ୍ଷୀରରେ ସୁରକ୍ଷା ପ୍ରୋଟିନ ରହିଛି, ଯାହା ଶିଶୁକୁ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ। କେହି କେହି ଶିଶୁକୁ ପାଣି; ଫଳ ରସ ଓ ଗ୍ଲୁକୋଜ ମଧ୍ୟ ଦେଇଥାନ୍ତି। ଯାହା ଅନାବଶ୍ୟକ। ମା'କ୍ଷୀର ପିଲାଙ୍କୁ ବିଭିନ୍ନ ପ୍ରକାର ରୋଗ ଓ ପାର୍ଶ୍ୱପ୍ରତିକ୍ରିୟାରୁ ମୁକ୍ତି ଦେଇଥାଏ। ଯେଉଁ ଶିଶୁ ନିୟମିତ ମା'କ୍ଷୀର ପାନ କରିଥାଏ ତାଙ୍କଠାରେ ଆଜ୍‌ମା ହେବାର ସମ୍ଭାବନା କମ୍ ଥାଏ। ପିଲା ଜନ୍ମ ହେବାର ତିନି ମାସରେ ମା' ଖାଉଥିବା ଭୋଜନ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଏଥିପାଇଁ ପ୍ରସବ ପରେ ପରେ ମହିଳା ନିଜର ଭୋଜନ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତିନି ମାସରେ ଶିଶୁକୁ ଆଇରନ ଆବଶ୍ୟକ ହୁଏ। ତେଣୁ ମା'ଆଇରନ ଯୁକ୍ତ ଖାଦ୍ୟ ଖାଇବା ଦରକାର, ଏହାଦ୍ୱାରା ସ୍ତନ୍ୟପାନ ମାଧ୍ୟମରେ ଶିଶୁ ଶରୀରକୁ ଆଇରନ ଯିବ।

ତିନିରୁ ଛଅ ମାସ ଶିଶୁର ଶରୀରରେ ପୋଷକ ଯୁକ୍ତ ଆବଶ୍ୟକ ହୁଏ। ତେଣୁ ଏହି ସମୟରେ କେବଳ ମା'କ୍ଷୀର ଉପରେ ନିର୍ଭର ନ କରି କିଛି ରନ୍ଧା ଖାଦ୍ୟ ଦିଅନ୍ତୁ। ସେରେଲାକ୍‌କୁ ଭଲ ଭାବେ ଉଷୁମ ପାଣିରେ ମିଶାଇ ଶିଶୁକୁ ଅଳ୍ପ ଅଳ୍ପ ଦିଅନ୍ତି, ଏଥିରୁ ଶିଶୁ ଶରୀରରେ ବିକାଶ ପାଇଁ ଭରପୂର ପୋଷଣ ମିଳିଥାଏ। ଧୀରେ ଧୀରେ ଶିଶୁକୁ କିଛି ଅଲଗା ଖାଦ୍ୟ ଦିଅନ୍ତୁ। ଯାହା ଆରାମରେ ହଜମ ହୋଇପାରିବ। ଯଦି ଶିଶୁକୁ କିଛି ଭିନ୍ନ ଭିନ୍ନ ଖାଦ୍ୟ ଦେଉଛନ୍ତି, ତା'ହେଲେ ଗୋଟେ ଖାଦ୍ୟକୁ କେବଳ ଗୋଟିଏ ଥର ନ ଦେଇ କିଛି ସପ୍ତାହ ଦିଅନ୍ତୁ, ଏହାପରେ ନୂଆ ଆରମ୍ଭ କରନ୍ତୁ। ମାଣ୍ଡିଆ ଚୂନା, ସୁଜି ଓ କଞ୍ଚାକଦଳୀ ପାଉଡ଼ର କ୍ଷୀର କିମ୍ବା ପାଣିରେ ସିଝାଇ ଶିଶୁକୁ ଖାଇବାକୁ ଦେଲେ ଲାଭ ମିଳିଥାଏ। ଶିଶୁ ଟିକେ ବଡ଼ ହୋଇଗଲେ ତାକୁ ଭାତ ଓ ଦହି ଖାଇବାକୁ ଦେଇ ପାରିବେ। ପିଲାଙ୍କୁ ଯଦି ଫଳ ସିଝାଇ ଖାଇବାକୁ ଦେଉଛନ୍ତି ଏହାକୁ ଭଲ କରି ସିଝାନ୍ତୁ।

ଛଅରୁ ଆଠମାସ ବୟସରେ ପିଲାମାନେ ନିଜେ ନିଜେ ଖାଇ ଦେଇଥାନ୍ତି, ତେଣୁ ନ ରାଗି ସେମାନଙ୍କୁ ଉତ୍ସାହିତ କରନ୍ତୁ। ଛଅ ମାସ ପରେ ଶିଶୁଙ୍କର ଦାନ୍ତ ଉଠି ଥାଏ। ଦାନ୍ତ ଉଠିବା ସହ ଶୂଳେଇ ହୋଇଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ଶିଶୁକୁ ବିସ୍କୁଟ କିମ୍ବା ଟୋଷ୍ଟ ଚୋବାଇବାକୁ ଦିଅନ୍ତୁ। ଏହାକୁ ପିଲା ପାଟିରେ ରଖି ଚୋବାଇଥାଏ। ଏହାଦ୍ୱାରା ଶିଶୁର କିଛି କ୍ଷତି ହୋଇ ନ ଥାଏ। ଶିଶୁକୁ ଆଳୁ ସିଝାଇ ଦେଇ ପାରିବେ, ଯଦି ଚାହାନ୍ତି ଏଥିରେ ଅଳ୍ପ ଲୁଣ ଓ ଗୋଟେ ବୁନ୍ଦା ଲେମ୍ବୁ ରସ ମିଶାଇ ପାରିବେ। ଗାଜର, କୋବି ଓ ପାଳଙ୍ଗ ଭଲ ଭାବେ ସିଝାଇ ସେଥିରେ ଲୁଣ ମିଶାଇ ଶିଶୁକୁ ଖାଇବାକୁ ଦିଅନ୍ତୁ। ଏହି ବୟସରେ ଶିଶୁକୁ ଅଣ୍ଡା ସିଝାଇ ଦେଇ ପାରିବେ। ସପ୍ତାହକୁ ତିନିଟି କିମ୍ବା ଚାରିଟି ଅଣ୍ଡା ସିଝାଇ ଦେଇପାରିବେ।

ନଅରୁ ଦଶ ମାସ ଶିଶୁକୁ ମାଛ, ଚିକେନ, କଲିଜା ଓ ମଟନ ଖାଇବାକୁ ଦେଇପାରିବେ। କିନ୍ତୁ ଏହାକୁ ଭଲ କରି ସିଝାଇ ନ ଥିଲେ ଶିଶୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ଦଶ ମାସରେ ଶିଶୁର ଓଜନ ପ୍ରଥମ ତୁଳନାରେ ସ୍ଥିର ହୋଇଥାଏ। ଏହି ବୟସରେ ଶିଶୁକୁ କ୍ଷୀର, ବିସ୍କୁଟ ଓ ଫଳ ରସ ଦିଅନ୍ତୁ। ଶିଶୁଙ୍କୁ ସନ୍ତୁଳିତ ଭୋଜନ ଦିଅନ୍ତୁ। ଏଗାର ମାସ ପରେ ପିଲାର ଓଜନ ପୂର୍ବ ମାସଗୁଡ଼ିକ ଅପେକ୍ଷା ବଢ଼ିଥାଏ। ଯେତେବେଳେ ପିଲାକୁ ବର୍ଷେ ପୂରେ ତା'ର ଓଜନ ଜନ୍ମ ହେବା ଓଜନଠାରୁ ତିନିଗୁଣା ହୋଇଥାଏ। ଏହି ସମୟରେ ପିଲାକୁ କ୍ଷୀର, ବିସ୍କୁଟ ଓ ଫଳ ଜୁସ୍ କରିଦିଅନ୍ତୁ। ଏକ ମିଶ୍ରିତ ସନ୍ତୁଳିତ ଭୋଜନ ଦିଅନ୍ତୁ। ଏହାଦ୍ୱାରା ପିଲାର ଶରୀରରେ ଦେଖାଦେଉଥିବା ଅଭାବ ଦୂର ହେବ।

ଅନେକ ମାତାପିତା ପିଲାଟିକୁ ଶୀଘ୍ର ଓ ଅତି ସୁନ୍ଦର କରିବାକୁ ଚିନ୍ତା କରି ଅନାବଶ୍ୟକ ଭାବେ ଅତ୍ୟଧିକ ଓ ଶରୀର ପାଇଁ ଅନୁପଯୁକ୍ତ ଖାଦ୍ୟ ଦେଇଥାନ୍ତି। ଯାହାକି ପିଲାଟି ପାଇଁ ସୁସ୍ଥ ଓ ସ୍ୱାସ୍ଥ୍ୟକାରକ ନ ହୋଇ ଏହା ଅହିତକାରକ ସାବ୍ୟସ୍ତ ହୋଇ ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଓ ନୂଆ ରୋଗ ସୃଷ୍ଟି କରିଥାଏ। ସବୁଠାରୁ ଭଲ ସରକାରୀ ବ୍ୟବସ୍ଥିତ ସମସ୍ତ ମାଗଣା ପରୀକ୍ଷା ନିରୀକ୍ଷା, ପରାମର୍ଶ ଓ ଔଷଧ ପତ୍ରର ସାହାଯ୍ୟ ନେବା। କୌଣସି ଦେଶୀୟ ଚିକିତ୍ସା ବା ଗୁଣିଗାରେଡ଼ି ବ୍ୟବସ୍ଥାକୁ ଗ୍ରହଣ କରନ୍ତୁ ନାହିଁ କିମ୍ବା ଏହାର ପ୍ରଚାର ପ୍ରସାର ମଧ୍ୟ କରନ୍ତୁ ନାହିଁ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର**
**ମୋ: ୯୪୩୭୧୨୪୦୭୪**

## ଏଇ ଭାରତରେ

ବାୟୋଫର୍ଟିଫାଏଡ୍ ସିଡ୍‌ସ ବା ବିହନକୁ ବ୍ୟବହାର କରି ଯେଉଁ ଶସ୍ୟ ଉତ୍ପାଦନ କରାଯାଏ ସେଥିରେ ଆଇରନ, ଜିଙ୍କ, ମାଙ୍ଗାନିଜ, କପର ଆଦି ପୋଷକ ତତ୍ତ୍ୱ ଅଧିକ ରହିଥାଏ। ଏଭଳି ମଞ୍ଜି ବା ବିହନ ପ୍ରସ୍ତୁତ କରୁଛନ୍ତି ଲକ୍ଷ୍ନୌର ଐଶ୍ୱର୍ଯ୍ୟା ଭଟନାଗର ଓ ପ୍ରତୀକ ରସତୋଗୀ। ଏହି ଦମ୍ପତି ବାୟୋଫର୍ଟିଫାଏଡ ସିଡ୍‌ସ କୃଷକମାନଙ୍କୁ ଯୋଗାଇବା ସହ ଅଧିକ ପୋଷକଯୁକ୍ତ ଖାଦ୍ୟଶସ୍ୟ ଉତ୍ପାଦନ କରିବାରେ ସହଯୋଗ କରୁଛନ୍ତି। ସେମାନେ ୨୦୨୦ରେ 'ଗ୍ରୀନ୍ ଡେ' ସଂସ୍ଥା ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ବାୟୋଫର୍ଟିଫାଏଡ ସିଡ୍‌ସରେ ଶସ୍ୟ ଉତ୍ପାଦନ ମଧ୍ୟ ଅଧିକ ହେଉଛି। ଫଳରେ କୃଷକମାନେ ଲାଭବାନ ହେବା ସହ ଉପଭୋକ୍ତାମାନେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଉପକୃତ ହେଉଛନ୍ତି। ଏହି ବିହନକୁ ଏବେ ଉତ୍ତରପ୍ରଦେଶରେ ୧୫୦୦ କୃଷକ ବ୍ୟବହାର କରୁଛନ୍ତି। ଐଶ୍ୱର୍ଯ୍ୟା ଏବଂ ପ୍ରତୀକ ଅତ୍ୟାଧୁନିକ ତଥା ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରୁଛନ୍ତି । ପ୍ରତୀକ ଆଇଆଇଏମ୍ ଅହମ୍ମଦାବାଦରୁ ଏଣ୍ଟରପ୍ରେନ୍ୟୁୟରଶିପ ଟ୍ରେନିଂ ଶେଷ କରି କର୍ପୋରେଟ ସେକ୍ଟରରେ ଚାକିରି କରିଥିଲେ। କିନ୍ତୁ କୃଷିର ଉନ୍ନତି ପାଇଁ ତାହାକୁ ଛାଡ଼ି ସେ ଏବେ ଏହି କାର୍ଯ୍ୟରେ ଲାଗିଛନ୍ତି। ଐଶ୍ୱର୍ଯ୍ୟା ମଧ୍ୟ ଆଇଏଚ୍‌ଏମ୍‌ରୁ ଫୁଡ୍ ସାଇନ୍ସ ଓ ନ୍ୟୁଟ୍ରିଶନରୁ ଡିଗ୍ରୀ ହାସଲ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩୧ ଜାନୁଆରୀ ୧୯୭୬

- ଦେଶରେ ପ୍ରଥମ ଥର ପାଇଁ ଜାତୀୟ ପଦାର୍ଥ ବିଜ୍ଞାନ ଗବେଷଣାଗାର ପକ୍ଷରୁ ହୀରା ତିଆରି ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରାଯାଇଛି।
- ସ୍ୱର୍ଗତ କାମରାଜ ଓ ଲଳିତ ନାରାୟଣ ମିଶ୍ରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜାତୀୟ ସ୍ତରରେ ଏକ ସ୍ମୃତିରକ୍ଷା କମିଟି ଗଠନ କରାଯାଇଛି।
- ୩ ଶହ ଯାତ୍ରୀଙ୍କୁ ନେଇ ଢାକାରୁ ଚାନ୍ଦପୁର ଅଭିମୁଖେ ଯାଉଥିବା ଏକ ଲଞ୍ଚ ମେଘନା ନଦୀରେ ବୁଡ଼ିଯିବାରୁ ବହୁ ଯାତ୍ରୀଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 2 | | 8 | | | 5 | 4 | | |
| 6 | | | | 7 | | | 2 | 5 |
| | | | 3 | | 1 | | | 8 |
| 5 | | | | | | | | 3 |
| | | | | 4 | | 7 | | |
| | | | 1 | | | | 3 | |
| 8 | | | | | 2 | 9 | | 4 |
| | | 4 | | 5 | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 7 | 4 | 1 | 8 | 2 | 5 | 3 |
| 1 | 2 | 8 | 9 | 5 | 3 | 6 | 7 | 4 |
| 5 | 4 | 3 | 7 | 2 | 6 | 9 | 8 | 1 |
| 9 | 3 | 6 | 8 | 7 | 4 | 1 | 2 | 5 |
| 4 | 7 | 2 | 5 | 9 | 1 | 8 | 3 | 6 |
| 8 | 1 | 5 | 3 | 6 | 2 | 7 | 4 | 9 |
| 7 | 6 | 4 | 2 | 3 | 9 | 5 | 1 | 8 |
| 3 | 5 | 1 | 6 | 8 | 7 | 4 | 9 | 2 |
| 2 | 8 | 9 | 1 | 4 | 5 | 3 | 6 | 7 |

ଗତକାଲିର ଉତ୍ତର

# ଚାଇନାର ସନ୍ତାନ ଚିନ୍ତା



ଲଳିତେନ୍ଦୁ ପଲାଉରୀ

ଏକଦା ସର୍ବାଧିକ ଜନସଂଖ୍ୟାକୁ ନେଇ ଚିନ୍ତିତ ଥିବା ଚାଇନା ଏବେ ଦେଶରେ କ୍ରମାଗତ ଜନସଂଖ୍ୟା ହ୍ରାସକୁ ନେଇ ଚିନ୍ତାରେ। ବିଶେଷକରି ଚାଇନାର ଯୁବବର୍ଗ ସେମାନଙ୍କ ଆର୍ଥିକ ସ୍ଥିତି,ବେରୋଜଗାର,ସମ୍ମାନଜନକ କର୍ମନିଯୁକ୍ତି ଓ ଭବିଷ୍ୟତ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପ୍ରେମ, ବିବାହ,ପରିବାର,ବଂଶବୃଦ୍ଧି ପ୍ରତି ସେମାନଙ୍କ ମଧ୍ୟରେ ବିମୁଖତା ଦେଖାଦେଇଛି। ଚାଇନାର ୫୭ ପ୍ରତିଶତ ଯୁବବର୍ଗ ପ୍ରେମ ଓ ବିବାହ ପ୍ରତି ବିମୁଖତା ପ୍ରକାଶ କରୁଥିବା ସିନ୍‌ଗୁହା ବିଶ୍ୱବିଦ୍ୟାଳୟର ଏଭର ଗ୍ରେଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସର୍ବେକ୍ଷଣରୁ ଜଣାପଡ଼ିଛି। ୨୦୨୪ର ପ୍ରଥମ ତ୍ରୈମାସିକ ରିପୋର୍ଟରେ ଦେଶରେ ଉଦ୍‌ବେଗଜନକ ଭାବେ ଜନ୍ମହାର ହ୍ରାସ ପାଇଥିବା ଦର୍ଶାଇଛି ଚାଇନା।

ବର୍ତ୍ତମାନ ଚାଇନାରେ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି ଦେଶରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି। ସେଠାରେ କରୋନା ପରବର୍ତ୍ତୀ ଆର୍ଥିକ ସ୍ଥିତି, ଜୀବନ ହାନି,ବିଦେଶ ରାଷ୍ଟ୍ର ସହ ବାଣିଜ୍ୟିକ କାରବାର ବ୍ୟାପକ ପ୍ରଭାବିତ ହୋଇଛି। ତେଣୁ ବର୍ତ୍ତମାନ ଚାଇନାର ଅଧିକାଂଶ ଯୁବବର୍ଗଙ୍କ ପାଇଁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବା ପ୍ରାଥମିକତା ହୋଇଛି। ପ୍ରେମ,ବିବାହ ଏସବୁ ପ୍ରତି ସେମାନେ ଆଗ୍ରହ ପ୍ରକାଶ ନ କରି ନିଜର ଆର୍ଥିକ ସ୍ଥିତିକୁ ଦୃଢ଼ କରିବାକୁ ଗୁରୁତ୍ୱ ଦେଉଛନ୍ତି। ସେମାନେ କିଭଳି ଆତ୍ମନିର୍ଭର ସହ ଅଧିକ ଅର୍ଥ ଉପାର୍ଜନକରି ନିଜର, ପରିବାର ଓ ସମାଜ ପାଇଁ ଉତ୍ତରଦାୟୀ ରହିବେ ଏଥିପାଇଁ ନିକଟରେ ଚାଇନା ଷ୍ଟେଟ୍ କାଉନସିଲ ବା ଚାଇନାର କେନ୍ଦ୍ରୀୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପହଞ୍ଚିଛି। ଚାଇନାର ମହାବିଦ୍ୟାଳୟ,ବିଶ୍ୱବିଦ୍ୟାଳୟ ସ୍ତରରେ ଲଭ୍ ଏଜୁକେଶନ ବା ପ୍ରେମପାଠ ବାଧ୍ୟତା ମୂଳକ କରାଯାଇଛି। ଏହାଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ ପ୍ରେମ,ବିବାହ,ବଂଶବୃଦ୍ଧି ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଅଣାଯାଇପାରିବ। ଦେଶରେ ଏକ ସନ୍ତାନ ନୀତି ଜନସଂଖ୍ୟା ନିୟନ୍ତ୍ରଣରେ ସହାୟକ ହୋଇଥିଲା ସତ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ବିପଦ ମଧ୍ୟ ସାବ୍ୟସ୍ତ ହୋଇଛି। ତେଣୁ ଆଗାମୀ ଦିନରେ ଚୀନା ଦମ୍ପତିମାନେ କିଭଳି ସନ୍ତାନ ଜନ୍ମ ପ୍ରତି ଆଗ୍ରହ ଦେଖାଇବେ,ଯୁବବର୍ଗ ଠିକ୍ ବୟସରେ ବିବାହ କରିବେ ତା' ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛି ଚାଇନା। ଚିନ୍ତାଜନକ ବିଷୟ ଯେ ଏଭରଗ୍ରେଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ତଥ୍ୟ ଅନୁସାରେ ୨୦୧୩ରେ ସେଠାରେ ୧୩.୪୭ ପ୍ରତିଶତ ବିବାହ ପଞ୍ଜୀକରଣ ହୋଇଥିବା ବେଳେ ୨୦୨୦ରେ ଏହା ୮.୧୩ ପ୍ରତିଶତକୁ ହ୍ରାସପାଇଛି। ୨୦୨୪ର ପ୍ରଥମାର୍ଦ୍ଧ ତ୍ରୈମାସିକ ତଥ୍ୟ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ଚାଇନାର ମାତ୍ର ୪.୭୪ ମିଲିୟନ ଦମ୍ପତି ବିବାହ ପଞ୍ଜୀକରଣ କରିଛନ୍ତି ; ଯାହାକି ଉଦ୍‌ବେଗର କାରଣ ହୋଇଛି। ୨୦୨୩ରେ ସମାନ ସମୟରେ ତ୍ରୈମାସିକ ରିପୋର୍ଟରେ ବିବାହ ପଞ୍ଜୀକରଣ ସଂଖ୍ୟା ୫.୬୯ ମିଲିୟନ ଥିଲା। ୨୦୨୩ ରେ ଓ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୪ରେ ଏହା ୧୬.୬ ପ୍ରତିଶତ ହ୍ରାସ। ତେବେ ଚାଇନାର ବିକଶିତ ତଥା ଉନ୍ନତ ମାନର ସହରଗୁଡ଼ିକରେ ବସବାସ କରୁଥିବା ଯୁବବର୍ଗଙ୍କ ମଧ୍ୟରେ ବିବାହ ଓ ପ୍ରେମକୁ ନେଇ ମାନସିକତା ଓ ଦୃଷ୍ଟିଭଙ୍ଗୀରେ ହ୍ରାସ ପରିଲକ୍ଷିତ ହୋଇଛି। ଏହା ଚାଇନାର ଜାତୀୟ ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିଛି।



ଅନିୟନ୍ତ୍ରିତ ଜନସଂଖ୍ୟାରେ ରୋକ ଲଗାଇବାକୁ ୧୯୮୦ରୁ ୨୦୧୬ ଯାଏ ଚାଇନାରେ ଲାଗୁହୋଇଥିଲା ଏକ ଦମ୍ପତି ଏକ ସନ୍ତାନ ନୀତି। ଯଦିଓ ଏକ ସନ୍ତାନ ନୀତିକୁ ୨୦୧୬ ପରେ ଚାଇନା ସରକାର କୋହଳ କରିଥିଲେ ମଧ୍ୟ ଯୁବବର୍ଗଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାରେ ଦେଶ ବିଫଳ ହୋଇଛି। କାରଣ ଚାଇନାରେ ଯୁବବର୍ଗଙ୍କ ପ୍ରାଥମିକତା ରହିଛି ଆତ୍ମନିର୍ଭର,କର୍ମନିଯୁକ୍ତି, ଅର୍ଥ ରୋଜଗାର ଓ ନିଜର ସୁରକ୍ଷିତ ଭବିଷ୍ୟତ। ଫଳରେ ଅଧିକାଂଶ ଯୁବବର୍ଗ ଉପଯୁକ୍ତ ସମୟରେ ବିବାହ ନ କରି ଅର୍ଥ ରୋଜଗାରକୁ ପ୍ରାଥମିକତା ଦେଉଛନ୍ତି। ପୂର୍ବରୁ ରହିଥିବା ଏକ ସନ୍ତାନ ନୀତି ସେମାନଙ୍କର ମାନସିକତାକୁ ଏବେ ବି ପ୍ରଭାବିତ କରି ରଖିଛି। ଏହାସହ କୋଭିଡ୍–୧୯ ପରେ ସେଠାରେ ବ୍ୟାପକ ଭାବେ ଜନ୍ମହାର ମଧ୍ୟ ହ୍ରାସ ପାଇଛି। ୨୦୨୪ ଜାନୁଆରୀର ତଥ୍ୟ କହୁଛି ଲଗାତର ୨ବର୍ଷ ଧରି ଜନସଂଖ୍ୟା ହ୍ରାସ ମଧ୍ୟ ଚାଇନା ପାଇଁ ଚିନ୍ତାର କାରଣ ହୋଇଛି। ଚାଇନାର ନ୍ୟାଶନାଲ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସର ତଥ୍ୟ ଅନୁସାରେ ୨୦୨୩ରେ ଏହାର ଜନସଂଖ୍ୟା ୨.୦୮ ମିଲିୟନ ହ୍ରାସ ଘଟିଛି। ବିଶେଷକରି କୋଭିଡ୍ ମହାମାରୀ ସମୟରେ ଏହାର ଜନ୍ମ ହାର ୫.୭ ପ୍ରତିଶତ ହାରରେ ହ୍ରାସ ଘଟିଥିଲା।

ଚାଇନାରେ ଜନସଖ୍ୟା ହ୍ରାସ ଦେଶରେ ପ୍ରି–ସ୍କୁଲ ଶିକ୍ଷା,କିଣ୍ଡରଗାର୍ଟେନ ସ୍କୁଲ ଶିକ୍ଷାକୁ ମଧ୍ୟ ପ୍ରଭାବିତ କରିଛି। ଲଗାତର ୩ବର୍ଷ ଧରି ୫ପ୍ରତିଶତ ହାରରେ କିଣ୍ଡରଗାର୍ଟେନ ସ୍କୁଲଗୁଡିକରେ ଶିଶୁ ପଞ୍ଜୀକରଣ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଏପରିକି ଅନେକ ପ୍ରିସ୍କୁଲ ମଧ୍ୟ ବନ୍ଦ ହୋଇଗଲାଣି।

ଚାଇନାରେ ଉଚ୍ଚଶିକ୍ଷାରେ ପ୍ରବେଶ ପାଇଁ ଉଚ୍ଚସ୍ତରୀୟ ଓ ଜଟିଳ ପ୍ରତିଯୋଗିତାମୂଳକ ପରୀକ୍ଷା ସକାଶେ ଉପଯୁକ୍ତ ଢଙ୍ଗରେ ପ୍ରସ୍ତୁତିର ଆବଶ୍ୟକତା ଅଛି। ଚାଇନାର ଭଲ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ହେଲେ ନ୍ୟାଶନାଲ କଲେଜ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଏଥିରେ ଉତ୍ତୀର୍ଣ୍ଣ ହେବା ମଧ୍ୟ ଏତେ ସହଜ ନୁହେଁ। ଚାଇନାର କିଛି ଗୁଣାତ୍ମକ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇବାକୁ ହେଲେ ଏହି ଜଟିଳ ପ୍ରବେଶିକା ପରିକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ବର୍ଷ ବର୍ଷର ପ୍ରସ୍ତୁତି ଜରୁରୀ। ଦେଶର ସମ୍ମାନଜନକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ଜଣେ ଛାତ୍ର ଚାଇନାର ଭାଷା,ସାହିତ୍ୟ ,ଇଂରାଜୀ, ଗଣିତ,ପଦାର୍ଥ ବିଜ୍ଞାନ,ରାଜନୀତି,ଇତିହାସ ଉପରେ ଗଭୀର ଅଧ୍ୟୟନ ମଧ୍ୟ ଜରୁରୀ। କେବଳ ପ୍ରବେଶିକା ପରୀକ୍ଷା ନୁହେଁ ବିଶ୍ୱବିଦ୍ୟାଳୟରେ ଆଡମିଶନ ପରେ ଏକାଡେମିକ ସ୍ତରରେ ଭଲ ପ୍ରଦର୍ଶନ ଜରୁରୀ। ଏଥିପାଇଁ ସେମାନେ ଚାପରେ ରହୁଛନ୍ତି। ବିଶେଷକରି ୫୭ପ୍ରତିଶତ ଯୁବବର୍ଗ ସେମାନଙ୍କ ଉଚ୍ଚଶିକ୍ଷା , କ୍ୟାରିୟର ଉପରେ ଧ୍ୟାନ ଦେଉଥିବା ବେଳେ ପ୍ରେମ ଓ ବିବାହକୁ ଏତେଟା ଗୁରୁତ୍ୱ ଦେଉନାହାନ୍ତି। ଏହାସହ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠପଢ଼ା ଖର୍ଚ୍ଚ ମଧ୍ୟ ପୂର୍ବ ଦଶନ୍ଧି ତୁଳନାରେ ବହୁଳ ମାତ୍ରାରେ ବୃଦ୍ଧିପାଇଛି। ତେଣୁ ଅଧିକାଂଶ ଛାତ୍ରୀଛାତ୍ର ସରକାରୀ ସ୍ତରରେ ଭଲ ଶିକ୍ଷା ପାଇବାକୁ ଗୁରୁତର ସହ ଚେଷ୍ଟା କରୁଛନ୍ତି। ଚାଇନା ସରକାର ଆଗକୁ ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ମୁକ୍ତଶିକ୍ଷାକୁ ପ୍ରୋତ୍ସାହନ ସହ ଯୁବବର୍ଗଙ୍କ ମଧ୍ୟରେ କିଭଳି ପ୍ରେମ ଓ ବିବାହ ପାଇଁ ଅଧିକ ଆଗ୍ରହ ସୃଷ୍ଟି କରାଯାଇପାରିବ, ଚାପମୁକ୍ତ ଶିକ୍ଷା ଓ ଆନନ୍ଦଦାୟକ ଶିକ୍ଷାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। କାରଣ ବିଶ୍ୱର ଏହି ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ରର ମାନବ ସମ୍ବଳ ସଙ୍କଟ ଦିଗରେ ଅଗ୍ରସର ହେଉଥିବା ବେଳେ ସେମାନଙ୍କ ମନରେ ସକାରାତ୍ମକ ଓ ଚାପମୁକ୍ତ ଶିକ୍ଷା ସହ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପ୍ରେମ ଓ ବିବାହର ଉପକାରିତା ସମ୍ପର୍କିତ ଶିକ୍ଷାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛି।

**ବାଲିପନ୍ତାଳ,ନଗର,ଅସ୍ତରଙ୍ଗ,ପୁରୀ**
**ମୋ: ୯୭୭୮୬୯୭୦୩୬**

## ପାଠକ ଶ୍ରେଷ୍ଠ ବିଚାରକ

### ଯୁଦ୍ଧ ନୁହେଁ, ଶାନ୍ତି ଆବଶ୍ୟକ

ମହାଶୟ,

ବିତ୍ତଶାଳୀ ଓ ସାମରିକ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଚିନ୍ତା କରିବା ଉଚିତ ଯେ ଆଜିର ବିଶ୍ୱ ପାଇଁ ଯୁଦ୍ଧ ନୁହେଁ, ଆବଶ୍ୟକ ଶାନ୍ତି,ମୈତ୍ରୀ ଓ ସହୃଦୟତା । ବିସ୍ତାରବାଦୀ ନୀତି ଆପଣାଇ ଅନ୍ୟ ରାଷ୍ଟ୍ରର ଜାଗାକୁ ବଳପୂର୍ବକ ଅଧିକାର କରି ନିଜର ଆଧିପତ୍ୟ ବିସ୍ତାରରେ ଆକାଂକ୍ଷା ରଖିବା ପରିବର୍ତ୍ତେ ଦେଶ ଦେଶ ମଧ୍ୟରେ ବୈଷୟିକ ଜ୍ଞାନକୌଶଳ ବିକାଶରେ ମନୋବୃତ୍ତି ରଖିଲେ ସାରା ବିଶ୍ୱରେ ହିଂସା ଓ ଶତ୍ରୁଭାବ ଦୂର ହୋଇ ଭ୍ରାତୃତ୍ୱଭାବ ଏବଂ ଶାନ୍ତି ଦୟା କ୍ଷମା ଓ ମାନବିକତା ବୃଦ୍ଧି ପାଇବ। ସବୁ ପ୍ରଗତିଶୀଳ ରାଷ୍ଟ୍ରମାନେ ଅନ୍ୟ ସହଯୋଗୀ ରାଷ୍ଟ୍ରମାନଙ୍କ ସୁରକ୍ଷା ଓ ପ୍ରତିରକ୍ଷା ନାମରେ ଉନ୍ନତ ଅତ୍ୟାଧୁନିକ ବିଧ୍ୱଂସାତ୍ମକ ଅସ୍ତ୍ରଶସ୍ତ୍ରାଦି ବିକ୍ରୟ କରି ଆର୍ଥନୀତିକ ପ୍ରଗତି କରିପାରନ୍ତି ସତ, କିନ୍ତୁ ଯୁଦ୍ଧରେ ରକ୍ତପାତ ଦ୍ୱାରା ଯେଉଁ କ୍ଷୟକ୍ଷତି ଓ ନରସଂହାର ହୋଇଥାଏ ସେଥିପାଇଁ ନିଜକୁ ଦାୟୀ କରିବା ବଦଳରେ ବିଜୟ ଉଲ୍ଲାସର ଆତ୍ମଗର୍ବରେ ଉତ୍‌ଫୁଲ୍ଲିତ ହେବା ଆଦୌ ଗ୍ରହଣୀୟ ନୁହେଁ। ଏହା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ । ମାନବର ସମର–ପ୍ରମତ୍ତ ପ୍ରବୃତ୍ତିରେ ବିଶ୍ୱବ୍ୟାପୀ ଖେଳିଯାଉଥିବା ଯୁଦ୍ଧଜନିତ ବିଭୀଷିକାରେ ଅବାଞ୍ଛିତ ମରଣ ଭୟର ବୀଭତ୍ସ ବିକଳକୁ ଯେପରି ଭାବେ ଦୂର କରାଯାଇପାରିବ, ସେଥିପାଇଁ ବିଶ୍ୱର ସବୁ ରାଷ୍ଟ୍ର ମୁଖ୍ୟମାନେ ଏକତ୍ରିତ ହୋଇ ଆଲୋଚନା କରିବା ଜରୁରୀ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି–
ମୁକତ ମହା ବସୁଧା।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମାଟ୍ରିମୋନିଆଲରେ ବୋହୂ ଖୋଜିବା ମହଙ୍ଗା ପଡିଲା, ୧.୬୦ ଲକ୍ଷ ଠକେଇ

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ):

ମୋଟ୍ରିମୋନିଆଲରେ ପୁଅ ପାଇଁ ବୋହୂ ଖୋଜିବା ମହଙ୍ଗା ପଡ଼ିଛି। ସାଇବର ଠକମାନେ ଜୀବନ ସାଥିର ସଦସ୍ୟତା ପାଇଁ ୨ ଟଙ୍କା ପଠାଇବାକୁ କହି ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ପରେ ବୈଦ୍ୟନାଥପୁର ପୋଲିସ ନଂ.୫୨/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଶୋକନଗର ୩ୟ ଲାଇନର ଜଣେ ୬୪ ବର୍ଷୀୟ ବ୍ୟକ୍ତି ତାଙ୍କ ପୁଅ ପାଇଁ ବୋହୂ ଖୋଜୁଥିବା ବେଳେ ଅନଲାଇନ ମାଟ୍ରିମୋନିଆଲ ସାଇଟ ଜୀବନ ସାଥି ବିଷୟରେ ଜାଣିବାକୁ ପାଇଥିଲେ। ସେ ଉକ୍ତ ୱେବସାଇଟକୁ ଯାଇ ପୁଅ ନାମରେ ଏକ ଆକାଉଣ୍ଟ ଖୋଲିଥିଲେ । ଏହି ସମୟରେ ସଂପୃକ୍ତ ୱେବସାଇଟ ପକ୍ଷରୁ ତାଙ୍କୁ ଫୋନ ଆସିବା ସହ ତାଙ୍କର ସମସ୍ତ ତଥ୍ୟ ଓ ବ୍ୟାଙ୍କ ବିବରଣୀ ମଗାଯାଇଥିଲା। ସଦସ୍ୟତା ପାଇଁ ୨ଟଙ୍କା ଦେବାକୁ କୁହାଯାଇଥିଲା । ସେହିକ୍ରମରେ ବ୍ୟକ୍ତି ଜଣଙ୍କ ନିଜ ଫୋନ-ପେ ଜରିଆରେ ସଦସ୍ୟତା ପାଇଁ ଟଙ୍କା ପଠାଇଥିଲେ । ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ ପର୍ଯ୍ୟାୟରେ ୧ ଲକ୍ଷ ୬୦ ହଜାର ଟଙ୍କା କଟି ଯାଇଥିଲା।

### ଅସାଧୁ ଓ ବେନିୟମ ଭାବେ ଆଦାୟ ହେଉଛି ଧାନ

ବ୍ରହ୍ମପୁର,୩୦।୧(ସ୍ମୃତି ରଞ୍ଜନ ମହାଲିକ)

ଚାଷୀଙ୍କଠାରୁ ଅସାଧୁ ଓ ବେନିୟମ ଭାବେ ଧାନ ଆଦାୟ ବନ୍ଦ କରିବା ପାଇଁ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଚାଷୀ ଦାବି କରିଛନ୍ତି। ଏଥିସହ ସରକାରୀ ନିୟମର ଉଲଂଘନ କରି ସରକାରୀ କର୍ମଚାରୀଙ୍କ ସହ ମିଶି ଚାଷୀଙ୍କୁ ଲୁଣ୍ଠନ କରି ସରକାରୀ ସ୍ତରରେ ରଖିଥିବା ଧାନର ତଦାରଖ ପାଇଁ ଦାବି କରିଛନ୍ତି। ଏ ନେଇ ବ୍ଲକର ଚାଷୀମାନେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ଏମଏସପି ପ୍ରକାରେ ମଣ୍ଡିରେ ଧାନ ଦେଇ ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି। ଅସାଧୁ ଉପାୟରେ ସରକାରୀ କଳକୁ ନିଜ ହାତ ମୁଠାରେ ରଖି ଚାଷୀଙ୍କୁ ଶୋଷଣ କରାଯାଉଛି। ଚାଷୀ ଧାନ ଲୋଡିଂ ଓ ଅନଲୋଡିଂ ଏବଂ ଗାଡି ଭଡ଼ା ଦେବା ପାଇଁ ବାଧ ହେଉଛି। ଧାନ ଅଖା ପାଇଁ ସରକାର ଟଙ୍କା ଦେଉଥିବା ବେଳେ ଚାଷୀମାନେ ଏହାର ସୁବିଧା ପାଇପାରୁନାହାନ୍ତି। ଏହିଟଙ୍କା ବାଟମାରଣା ହେଉଛି। ଚାଷୀଙ୍କଠାରୁ ଅଧିକା ୪ କେଜି ଧାନ ନେଲେ ଏଫଏକ୍ୟୁ ହୋଇଯାଉଛି। ପାତ୍ରପୁର ବ୍ଲକରେ ପ୍ରତି ସୋସାଇଟିରୁ ଅଧିକ ମିଲର ସଂଯୋଗ ରହିଛି। କିନ୍ତୁ ଯୋଗାଣ ବିଭାଗ ପାତର ଅନ୍ତର ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ମଣ୍ଡିକୁ କୌଣସି ନୋଡାଲ ଅଧିକାରୀ ଯାଂଚ ପାଇ ଆସୁ ନାହାନ୍ତି। ଚାଷୀଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ଓ ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ କୌଣସି ନିୟମ ପ୍ରଣୟନ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଣୁ ଏଭଳି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଦୀନବନ୍ଧୁ ମହାନ୍ତି, ଆର.ଶରତ କୁମାର, ଅଲେଖ ବେହେରା ଓ ମନୋଜ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବାଲିଘାଟରେ ନିଷେଧାଦେଶ ଜାରି

ଆସିକା,୩୦।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ତହସିଲ ଅଧୀନ ଋଷିକୁଲ୍ୟା ନଦୀର ବରଗାଁ ଏବଂ ପଢାଳ ଠାରେ ବେଆଇନ ବାଲିଘାଟ ଉପରେ ବୁଧବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କ ନେତୃତ୍ୱରେ ଆସିକା ତହସିଲଦାର ସଙ୍ଗୀତା ସେନ, ଖଣି ବିଭାଗ ଅଧିକାରୀ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଏବଂ କୋଚିନଡା ଥାନା ଅଧିକାରୀ ଦୀପିକା ରାୟ ଏହି ଘାଟ ପରିଦର୍ଶନ କରିଥିଲେ । ଏସବୁ ଘାଟରୁ ବେଆଇନ ବାଲି ଚାଲାଣ ହେଲେ ସ୍ୱାଭାବିକ ଜଳ ପ୍ରବାହକୁ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଇଛି । ତେଣୁ ଉପଜିଲ୍ଲାପାଳଙ୍କ ପକ୍ଷରୁ ବରଗାଁ, ପଢାଳ ବାଲି ଘାଟ ଉପରେ ନିଷେଧାଦେଶ ଜାରି କରାଯାଇଛି।

# ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ବିକାଶ ଉପରେ ଗୁରୁତ୍ୱ




ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଶିବିରାର୍ଥୀମାନେ।

ବ୍ରହ୍ମପର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ସଭା ଗୃହରେ ଜନ ଆରୋଗ୍ୟ ସମିତି ଏବଂ ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ପାଇଁ ଜିଲାସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏ କ୍ଷେତ୍ରରେ ଗାଁ କଲ୍ୟାଣ ସମିତିର ଭୂମିକା ରହିଛି। ଏଥିପାଇଁ ସମିତିଗୁଡିକୁ ସରକାରୀ ସ୍ତରରେ ବାର୍ଷିକ ଅନୁଦାନ ଦିଆଯାଉଛି। ତେଣୁ ଗାଁ କଲ୍ୟାଣ ସମିତିକୁ ସୁଦୃଢ଼ କରାଗଲେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କୁହାଯାଇଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା କିଭଳି ସହଜରେ, ସରଳରେ ଏବଂ ଘରେ ଘରେ ଲୋକମାନଙ୍କଠାରେ ପହଞ୍ଚି ପାରିବ ସେଥିନେଇ ସମିତିର ସଦସ୍ୟ ଏବଂ ଜନ ଆରୋଗ୍ୟ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ତିନିଦିନିଆ ପ୍ରଶିକ୍ଷଣ ଶିବିର ବି ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡିକରେ ରୋଗୀମାନଙ୍କ ନିମନ୍ତେ ରୋଗ ପ୍ରତିଷେଧକ, ସହଜରେ ରୋଗ ନିଦାନ ପାଇଁ ପ୍ରୋତ୍ସାହିତ କରିବା, ରୋଗ କବଳରୁ ଆରୋଗ୍ୟ କରିବା, ରୋଗୀକୁ କିଭଳି ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା, କିଭଳି ସୁବିଧାରେ ରୋଗୀଙ୍କ ରୋଗ ଉପସମ କରାଇବା ନିମନ୍ତେ ବ୍ଲକସ୍ତରୀୟ ଶିବିରାର୍ଥୀଙ୍କୁ ଜିଲାସ୍ତରୀୟ ପ୍ରଶିକ୍ଷକମାନେ ତାଲିମ ଦେବେ। ଶିବିରରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଶ୍ୟାମସୁନ୍ଦର ତ୍ରିପାଠୀ,ରାଜ୍ୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ଗୋଷ୍ଠୀ ପ୍ରଶିକ୍ଷଣ ସହ ପରିଚାଳିକା ଜ୍ୟୋତିର୍ମୟୀ ଜେନା, ଜିଲା ଆଶା ଏବଂ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଆଶିଷ କୁମାର ମିଶ୍ର, ଜିଲା ଗୁଣାବତ୍ତା ସହ ପରିଚାଳକ ସଞ୍ଜୟ କୁମାର ପରିଡା, ଡାକ୍ତର ରାଜେଶ ମିଶ୍ର, ଡାକ୍ତର ସସ୍ମିତା ପୃଷ୍ଟି, ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ପ୍ରଶିକ୍ଷଣ ଦେବେ। କାର୍ଯ୍ୟକ୍ରମରେ ଧରାକୋଟ, ବେଗୁନିଆପଡା, ରଙ୍ଗେଇଲୁଣ୍ଡା, ହିଞ୍ଜିଳିକାଟୁ, ଦିଗପହଣ୍ଡି, ପାତ୍ରପୁର, ସୋରଡ଼ା, ଶେରଗଡ଼, ଗାଲେରୀ ଏବଂ ଖଲିକୋଟ ବ୍ଲକ ସମେତ ପ୍ରାୟ ୭୦ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜନ ଆରୋଗ୍ୟ ସମିତିର ଦାୟିତ୍ୱ, ଭୂମିକା, କାର୍ଯ୍ୟପନ୍ଥା, ଗାଁ କଲ୍ୟାଣ ସମିତିର ପାଣ୍ଠି, ଉକ୍ତ ପାଣ୍ଠିର ପରିଚାଳନା, ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଜଳ, ପରିମଳ, ପରିଷ୍କାର ଓ ପରିଚ୍ଛନ୍ନତା ନିମନ୍ତେ ଏଗାର ମାସିଆ ଅଭିଯାନ, ଗାଁ କଲ୍ୟାଣ ଓ ଜନ ଆରୋଗ୍ୟ ସମିତି ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ଯୋଜନା ପ୍ରସ୍ତୁତି କରାଯାଇଛି।

# ବିଜେଡି କର୍ପୋରେଟରଙ୍କ ଗୋଷ୍ଠୀ କନ୍ଦଳରୁ ବିକାଶ ବାଧାପ୍ରାପ୍ତ

## ସରକାର ହସ୍ତକ୍ଷେପ କରିବାକୁ ଭାଜପା ନେତାଙ୍କ ଦାବି

ବ୍ରହ୍ମପୁର,୩୦।୧(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ବିଜେଡି କର୍ପୋରେଟରଙ୍କ ଗୋଷ୍ଠୀ କନ୍ଦଳ ଉଗ୍ରରୂପ ନେଇଛି। ଫଳରେ ବ୍ରହ୍ମପୁରରେ ବିକାଶ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଏମସି ବିଫଳ ହୋଇଛି। ତେଣୁ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଧାରା ୪୮ ପ୍ରକାରେ ସରକାର ପରିଚାଳନା ଭାର ହାତକୁ ନେବା ପାଇଁ ରାଜ୍ୟ ବାର କାଉନସିଲ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ଦାବି କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ବିଭାଗକୁ ଜଣାଇଥିବା ଗୁରୁବାର ଏକ ପ୍ରେସ୍ ବିବୃତିରେ ପଣ୍ଡା ସୂଚାଇଛନ୍ତି। ପଣ୍ଡା କହିବାନୁସାରେ ୨୦୨୨ ପୌର ନିର୍ବାଚନରେ ବିଏମସିକୁ ସଂଖ୍ୟାଧିକ ୩୦ ବିଜେଡି କର୍ପୋରେଟର ନିର୍ବାଚିତ ହୋଇଥିଲେ। ପରବର୍ତ୍ତି ସ୍ଥିତିରେ ଅନ୍ୟ ଦଳ ଓ ସ୍ୱାଧୀନରୁ ଆଉ ୬ ଜଣ ବିଜେଡିରେ ମିଶିଥିଲେ। ସିଧାସଳଖ ନିର୍ବାଚନରେ ସଂଘମିତ୍ରା ଦଳେଇ ମେୟର ନିର୍ବାଚିତ ହୋଇଥିଲେ। ବିଜେଡିରୁ ବିବେକ ରେଡ଼ି ଡେପୁଟି ମେୟର ହୋଇଛନ୍ତି। ଅନ୍ୟ ଦଳର ସଂଖ୍ୟା ନ ଥିବାରୁ ବିଜେଡି ଶାସନରେ ସେମାନଙ୍କ ଦବଦବା ଥିଲା। ସରକାର ବଦଳିବା ପରେ ବିଜେଡିରେ ଗୋଷ୍ଠୀ କନ୍ଦଳ ବଢ଼ି ଚାଲିଛି ଓ ମହାନଗର ବିକାଶ ଚିନ୍ତା ନ କରି ନିର୍ବାଚିତ ପୌର ଜନ ପ୍ରତିନିଧି ମଧ୍ୟରୁ କେତେକ ନିଜ ବିକାଶରେ ମାତିଛନ୍ତି। ତେଣୁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ସେ କଟାକ୍ଷ କରିଛନ୍ତି। ଅପରପକ୍ଷରେ ବର୍ଦ୍ଧିତ ଘର ଟିକସ ପ୍ରତ୍ୟାହାର, ମଶାମରା ତେଲ କିଣାରେ ଦୁର୍ନୀତି ସମ୍ପର୍କରେ କାଉନସିଲ ବୈଠକରେ ଆଲୋଚନା କରା ନ ଯିବା, ଡ୍ରେନ ଓ ରାସ୍ତା ନିର୍ମାଣ ବାବଦରେ ହରିଲୁଟ ଆଦି ପ୍ରସଙ୍ଗରେ ଜନ ପ୍ରତିନିଧି ପାଟି ଖୋଲୁନଥିବା ସେମାନଙ୍କ ଅସଲ ଚରିତ୍ର ପଦାରେ ପଡ଼ିଥିବା ଭାଜପା ନେତା ଟିପ୍ପଣି ଦେଇଛନ୍ତି। ସରକାର ଦୁର୍ନୀତି ଅଭିଯୋଗଗୁଡ଼ିକର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କରାଯିବାକୁ ପଣ୍ଡା ଗୁରୁତ୍ୱ ଦେଇଛନ୍ତି।

# ପୁଣି ଜଣଙ୍କୁ କାବୁ କଲା ପୋଲିସ

## ୨ କୋଟି ଦାବିରେ ଅପହରଣ ଘଟଣା

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ):

୨ କୋଟି ଟଙ୍କା ପାଇଁ ଏକ ଫାଇନାନ୍ସ କମ୍ପାନୀର ୪ ଜଣଙ୍କୁ ଅପହରଣ କରାଯାଇଥିଲା। ୪ ଦିନ ପରେ ପୋଲିସ ଅପହୃତମାନଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଗତ ୨୭ ତାରିଖରେ ଜଣଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆଉ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ସୋମନାଥନଗରର ଶଶିକାନ୍ତ ବେହେରା(୪୫) ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି। ଘଟଣାଦିନ ଶଶିକାନ୍ତ ଫାଇନାନ୍ସ କମ୍ପାନୀର ୪ କର୍ମଚାରୀଙ୍କୁ ଚିକିଟିର ପରିତ୍ୟକ୍ତ ଘରକୁ ନେଇଥିଲେ। ତାଙ୍କ ପୁଅ କାର୍ତ୍ତିକ ବେହେରା ଓରଫ ଆନ୍ନାର ମଧ ଏଥିରେ ସମ୍ପୃକ୍ତି ରହିଥିବା ପ୍ରମାଣ ପୋଲିସର ହସ୍ତଗତ ହୋଇଛି। ତାଙ୍କୁ ଧରିବା ପାଇଁ ପୋଲିସ ଟିମ ଚଢଉ ଜାରି ରଖିଛି। ସୂଚନାଯୋଗ୍ୟ, ୪ କର୍ମଚାରୀ ପ୍ରୋଜେକ୍ଟ ପାଇଁ ଋଣ ପ୍ରଦାନ କରିବାକୁ ଭୁବନେଶ୍ୱରରୁ ଆସିଥିବା ବେଳେ ସେମାନଙ୍କୁ ଅପହରଣ କରି କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ନିକଟସ୍ଥ କେରାଣ୍ଡି ଜଙ୍ଗଲ ପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ ଘରେ ନଜରବନ୍ଦୀ କରି ରଖି ୨କୋଟି ଟଙ୍କା ଦାବି କରାଯାଇଥିଲା। ଅପହରଣକାରୀଙ୍କ କବଳରୁ ଜଣେ ଖସି ଆସିବା ପରେ ଗତ ୨୭ ତାରିଖରେ ଘଟଣା ପର୍ଦ୍ଦାଫାସ ହୋଇଥିଲା।

### ସଡ଼କ ସୁରକ୍ଷା ସଚେତନତା ସଭା
## ମାନସିକତାରେ ପରିବର୍ତ୍ତନ ହେଲେ ଦୁର୍ଘଟଣା ହାର କମିବ

ଭଞ୍ଜନଗର,୩୦।୧(ବାବୁଲା ପ୍ରଧାନ)

ଭଞ୍ଜନଗର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ପରିବାର ରକ୍ଷା ଉପରେ ଏକ ସଚେତନତା ସଭା ହୋଇଥିଲା। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲାରେ ପୂର୍ବ ଅପେକ୍ଷା ଦୁର୍ଘଟଣା ହାର କମିଛି ବୋଲି କହିଥିଲେ। ତଥାପି ଦୁର୍ଘଟଣା ହାର ଆହୁରି କମାଇବାକୁ ପଡିବ। ଏଥିପାଇଁ ଆମ ମଧ୍ୟରେ ମାନସିକତାରେ ପରିବର୍ତ୍ତନ ଲୋଡ଼ା। ଏହା ହେଲେ ଦୁର୍ଘଟଣା ହାର ଆହୁରି କମିପାରିବ ବୋଲି ରାୟ କହିଥିଲେ। ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ରୋକିବା ପାଇଁ ଜୀବନରେ ମୂଲ୍ୟବୋଧଭିତ୍ତିକ ଆଧ୍ୟାତ୍ମିକ ଶିକ୍ଷା ଜରୁରୀ ବୋଲି କହିଥିଲେ। ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ରାଜଯୋଗ ଦ୍ୱାରା ଜୀବନ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ସେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବ୍ରହ୍ମା କୁମାର ବୈକୁଣ୍ଠ ଭାଇ, ବ୍ରହ୍ମାକୁମାରୀ ଅଲିଭା ଭଉଣୀ, ଅନୀତା ଭଉଣୀ, ପ୍ରାପ୍ତି ଭଉଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ପୂର୍ବରୁ ସହରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶାସ୍ତ୍ରୀ ପାଠାଗାର ପକ୍ଷରୁ ପୋଖରୀ ସଫେଇ



ପାଠାଗାର ସଦସ୍ୟ ଓ ସ୍ଥାନୀୟ ଲୋକେ ପୋଖରୀ ସଫା କରୁଛନ୍ତି।

ବ୍ରହ୍ମପୁର,୩୦।୧(ଅଶୋକ କୁମାର ସାହୁ) ପଣ୍ଡା କଲୋନୀ ସ୍ଥିତ ଶାସ୍ତ୍ରୀ ପାଠାଗାରରେ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପାଠାଗାର ସଭାପତି ଇଂ ଅପୂର୍ବ ପଟ୍ଟନାୟକ ଯୋଗଦେଇ ହାତରେ ହାତ ମିଶିଲେ ବିକାଶ ହୁଏ। ତେଣୁ ସମସ୍ତେ ଏକ ହୋଇ ଏଥିରେ ଅଗ୍ରଦୂତ ଭଳି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଗଣେଶ ପଣ୍ଡା, ଉପସଭାପତି ଜେ. ଜଗନ୍ନାଥ ପାତ୍ର, ପଞ୍ଚାନନ ତାରିଣୀ, ଯୁଗ୍ମ ସମ୍ପାଦକ ଅନୀଲ ପାଣିଗ୍ରାହୀ, କମଳ ଲୋଚନ ପ୍ରଧାନ, ପ୍ରମୋଦ ସାବତ, ଉପଦେଷ୍ଟା ଅଭିମନ୍ୟୁ ପ୍ରଧାନ, ପ୍ରମୋଦ କୁମାର ସାବତ, ସୁଜନ ଶୁକ୍ଲ, ସୁବାଷ ପଣ୍ଡା, ଦ୍ୱିତୀ କୃଷ୍ଣ ମଲ୍ଲ,ସଦସ୍ୟ ମିଟୁ ଗୌଡ଼, ରଂଜିତ ପାଣିଗ୍ରାହୀ, ରାଜ କୁମାର ନାୟକ, ତ୍ରିପତି ପାତ୍ର, ସୁଶାନ୍ତ ନନ୍ଦ, ମନୋଜ ବେହେରା, ବିଭୁତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପଣ୍ଡାକଲୋନୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରେ ସ୍ଥାନୀୟ ପୋଖରୀକୁ ସଦସ୍ୟମାନେ ସଫେଇ କରିଥିଲେ।

# ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ସରିଲା



ବେଲଗୁଣ୍ଠା,୩୦।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ପ୍ରସାନ୍ତ ନାୟକଙ୍କ ପରଲୋକ ହେବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ହୋଇଛି । ବିଜେଡ଼ିର ମମତା ଭୋଳ ଓ ଭାଜପାର ଗିତାଞ୍ଜଳି ବିଷୋୟୀ ପ୍ରାର୍ଥୀ ହୋଇଥିଲେ। ଏଥିରେ ବିଜେଡ଼ି ସମର୍ଥିତ ୯ ଜଣ ସମିତି ସଭ୍ୟ ଓ ଭାଜପାର ୮ଜଣ ସମିତିସଭ୍ୟ ମତଦାନ କରିଛନ୍ତି। ସର୍ବମୋଟ ୧୭ଜଣ ସମିତି ସଭ୍ୟ ବେଲଗୁଣ୍ଠା ସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ନିଜର ମତଦାନ କରିଛନ୍ତି। ଉପନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ ଦାୟିତ୍ୱରେ ଭଞ୍ଜନଗର ତହସିଲଦାର ଉମା ଶଙ୍କର ବେହେରା, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ଏସଡିପିଓ ସୁଜୀତ ନାୟକଙ୍କ ସହ ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ସମେତ ଏକ ସେକ୍ସନ ମହିଳା ପୋଲିସ, ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମଧ୍ୟ ମୁତୟନ ହୋଇଥିଲେ।

# କର୍ପୋରେଟରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ଫେରାଦ



ବ୍ରହ୍ମପୁର,୩୦।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୨୬ ନଂ. ୱାର୍ଡ କର୍ପୋରେଟର ଧୀରେଶ ସାବତ ବିଏମସି ସାଧାରଣ ବୈଠକରେ କମିଶନର ଭବାନୀ ପ୍ରସାଦ ମିଶ୍ର ଓ ଅନ୍ୟ କର୍ମଚାରୀଙ୍କୁ ଖରାପ ବ୍ୟବହାର କରିଥିବା ନେଇ ବିଏମସି ମେୟର ସଂଘମିତ୍ରା ଦଳେଇ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ମେୟରଙ୍କ ସମେତ ତାଙ୍କର ସପକ୍ଷ କର୍ପୋରେଟର ଗୁରୁବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ କମିଶନର ଭବାନୀ ପ୍ରସାଦ ମିଶ୍ର ରାଜ୍ୟ ଓଏଏସ ସଂଘକୁ ଘଟଣା ସଂପର୍କରେ ଅବଗତ କରାଇଥିବା ନେଇ ଚର୍ଚ୍ଚା ହେଉଛି। ଏ ନେଇ କର୍ପୋରେଟର ଧୀରେଶ ସାବତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ କୌଣସି ଗାଳି ଗୁଲଜ କରି ନାହାନ୍ତି। ଜଣେ ଜନପ୍ରତିନିଧି ଭାବରେ ସେ ବିଭିନ୍ନ ପ୍ରଶ୍ନ କରିଥିଲେ। କିନ୍ତୁ କମିଶନର ଉତ୍ତର ଦେଇ ନ ପାରି ଉତ୍ତକ୍ଷିପ୍ତ ହୋଇ ଉଠି ପଳାଇଥିବା ସେ କହିଛନ୍ତି।

# ଏମ୍‌କେସିଜିକୁ ମିଳିଲା ପୁଣି ଦୁଇଟି ଚକ୍ଷୁ

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲକୁ ପୁଣି ୨ଟି ଚକ୍ଷୁ ମିଳିଛି। ଗୋଷାଣିନୂଆଗାଁ ଥାନା ହାଉସିଂବୋର୍ଡ ହରିହରନଗର କୋଞ୍ଚଡା ପ୍ରଭାକର ରାଓ(୭୭)ଙ୍କ ମୃତ୍ୟୁ ହୋଇଥିଲା। ଫ୍ରେଣ୍ଡସ ହେଲଫିଂ କ୍ଲବ ସଦସ୍ୟ କେ. ରାମଗୋପାଳଙ୍କ ପ୍ରେରଣାରେ ମୃତକଙ୍କ ପରିବାର ଚକ୍ଷୁ ଦାନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଏମକେସିଜି ଚକ୍ଷୁ ବିଭାଗ ମୁଖ୍ୟ ଡା.ସୁଚିତ୍ରା ଦାସଙ୍କ ତତ୍ତ୍ୱାବଧାନରେ ଡା.ଆଲୋକ ଶର୍ମା, ଡା. ସାକ୍ଷୀ ରବୀନ୍ଦ୍ର ଗୁରୁବାର ମୃତକଙ୍କ ୨ ଚକ୍ଷୁ ସଂଗ୍ରହ କରିଥିଲେ। ଏହି ସମୟରେ ତାଙ୍କର ପୁଅ କେ.ଶ୍ରୀନୁ ଓ ଝିଅ କେ. ଭାଲିଆ, ଡା.କେ.ଇ. ପି ସୁବୁଦ୍ଧି, ଇ. ଭଦ୍ରିନାରାୟଣ , ଜେ. ପ୍ରଭାକର ରାଓ, କେ. ଶ୍ରୀରାମ , କେ. ଗୋପାଳକୃଷ୍ଣ, କେ.ରାମୁ, ଭି. ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଦୃଷ୍ଟିହୀନଙ୍କ ଆଖିରେ ସଂଗୃହିତ ଚକ୍ଷୁ ଦୁଇଟି ଖଞ୍ଜା ଯିବ। ଏହା ହେଉଛି ଚଳିତ ବର୍ଷ ଜାନୁଆରୀ ୩୦ ତାରିଖ ସୁଦ୍ଧା ୪ର୍ଥ ଚକ୍ଷୁଦାନ ବୋଲି ଡା. ଦାଶ କହିଛନ୍ତି।

# ଅନ୍ୟ ଆଖିରେ ନିଜ ସ୍ୱାମୀ, ଶ୍ୱଶୁରଙ୍କୁ ଦେଖୁଛି

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଅଙ୍ଗଦାନ ସଂଖ୍ୟା ଏବେ ବଢ଼ିବାରେ ଲାଗିଛି। ବିଭିନ୍ନ ପରିବାର ପକ୍ଷରୁ ଏ କ୍ଷେତ୍ରରେ ସଚେତନ ହୋଇ ଆଗଭର ହେଉଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଚକ୍ଷୁଦାନ ଅଧିକ ରହୁଛି। କିଏ ଚକ୍ଷୁଦାନ କରି ଅନ୍ୟ ଆଖିରେ ନିଜ ସ୍ୱାମୀଙ୍କୁ ଦେଖୁଛି ତ ଆଉ କିଏ ନିଜ ପୁଅର ଚକ୍ଷୁଦାନ କରି ଅନ୍ୟ ଆଖିରେ ନିଜ ପୁଅଙ୍କୁ ଦେଖୁଛନ୍ତି। ଆଉ କିଏ ଚକ୍ଷୁ ପାଇ ଦୁନିଆ ଦେଖୁଛି। ଏବେ ସମାଜରେ ଏହା ଏକ ମହତ୍ ଉଦ୍ଦେଶ୍ୟ ବୋଲି ଏକ ବାର୍ତ୍ତା ପ୍ରଚାର ହୋଇ ସାରିଛି। ବ୍ରହ୍ମପୁରରେ ଏହି ଧାରା ଦୀର୍ଘ ୨୬ ବର୍ଷ ହେଲା ଆରମ୍ଭ ହୋଇଛି। ବ୍ରହ୍ମପୁର କିଛି ଯୁବ ପିଢ଼ିଙ୍କ ସହିତ ଦେଖା ହୋଇଥିଲା ଆଇ ବ୍ୟାଙ୍କ ଆସୋସିଏସନ ଅଫ ଇଣ୍ଡିଆର ସଦସ୍ୟ କେ.ମୁରଳୀ ସୁନ୍ଦରଙ୍କ ସହିତ। ତାଙ୍କଠାରୁ ପ୍ରେରଣା ପାଇ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା କହିଛନ୍ତି ଜାମୁଲା ସୁରେଶ ନାମକ ଜଣେ ବ୍ୟକ୍ତି। ପରେ ଫ୍ରେଣ୍ଡସ ହେଲପିଂ କ୍ଲବ ଏହି କାର୍ଯ୍ୟର ମୁଖିଆ ଭାବେ ନିଜକୁ ଆଗ ଧାଡିକୁ ଆଣିଛି। ଏହି କ୍ଲବର ସଦସ୍ୟମାନେ ଖାଲି ଚକ୍ଷୁ ନୁହେଁ ଶରୀର ଦାନ ପାଇଁ ବି ଲୋକଙ୍କୁ ସଚେତନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆମେ ଭେଟିଥିଲୁ ବଡବଜାର ଖାସ୍ପାସାହି ଅଞ୍ଚଳର ସୁଗୁନା ନାମ୍ନୀ ଜଣେ ମହିଳାଙ୍କୁ। ତାଙ୍କ କହିବା କଥା ହେଲା ତାଙ୍କ ସ୍ୱାମୀ ବି.ଶ୍ରୀରାମୁଲୁ(୪୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେଭଳି ଦୁଃଖ ସମୟରେ ଫ୍ରେଣ୍ଡସ ହେଲପିଂ କ୍ଲବର ସଦସ୍ୟମାନେ ଆସି ଘରେ ପହଞ୍ଚିଥିଲେ। ସେମାନେ ସଚେତନ କରିଥିଲେ। ପରେ ପରିବାର ପକ୍ଷରୁ ରାଜି ହୋଇ ଚକ୍ଷୁଦାନ କରାଯାଇଥିଲା। କିନ୍ତୁ ସେହି ଆଖି ଯାହାକୁ ଦାନ କରାଯିବ ସେ ଦୁନିଆ ଦେଖିବା ପରେ ନିଜେ ଦେଖିବା ପାଇଁ ଅନୁରୋଧ କରିଥିଲେ। ନିଜ ସ୍ୱାମୀଙ୍କର ସ୍ଥୂଳ ଶରୀର ଚାଲି ଯାଇଥିଲେ ବି ଯେଉଁ ଆଖିରେ ସେ ସବୁବେଳେ ତାଙ୍କୁ ଦେଖୁଥିଲେ ସେହି ଆଖିକୁ ଦେଖି ଅନ୍ତତଃ ପକ୍ଷେ ପୂର୍ବ ଦୁଃଖକୁ ଲାଘବ କରିହେବ। ପରେ ତାଙ୍କ ସ୍ୱାମୀଙ୍କ ଆଖିରେ ଯିଏ ଦୁନିଆ ଦେଖିଥଲେ ତାଙ୍କୁ ଦେଖି ସେ ଖୁସି ହୋଇଯାଇଥିଲେ। ପ୍ରଣାମ କରିଥିଲେ। ତାହାର କିଛି ଦିନ ପରେ ତାଙ୍କ ଶ୍ୱଶୁର ଭି.ନାରାୟଣ ମୂର୍ତ୍ତି ବି ଇହଧାମ ଚାଲିଯାଇଥିଲେ। ପରେ ତାଙ୍କର ବି ଚକ୍ଷୁଦାନ କରାଯାଇଥିଲା। ବର୍ତ୍ତମାନ ପରିବାରରୁ ଦୁଇଜଣଙ୍କ ଆଖି ଦାନ କରାଯାଇଛି। ଏହା ପରିବାରର ଏକ ପରମ୍ପରା ଭାବେ ରଖିବାକୁ ସେ ଚାହାଁନ୍ତି ବୋଲି କହିଛନ୍ତି। ବର୍ତ୍ତମାନ ସୁଗୁନା ପିଲାମାନଙ୍କ ସହିତ ବେଙ୍ଗାଲୁରରେ ରହୁଛନ୍ତି। କେତେବେଳେ ଆସିଲେ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କ ଆଖିରେ ଯିଏ ଦୁନିଆ ଦେଖୁଛନ୍ତି ତାଙ୍କୁ ଡକାଇ ସେମାନଙ୍କ ଆଖିରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ଖୋଜୁଛନ୍ତି। ଏହା କେବଳ ଅନ୍ୟମାନଙ୍କ ପାଇଁ ବରଦାନ ହେବା ସହିତ ଚିକିତ୍ସା କ୍ଷେତ୍ରରେ ଡାକ୍ତର ଓ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରେରଣା ବୋଲି ସେ କହିଛନ୍ତି। ଏଥିରେ ସମାଜର ପ୍ରତ୍ୟେକ ବୁଦ୍ଧିଜୀବୀ ପ୍ରେରିତ ହେବା ଉଚିତ ବୋଲି ସେ କହିଛନ୍ତି।

**ଚକ୍ଷୁଦାନକୁ ପରମ୍ପରା ଭାବେ ରଖିବି: ସୁଗୁନା**



## ସଂକ୍ଷେପରେ

### ଭାଗବତ ସପ୍ତାହ ଉଦ୍‌ଯାପିତ

ଛତ୍ରପୁର, ୩୦।୧(ସନ୍ତୋଷ ପାଢ଼ୀ )

ଛତ୍ରପୁର ଉପକଣ୍ଠ କରପଡା ଗ୍ରାମରେ ଚାଲିଥିବା ଭାଗବତ ସପ୍ତାହ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବକ୍ତା ଭାବେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ଆଚାର୍ଯ୍ୟ ବିଷ୍ଣୁ ଗୋସ୍ୱାମୀ ମହାରାଜ ଯୋଗ ଦେଇଥିଲେ। ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ଶୁଣିବା ଲାଗି ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଲୋକଙ୍କ ବହୁ ସମାଗମ ହେଉଥିଲା। ଅନ୍ତିମ ଦିନରେ କରପଡା ସରପଞ୍ଚ ଅଜୟ ନାୟକ,ରାମଚଣ୍ଡୀ ପୂଜା କମିଟି ସଂଯୋଜକ କମଳ ପଣ୍ଡା,ଦିବାକର ନାୟକ,କେ. ସାଇ କ୍ରିଷ୍ଣା, ମନୋଜ ମିଶ୍ର, ତୁଷାର ଶତପଥୀଙ୍କ ସି ଅନ୍ୟମାନେ ଉପସ୍ଥିତ ଥିଲେ। ନରହରି ନାୟକ, ହିନ ନାୟକ, ଉତ୍ତମ ନାୟକ, ରାମ ନାୟକ, ଶିବ ମନ୍ଦିର କମିଟି, ହନୁମାନ ମନ୍ଦିର କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଫୁଲବାଣୀ,୩୦।୧(ରାକେଶ କୁମାର ରାଉତ): ଫୁଲବାଣୀ ହାଟପଦାସ୍ଥିତ ଯାତ୍ରା କମିଟି ସଭା ଗୃହରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି କମଳାକାନ୍ତ ପାଣ୍ଡେ ଓ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ ଶିବିର ଶୁଭାରମ୍ଭ କରିଥିଲେ। ଆୟୁର୍ବେଦିକ ଡାକ୍ତର ଜଗଦୀଶ ବେଜ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ରୋଗ ନ ହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଉପରେ ସେ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଫୁଲବାଣୀ ସହର ସମେତ ଗ୍ରାମାଞ୍ଚଳର ବହୁ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ନବୀନ କିଶୋର ପଣ୍ଡା,ପଦ୍ମ ଚରଣ ସ୍ୱାଇଁ, କେ ଜ୍ଞାନଦୋରା, ବ୍ରଜ ପଟନାୟକ, ବିରାଜ ମୋହନ ରଥ ,ହେମନ୍ତ ମହାନ୍ତି, ମଧୁସୂଦନ ସାହୁ, କୃଷ୍ଣ ଚନ୍ଦ୍ର ମିଶ୍ର, ପିତାମ୍ବର ମିଶ୍ର, ବଂଶୀଧର ପଣ୍ଡା, ନବ କିଶୋର ରଥ, ଅନନ୍ତ ଚରଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୮୫ ଜଣଙ୍କ ଚିକିତ୍ସା କରାଯାଇଥିଲା।

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଚିକିଟି,୩୦।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ଗିରିସୋଲା ସ୍ଥିତ ମଦନ ମୋହନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉମା ଜୟନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଡାଏଟରୁ ଆସିଥିବା ବିଷ୍ଣୁ ନାରାୟଣ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଗମାନନ୍ଦ ପଣ୍ଡା, ସିମାଞ୍ଚଳ ପଣ୍ଡା, ଜିଲା ପରିଷଦ ଏମ୍.ନାଗରାଜୁ ଓ ଗିରିସୋଲା ସରପଞ୍ଚ ଡି.ଆଲିସା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉମା ଜୟନ୍ତୀ ପ୍ରମୁଖ ମଞ୍ଚାସିନ ଥିଲେ। ଗିରିସୋଲା ସିଆରସିସି ବି.ଭେଙ୍କେଟ ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକାଠି ହେଲେ ଜନ ପ୍ରତିନିଧି, ଅଞ୍ଚଳବାସୀ

## ଅଡ଼ବାକୁ ନୂତନ ବ୍ଲକ ମାନ୍ୟତା ଦାବି

ମୋହନା,୩୦।୧(ମନ୍ମଥ ମିଶ୍ର)



ବୈଠକରେ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି ।

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଅଡ଼ବା ହାଟପଦାଠାରେ ଅଡ଼ବାକୁ ନୂତନ ବ୍ଲକ ଗଠନ କରାଯିବା ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ନେତୃତ୍ୱ ନେଇଛି। ପରିଷଦ ସଭାପତି ପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଡ଼ବା ଜୋନର ୧୫ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ କରିବାକୁ ଜନପ୍ରତିନିଧି ଓ ଅଞ୍ଚଳବାସୀ ଦାବି କରିଛନ୍ତି । ସରକାର ବଦଳିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ସୂଚନା ଦେଇଥିଲେ। ବିଜେଡ଼ି ସରକାର ସମୟରେ ଅଞ୍ଚଳବାସୀ ଦୁଇଥର ରାଜସ୍ୱ ମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅଡବାକୁ ବ୍ଲକ କରିବାକୁ ଦାବି ଉପସ୍ଥାପନ କରିଥିଲେ। ମାତ୍ର କିଛି କାର୍ଯ୍ୟକାରୀ ହୋଇ ନ ଥିଲା। ଏବେ ଏହି ଦାବିକୁ ଅଞ୍ଚଳବାସୀ ଜୋରଦାର କରିଥିବା ଦେଖିବାକୁ ମିଳିଛି। ଅଡ଼ବା ଜୋନର ୧୫ଟି ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟବସାୟ ନିମନ୍ତେ ଅଡ଼ବା ଉପରେ ନିର୍ଭର କରନ୍ତି। ଏଠାରେ ବ୍ଲକ ପ୍ରତିଷ୍ଠା ହେଲେ ଏହି ସବୁ ପଞ୍ଚାୟତଗୁଡ଼ିକ ନୂତନ ବ୍ଲକ୍‌ଠାରୁ ୩୦ରୁ ୪୦କି.ମି. ଦୂରତାରେ ରହି ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ଦାବିଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ଅଡ଼ବା ଜୋନର ୧୫ଟି ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ପୂର୍ବତନ ଜନପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ବ୍ଲକ ଗଠନ ନେଇ ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଶୀଘ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ସ୍ଥିର ହୋଇଥିଲା। ସରକାରଙ୍କୁ ଅବଗତ କରିବା ପରେ ଅଡବାକୁ ଯଦି ବ୍ଲକ ମାନ୍ୟତା ଦେବାରେ ଅବହେଳା କଲେ ଆନ୍ଦୋଳନକୁ ଜୋରଦାର କରାଯିବ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

ଧରାକୋଟ, ୩୦।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ଧରାକୋଟ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଏବିଡିଓ ସୁଶିଲ ପଟ୍ଟନାୟକ, ଏପିଓ କୃଷ୍ଣ ଚନ୍ଦ୍ର ବେହେରା, ବ୍ଲକ୍ ସାମାଜିକ ସମୀକ୍ଷକ ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୦୨୪-୨୫ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ ଓ ପଞ୍ଚଦଶ ଅର୍ଥ କମିଶନ ସହାୟତାର ଶୁଣାଣି କରାଯାଇ ଏହାର ଉପାଦେୟତା ଓ ଲୋକେ ପାଉଥିବା ସୁଫଳ ଉପରେ ଆଲୋଚନା କରାଯାଇଥିଲା। ଡିଏଫ୍‌ଓ ପ୍ରମୋଦ ପଣ୍ଡା, ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁଶ୍ରୀ ସନୁଜା ପାତ୍ର, ଉଦ୍ୟାନ ବିଭାଗ ଅଧିକାରୀ ଶ୍ରୀକାନ୍ତ ସେଠୀଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀ ସତ୍ୟ ନାରାୟଣ ବେହେରା, ପ୍ରଶାନ୍ତ ଦାସ, ଏମ୍‌ଜିଏନ୍‌ଆର୍‌ଇଜିଏସ ବିଭାଗର ଅମେଶ ବେହେରା, ସଞ୍ଜୀବ ରାଉଳ, ଦୀପକ ପଟ୍ଟନାୟକ, ଆଶୁତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଷ୍ଟୁଆର୍ଟ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ମୋହନା,୩୦।୧(ମନ୍ମଥ ମିଶ୍ର

ଗଜପତି ଜିଲା ମୋହନା ବ୍ଲକ ଲାଦୁମାଟିସ୍ଥିତ ଷ୍ଟୁଆର୍ଟ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷା ସ୍ୱାତୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଡ଼ାଓସିସ ବିଷପ ମହାଚାର୍ଯ୍ୟ ସୁରେନ୍ଦ୍ର ନନ୍ଦ, ସମ୍ମାନିତ ଅତିଥି ଭାବେ ଇଂଲଣ୍ଡରୁ ୟୁନିଶ ଓ ମାଲ୍କମ, ବିଦ୍ୟାଳୟ ସମ୍ପାଦକ ରେଭ ଡିକନ ଅଭୟ କୁମାର ହୋତା, ଡାୟୋସିସ ଉପ ସଭାପତି ଆନ୍ତିନିଏଲ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ କୁନି କୁନି ଛାତ୍ରୀଛାତ୍ରଙ୍କୁ ଶିକ୍ଷାସହ କ୍ରୀଡା କ୍ଷେତ୍ରରେଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଗିତାଞ୍ଜଳି ଜତି ପରିଚାଳନା କରିଥିଲେ। ଶିକ୍ଷକ ଆଶିଷ ମହାନ୍ତି ଓ ଅନୁଗ୍ରହ ଲିମା, ଶାନ୍ତୁନି ଶବର, ସୁଧିକ୍ୟ ମଣ୍ଡଳ ସହଯୋଗ କରିଥିଲେ।

# ହରହର ଭେଟ ଯାତ୍ରା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯାତ୍ରା ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିମାନେ ଆଲୋଚନା କରୁଛନ୍ତି।

ଖଲିକୋଟ,୩୦।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲିକୋଟ ବ୍ଲକ ଅନ୍ତର୍ଗତ ଚିଲିକା ମଧ୍ୟରେ ଥିବା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ମାଘସପ୍ତମୀରେ ଗୁପ୍ତେଶ୍ୱର ଓ ସକଳେଶ୍ୱର ମହାଦେବଙ୍କ ହରହର ଭେଟ ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭ୍ରମରବର ସାହୁଙ୍କ ପୌରହିତ୍ୟରେ ଏସ୍‌କେଏସପୁର ପଞ୍ଚାୟତ ପରିସରରେ ଅନୁଷ୍ଠିତ ବୈଠକରେ ଶ୍ରୀକୃଷ୍ଣ ଶରଣପୁର ଶାସନ ପ୍ରତିନିଧି ଲକ୍ଷଣ ରଥ, ମନୋଜ ରଥ, ଆଇନଜୀବୀ ଜୋତିଶ ନନ୍ଦ, କେଶପୁର ପଞ୍ଚାୟତ ସରପଞ୍ଚ ବିଚିତ୍ର ଜାଲୀ, ଜିଲା ପରିଷଦ ସଭ୍ୟ ବିନାୟକ ଜାଲୀ, ଦୟାନିଧି ମହାରଣା, ସ୍ୱପ୍ନେଶ୍ୱର ପରିଡ଼ା, ମିଟୁ ସାହୁଙ୍କ ସମେତ ଦୁଇ ପଞ୍ଚାୟତର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ଏହି ଯାତ୍ରା କିପରି ସୁରୁଖୁରୁରେ ହେବ ସେନେଇ ନୀତି ନିର୍ଦ୍ଧାରଣ ହୋଇଥିଲା। ରାସ୍ତାଘାଟ ପରିଷ୍କାର ରଖିବା ସହ ଢୋଲ ଏବଂ ଖୋଳ କୀର୍ତ୍ତନ, ଘଣ୍ଟା ବାଦ୍ୟରେ ଯାତ୍ରା ହେବ। ଡିଜେ ବାଜାକୁ ବନ୍ଦ କରାଯାଇଛି ଏବଂ ସମୟ ନିର୍ଘଣ୍ଟ ମଧ୍ୟରେ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଛି।

### ସଡ଼କ ସୁରକ୍ଷା, ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର

ଧରାକୋଟ, ୩୦।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସ୍ଥାନୀୟ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଶାଖା ଓ ରେଡ ରିବନ୍ କ୍ଲବ ଆନୁକୂଲ୍ୟରେରେ ସଡ଼କ ସୁରକ୍ଷା ସଚେତନା ଏବଂ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲା ଯୁବ ରେଡକ୍ରସ୍‌ର ଉପଦେଷ୍ଟା ବି.ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥିଲେ। ଶିବିରରେ ଯୁବ ରେଡକ୍ରସ୍ ଉପଦେଷ୍ଟା ବଳରାମ ସ୍ୱାଇଁ, ଅଧାପିକା ଖିରାବ୍ଧି ସାହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆବାସଗୃହ ଦୁର୍ନୀତି ମାମଲା

# ସରପଞ୍ଚ,ସ୍ୱାମୀ ଗିରଫ

ଆର.ଉଦୟଗିରି,୩୦।୧(ମନୋଜ କୁମାର ପାଢ଼ୀ)

ଆବାସ ଯୋଜନାର ଟଙ୍କା ହଡପ କରିଥିବା ଅଭିଯୋଗରେ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ଗୁରୁବାର ଆର. ଉଦୟଗିରି ପୋଲିସ ଗିରଫ କରିଛି। ସେମାନେ ହେଲେ ସରପଞ୍ଚ ରିତାନୀ ମଣ୍ଡଳ (୨୨) ଓ ତାଙ୍କ ସ୍ୱାମୀ ଉଦିପ ମଣ୍ଡଳ। ଖବରରୁ ଜଣାପଡିଛି, ଆର. ଉଦୟଗିରି ବ୍ଲକ ବସ୍ତ୍ରିଗୁଡ଼ା ପଞ୍ଚାୟତ ସୁରେଇଖମା ଗାଁର ଜୟନ୍ତୀ ରଇତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହଟିଏ ପାଇଁ ଆବେଦନ କରିଥିଲେ। ଏହା ମଞ୍ଜୁର ହୋଇ ଆସିଥିବା ଟଙ୍କାକୁ ସରପଞ୍ଚ ରିତାନୀ ଓ ତାଙ୍କ ସ୍ୱାମୀ ଉଦିପ ଜୟନ୍ତୀଙ୍କୁ ନ ଜଣାଇ ପ୍ରାୟ ୧ଲକ୍ଷ ୫ହଜାର ଟଙ୍କା ହଡପ କରିନେଇଥିଲେ। ଏ ସମ୍ପର୍କରେ ଜୟନ୍ତୀ ଜାଣିବା ପରେ ପଞ୍ଚାୟତଠାରୁ ବ୍ଲକ ଏବଂ ଆର. ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ଡିସେମ୍ବର ୨୩ରେ ଶବରପଲ୍ଲୀ ପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ମଧ୍ୟ ଜୟନ୍ତୀ ଅଭିଯୋଗ କରିଥିଲେ। ତେବେ ବୁଧବାର ପୂର୍ବାହ୍ନ ୧୦ଟାରେ ମାମଲା ରୁଜୁ କରି ପୋଲିସ ସରପଞ୍ଚ ରିତାନୀ ଓ ତାଙ୍କ ସ୍ୱାମୀ ଉଦିପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ଆବେଦନ ଖାରଜ ହୋଇଯିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସାଧାରଣରେ ଦାବି ହେଉଛି।

# ଦୁଇ ସେତୁର ଶିଳାନ୍ୟାସ କଲେ ବିଧାୟକ



ପାତ୍ରପୁର, ୩୦।୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ଦୁଇ ରାସ୍ତାରେ ହେବାକୁ ଥିବା ସେତୁର ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା। ପ୍ରଥମେ ବୁରାତାଲ ପଞ୍ଚାୟତର ଗୁଜୁଲିଙ୍ଗିଠାରେ ବିଧାୟକ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ସ୍ୱାଗତ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପୂର୍ତ୍ତ ବିଭାଗର ଗୁଜୁଲିଙ୍ଗି ରାସ୍ତାରେ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୁଡିଖଳାଠାରୁ ବିଲୁଗାଁ ରାସ୍ତା ସେତୁର ବିଧାୟକ ଶୁଭ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ ସଂଯୁକ୍ତା, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ ଜେନା, କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସାମଲ, ସୁବ୍ରତ ପାତ୍ର, ପ୍ରସନ୍ନ କବି ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘର ମିତ୍ର ସଙ୍ଗମ ଆସର

ବାଲିଗୁଡ଼ା,୩୦।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ବରିଷ୍ଠ ନାଗରିକ ସଂଘର ମିତ୍ର ସଙ୍ଗମ ଆସର କାର୍ଯ୍ୟକ୍ରମ ସ୍ଥାନୀୟ ଗାୟତ୍ରୀ ମନ୍ଦିର ସଭା ଗୃହ ପରିସରରେ ସଭାପତି ବିଜୟ ଚନ୍ଦ୍ର ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଥାନା ଏସ୍‌ଆଇ ଭୋଳାନାଥ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ପରିଚୟ ପତ୍ର କିପରି ପାଇପାରିବେ ସେ ନେଇ ଆଲୋଚନା ହେବା ସହ ପୂର୍ବରୁ ସ୍ଥାନୀୟ ଉପଜିଲାପାଳ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କରିବା ପାଇଁ ସ୍ଥାନ ଚିହ୍ନଟ କରିବା ବିଷୟ ସ୍ଥାନୀୟ ତହସିଲଦାରଙ୍କୁ ଦିଆଯାଇଛି ବୋଲି ସଂଘର ସାଧାରଣ ସମ୍ପାଦକ ମନ୍ମଥ ରାଉଳ ପ୍ରକାଶ କରିଥିଲେ। ପରେ ସଂଘର ସମସ୍ତ ସଦସ୍ୟ ବନବାସୀ ସେବା ସମିତି ଦ୍ୱାରା ପରିଚାଳିତ ଜରା ନିବାସରେ ପହଞ୍ଚି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିରେ ସଂଘର ସଦସ୍ୟ ପ୍ରହ୍ଲାଦ ପ୍ରସାଦ ଲେଙ୍କା, ବଂଶୀଧର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦ ଦିବସ ପାଳିତ

ପାରଳାଖେମୁଣ୍ଡି,୩୦।୧(ଗିରିଧାରୀ ପରିଛା)

ଭାରତର ସ୍ୱାଧୀନତା ପାଇଁ ବଳି ଦେଇଥିବା ଶହୀଦମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଗୁରୁବାର ଗଜପତି ସଦର ମହକୁମା ପାରଳାଖେମୁଣ୍ଡିଠାରେ ଶହୀଦ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଶହୀଦ ମାନଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର କମଳକାନ୍ତ ପଣ୍ଡା, ଲିପୀନା ଦାସ ଓ କାଶ୍ୟପୀ ବେହେରା, ସହାୟକ ଜିଲାପାଳ ମୋନଜ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଫ୍ରେଣ୍ଡସ କ୍ରିକେଟ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ



ବନ୍ଧୁମିଳନ ତଥା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ସାମିଲ ହୋଇଥିବା ଖେଳାଳିମାନେ।

ପାଟପୁର,୩୦।୧(ସିମାଞ୍ଚଳ ସାହୁ): ପାଟପୁର ଫ୍ରେଣ୍ଡସ କ୍ରିକେଟ କ୍ଲବର ୩୬ତମ ବାର୍ଷିକ ଉତ୍ସବ ପାଳନ ସକାଶେ କ୍ଲବର ପୁରାତନ ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ପାଟପୁର କଲେଜ ଖେଳପଡ଼ିଆରେ କ୍ଲବର ପ୍ରତିଷ୍ଠାତା ସଭାପତି ଅଶୋକ ବେହେରାଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁମିଳନ ଓ କ୍ରିକେଟ ମ୍ୟାଚକୁ ଅଧ୍ୟାପକ ଡ଼. କୈଳାସ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପାଟପୁର ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା, ସମ୍ମାନିତ ଅତିଥି ରୂପେ ପୂର୍ବତନ ଜିଲାପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ପାଟପୁର ସମିତିସଭ୍ୟ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ରାଧାଦେଇପୁର ସରପଞ୍ଚ ଡି.ରାକେଶ ପାତ୍ର, ଚୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ ଉପସ୍ଥିତ ଥିଲେ। କ୍ଲବର ସମସ୍ତ ଖେଳାଳି, ବ୍ଲିଜୁ ବିଲଡ୍ ଫାୟାର ନାମରେ ଏବଂ ଗ୍ରୀନ ସୁପର ସିକ୍ସର୍ ନାମରେ ଦୁଇ ଦଳ ହୋଇ ୨୦ ଓଭର ବିଶିଷ୍ଟ ମ୍ୟାଚ ଖେଳିଥିଲେ। ଟସ୍ ଜିତି ବ୍ଲିୟୁ ବିଲଡ୍ ଫାୟାର ଅଧିନାୟକ ସାଇ ପ୍ରସାଦ ସ୍ୱାଇଁ ଫିଲ୍ଡିଂ ନିଷ୍ପତି ନେଇଥିଲେ । ୨୦ ଓଭରରେ ୭ ଉଇକେଟ୍ ହରାଇ ଗ୍ରୀନ ସୁପର ସିକ୍ସର ୧୭୭ ରନ କରିଥିଲା। ବ୍ଲିୟୁ ବିଲଡ ଫାୟାର ଟିମ୍ ୯ ଉଇକେଟ ହରାଇ ୧୪୧ ରନ କରି ପରାସ୍ତ ହୋଇଥିଲେ।

# ପାନୀୟ ଜଳରୁ ବଞ୍ଚିତ ଆଦିବାସୀ ଗାଁ

## ଜଳଯୋଗାଣ ଦାବି କଲା ଚାଷୀ ମୂଳିଆ ସଂଘ

ପାଲସରା,୩୦।୧(ସୁବ୍ରତ ବେହେରା):



ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଚାଷୀ ମୂଳିଆ ସଂଘ ସଦସ୍ୟ।

ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଓ ପଣ୍ଡିରିପଡ଼ା ପଞ୍ଚାୟତର ବିଭିନ୍ନ ଗାଁରେ ବସବାସ କରୁଥିବା ଜନଜାତି ଲୋକମାନେ ଦୀର୍ଘ ଦିନ ହେଲା ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳୁନି। ନାଡ଼ିଆମ୍ବା, ପୁଞ୍ଜିଆମା, ହାଲ୍ୟା ମାଳ, ବଡ଼ ତିଅଳ, ଯୋକବନ୍ଧ, ସିକିରୀ ଆଦି ଗାଁରେ ସୌର ଚାଳିତ ପାନୀୟ ଜଳ ପମ୍ପ ଦୀର୍ଘ ଦିନ ହେବ ଖରାପ ରହିଥିବା ବେଳେ ମରାମତି ହେଉ ନଥିବା କହିଛନ୍ତି ଆଦିବାସୀ ଲୋକେ। ସେହିପରି ନାଡ଼ିଆମ୍ବା, ଉସ୍ଥା, ଖୁରା, ପିମ୍ପଳ ମଣେଇ, ଜଗାପଲ୍ଲୀ କୁମୁଡ଼ା, ତୋଷଙ୍ଗି, ଚାଞ୍ଚରା, ଗମ୍ଭାରିଆ, ରମ୍ଭୁଡ଼ି ଆଦି ଗ୍ରାମକୁ ଭଲ ରାସ୍ତା ତିଆରି ହୋଇ ନ ଥିବା ବେଳେ ଯିବା ଆସିବାରେ ବହୁ ଅସୁବିଧା ହେଉଛି। ରୋଗୀଙ୍କୁ ଦୋଳା କରି ନେବାକୁ ପଡୁଛି ବୋଲି କହିଛନ୍ତି ଅଞ୍ଚଳବାସୀ। ୫ ଦିନ ମଧ୍ୟରେ ପିଇବା ପାଣି ସମସ୍ୟା ସମାଧାନ ନ ହେଲେ ବ୍ଲକ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ। ସମସ୍ୟାକୁ ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନିଙ୍କୁ ଲିଖିତ ଅଭିଯୋଗ କରିଛି ଚାଷୀ ମୂଳିଆ ସଂଘ। ସମସ୍ୟାର ସମାଧାନ କରିବୁ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନି ନିଜର ପ୍ରତିକ୍ରିୟା ରଖିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ସଚେତନତା

ଚିକିଟି,୩୦।୧ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ସମ୍ମିଳନୀ କକ୍ଷ ଗୃହରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ବୈଠକ ଅନୁଷ୍ଠିତ ହୋଇଛି। ଚିକିଟି ବିଡ଼ିଓ ଲକ୍ଷ୍ମଣ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆବାସ ସମୀକ୍ଷା ବୈଠକରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଠିକ ପରିଚାଳନା ନେଇ ଉପସ୍ଥିତ ଥିବା ପିଇଓ, ଏଡିଇଓ, ଜିଆରଏସ ମାନଙ୍କୁ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ଯେପରି ବାଦ ନ ପଡ଼ିବେ ଏବଂ ଆବାସ ଦେଲା ବେଳେ ଯେପରି ରାଜନୀତି ନ ହୋଇ ସବୁ ଦଳ ଗତ ନିର୍ବିଶେଷରେ ଲୋକେ ପାଇବେ ସେ ନେଇ ଚିକିଟି ବିଧାୟକ ଦ୍ୟାନ ସାମନ୍ତରା ସବୁ ଯନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକର ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନ ସମେତ ସମସ୍ତ ପିଇଓ, କନିଷ୍ଠ ଯନ୍ତ୍ରୀ, ଜିଆରଏସ ଉପସ୍ଥିତ ଥିଲେ।

## ଗୋଷାଣି ପଞ୍ଚାୟତ ସମିତି ବୈଠକ
# ୩ ବିଭାଗର କାର୍ଯ୍ୟ ଆଲୋଚନା ହୋଇପାରିଲାନି



ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି/ଗୋସାଣି,୩୦।୧ (ଗିରିଧାରୀ ପରିଡ଼ା/ଗଣେଶ ପାତ୍ର):

ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତିର ୧୧ତମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗୋସାଣି ବ୍ଲକ ଅଧ୍ୟକ୍ଷ ବିରରାଜୁ, ଗୋସାଣି ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସହ ବହୁ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ, ବିଭାଗୀୟ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିଲେ। ଫଳରେ ସମ୍ପୃକ୍ତ ବିଭାଗର କାର୍ଯ୍ୟ ନେଇ ବୈଠକରେ ଆଲୋଚନା ହୋଇପାରି ନ ଥିଲା। କୃଷି, କ୍ଷୁଦ୍ର ଜଳସେଚନ, ଶିକ୍ଷା, ଉନ୍ନୟନ କାମ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ରାଜସ୍ୱ, ଜଳ ବିଭାଜିକା, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ଓ ପରିବେଶ, ଉଦ୍ୟାନ, ପ୍ରାଣୀପାଳନ, ମହିଳା ଓ ଶିଶୁ, ଖାଉଟି ଓ ଯୋଗାଣ, ମତ୍ସ୍ୟ, ଉଠା ଜଳସେଚନ ଆଦି ବିଭାଗର କାର୍ଯ୍ୟକୁ ନେଇ ଆଲୋଚନା ଓ ସମୀକ୍ଷା ହୋଇଥିଲା।

## 'ସନାତନୀ ଧର୍ମ ହିଁ କର୍ମ' ଚଳଚ୍ଚିତ୍ରକୁ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧ

ଜି.ଉଦୟଗିରି,୩୦।୧(ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ଖ୍ରୀଷ୍ଟିଆନ ସମୁଦାୟ ତରଫରୁ 'ସନାତନୀ ଧର୍ମ ହିଁ କର୍ମ' ଚଳଚ୍ଚିତ୍ରକୁ ବିରୋଧ କରି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ମୁକ୍ତିଲାଭ କରିବାକୁ ଯାଉଥିବା ଉକ୍ତ ଚଳଚ୍ଚିତ୍ରରେ ଖ୍ରୀଷ୍ଟିଆନମାନଙ୍କୁ ପ୍ରଲୋଭନକାରୀ, ଲୁଣ୍ଠନକାରୀ, ଜମି ହଡ଼ପକାରୀ, ପ୍ରତାରଣାକାରୀ ବୋଲି ଦର୍ଶାଯାଇଛି। ଯାହାକୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଯୌକ୍ତିକ ବୋଲି ଅଭିଯୋଗ କରିଛନ୍ତି। ଖ୍ରୀଷ୍ଟିଆନମାନେ ଗରିବ ଅସହାୟ ଲୋକଙ୍କୁ ଆର୍ଥିକ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିଛନ୍ତି। କିନ୍ତୁ ଚଳଚ୍ଚିତ୍ରରେ ଅନ୍ୟ ଚରିତ୍ରରେ ଚିତ୍ରଣ କରାଯାଇଥିବାରୁ ଏହାକୁ ମୁକ୍ତିଲାଭ କରାନଯାଇ ନିର୍ମାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗଗନ ପ୍ରଧାନ, ହନକ ଦିଗାଲ, ଟାରଜନ ସାହୁ, ଫିରୋଜ ଦିଗାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିକାରୀଙ୍କ ଫାଶରେ ପଡ଼ି ହରିଣ ମୃତ

ବୁଗୁଡ଼ା,୩୦।୧(କାଳିଚରଣ ଦାଶ)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଭଗବାନପୁର ଗାଁର ଏକ ପୋଖରୀ ନିକଟରେ ଶିକାରୀଙ୍କ ଫାଶରେ ପଡ଼ି ଗୋଟିଏ ହରିଣ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ବୁଧବାର ରାତିରେ ଭଗବାନପୁର ଗାଁର ଏକ ପୋଖରୀ ନିକଟରେ ଦୁର୍ବୃତ୍ତଙ୍କ ଦ୍ୱାରା ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଫାଶ ପକାଇଥିଲେ। ରାତିରେ ଖାଦ୍ୟ ଅନ୍ୱେଷଣରେ ହରିଣଟିଏ ଆସି ସେହି ଫାଶରେ ପଡ଼ିଯାଇଥିଲା। ସେଥିରୁ ମୁକୁଳିବା ପାଇଁ ହରିଣଟି ଚେଷ୍ଟା ଯୋଗୁ ବେକର ବିଭିନ୍ନ ଭାଗରେ ଗଭୀର ଆଘାତ ଲାଗିଥିଲା। ସକାଳେ ହରିଣଟି ଫାଶରୁ ଖସିଯିବା ପରେ କୁକୁର ପଲର ହାବୁଡ଼ରେ ପଡ଼ିଥିଲା। କୁକୁର ପଲର ଆକ୍ରମଣରୁ ବର୍ତ୍ତିବା ପାଇଁ ଦୌଡ଼ି ଯାଇ ନିକଟସ୍ଥ ପୋଖରୀ ମଧ୍ୟକୁ ପଶିଯାଇଥିଲା। ଏ ଦୃଶ୍ୟ ଜଣେକ ଗ୍ରାମବାସୀଙ୍କ ନଜରକୁ ଆସିବା ପରେ ବନ ବିଭାଗର ଭଗବାନପୁର ବିଟକୁ ଜଣାଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ ସୁଦ୍ଧା କିଛି ସମୟ ପରେ ତାହାର ମୃତ୍ୟୁ ହୋଇଛି। ଏ ନେଇ ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଯିବା ପରେ ତାଙ୍କର ନିର୍ଦ୍ଦେଶ କ୍ରମେ ମୃତ ହରିଣକୁ ବୁଗୁଡ଼ା ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ଏବଂ ଶବ ବ୍ୟବଚ୍ଛେଦ ପରେ ତାହାକୁ ପୋତା ଯାଇଛି।


**MAA MANIKESHWARI UNIVERSITY, BHAWANIPATNA**

**QUOTATION CALL NOTICE**

No. 294 Date: 29.01.25

Sealed quotations are invited from the books publishers/ sellers/agents for the supply of books to Kalahandi Library, Maa Manikeshwari University, Bhawanipatna. For details visit **www.kalahandiuniversity.ac.in**.

**Last date of submission: 25.02.2025**

**Opening of Quotations: 27.02.2025** Sd./- Registrar


# ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା ୩୦।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ସରୋଜ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟଅତିଥି, ଉଚ୍ଚ ମାଧ୍ୟମିକ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁଶାନ୍ତ ଦାଶ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରତିନିଧି ସମ୍ବିତ ପାଢୀ ଓ ବିଜୟ ସ୍ୱାଇଁ ଯୋଗ ଦେଇଥିଲେ। ଛାତ୍ରୀମାନେ ଅଧ୍ୟୟନ ସମୟରେ ଶୃଙ୍ଖଳିତ ଭାବ ସହ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ଉପରେ ଯତ୍ନବାନ ହେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ଜେନା ମହାବିଦ୍ୟାଳୟର ଛାତ୍ରୀମାନଙ୍କ କୃତିତ୍ୱକୁ ସ୍ମରଣ କରି ସେମାନେ ଆଗାମୀ ଦିନରେ ଏପରି କୃତିତ୍ୱ ଜାରି ରଖିବାକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଡ. ଲିଲା ଲିଲିୟନ ସଂଯୋଜନା କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଡ. ଓମ ନାରାୟଣ ରାଓ, ଗଣେଶ୍ୱର ମାଝି, ଗୋପୀନାଥ କର, ଡ. ସୁପ୍ରିୟା ଦାସ, ସୁଶିଲ ଆଚାର୍ଯ୍ୟ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାରେ କାର ରଖି ଶୋଇପଡ଼ିଲେ କନଷ୍ଟେବଲ

ଦାରିଙ୍ଗବାଡ଼ି, ୩୦।୧ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ ନିଜ କାର୍ ଜନଗହଳି ପୂର୍ଣ୍ଣ ୪ ଛକରେ ଠିଆ କରି ନିଘୋଡ଼ ନିଦରେ ଶୋଇପଡ଼ିଛନ୍ତି। ଫଳରେ ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଏହା ଥରକର ଘଟଣା ନୁହଁ। ଜାତୀୟ ରାଜପଥ ଉପରେ ନିଶାସକ୍ତ ଅବସ୍ଥାରେ କାର ରଖି ଶୋଇପଡ଼ନ୍ତି, ଯାହାକୁ ନେଇ ଲୋକମାନେ ହଇରାଣ ହୁଅନ୍ତି। ପୋଲିସବାବୁଙ୍କ ଭୟରେ ହେକି ମୁହଁ ଖୋଲନ୍ତି ନାହିଁ। କନଷ୍ଟେବଲ ମନୋରଞ୍ଜନ ସାବତଙ୍କୁ ପଚାରିବାରୁ ସେ ମୋ ଭିଡିଓ ଫଟୋ କାହିଁକି ଉଠାଉଛନ୍ତି ବୋଲି ପଚାରିବା ସହ ସେ ଜଣଙ୍କୁ କିଛି ଜିନିଷ ଆଣିବାକୁ ପଠାଇଛି ସେହି ଭିତରେ ତାଙ୍କୁ ନିଦ ହୋଇଗଲା ବୋଲି କହିବା ସହ ନିଜ କାରକୁ ରାଜପଥରୁ ହଟାଇ ରାସ୍ତା କଡ଼ରେ ପୁଣି ଶୋଇପଡ଼ିଥିଲେ। ପ୍ରକାଶ ଯେ, ଦାରିଙ୍ଗବାଡ଼ି ଚାରିଛକରେ ସର୍ବାଧିକ ଭିଡ଼ ସହ ଟ୍ରାଫିକ ସମସ୍ୟା ଲାଗିରହୁଛି। ଜଣେ ପୋଲିସ କର୍ମଚାରୀ ଭାବେ ଏହାର ସମାଧାନ କରି ଲୋକଙ୍କୁ ଟ୍ରାଫିକ ନିୟନ୍ତ୍ରଣ କରି ଯାତାୟାତରେ ସୁବିଧା କରିବା ବଦଳରେ ନିଜେ କାରକୁ ଜାତୀୟ ରାଜପଥର ମଝିରେ ରଖି ବେପରୁଆ ଭାବେ ଶୋଇପଡ଼ିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଜିଲ୍ଲା ପୋଲିସ ପ୍ରଶାସନ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଆଇଆଇସି କନକ ମାଝୀ ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣା ସ୍ଥଳକୁ ଅନ୍ୟ କର୍ମଚାରୀଙ୍କୁ ପଠାଇ କନଷ୍ଟେବଲଙ୍କୁ ଥାନାକୁ ନେଇଛନ୍ତି।

# ଜୁଆ ଆଡ଼ା ଉପରେ ଚଢାଉ

ଗୋପାଳପୁର, ୩୦।୧(ନବୀନ ରାଜ ଆଚାରୀ)

ବୁଧବାର ବିଳମ୍ବିତ ରାତିରେ ଗୋପାଳପୁର ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପାଞ୍ଚ ଜଣ ଜୁଆଡ଼ିଙ୍କୁ ଧରିଥିବା ସୂଚନା ମିଳିଛି। ତାସ ସାମଗ୍ରୀ ଓ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ଥାନା ଅଧୀନ ବାହାଦୁରପେଟା ଗ୍ରାମରେ ଗତ କିଛି ଦିନ ହେଲା ଜୁଆଆଡ଼ା ଚାଲିଥିଲା। ଖବର ପାଇ ପୋଲିସ ବୁଧବାର ବିଳମ୍ବିତ ରାତିରେ ଜୁଆ ଆଡ଼ାରେ ଚଢ଼ାଉ କରିଥିଲା। କିଛି ଜୁଆଡ଼ି ଚମ୍ପଟ ମାରିଥିଲେ ଏବଂ ୫ ଜୁଆଡ଼ିଙ୍କୁ ପୋଲିସ ଧରିଥିଲା। ସେମାନଙ୍କଠାରୁ ୮୦ ହଜାର ୮ ଶହରୁ ଉର୍ଦ୍ଧ୍ୱ ଟଙ୍କା, ୫ ମୋବାଇଲ ଓ ତାସ ସାମଗ୍ରୀ ଜବତ ହୋଇଛି। ନଂ. ୩୬/୨୫ ପ୍ରକାରେ ମାମଲା ରୁଜୁ କରି ସେମାନଙ୍କୁ ନୋଟିସ କରି ପୋଲିସ ଛାଡିଛି।

# ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ଦିଗପହଣ୍ଡି,୩୦।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି କରଣସାହିର ଚାଟ୍ ବ୍ୟବସାୟୀ ସତ୍ୟନାରାୟଣ ସାହୁଙ୍କ ଠାରୁ ଟଙ୍କା ଲୁଟ ଏବଂ ଆକ୍ରମଣ ଘଟଣାରେ ପୋଲିସ ଗୁରୁବାର ଦିଗପହଣ୍ଡି ସାହାଣୀ ସାହିର ମୁରଲୀ ଦାସଙ୍କୁ ଗିରଫ କରିଛି। ତାଙ୍କୁ ମାମଲା ନଂ.୪୬/୨୫ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହତ ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଛି। ତାଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବା ପରେ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗତ ମଙ୍ଗଳବାର ଅପରାହ୍ନରେ ବ୍ୟବସାୟୀ ସତ୍ୟନାରାୟଣ ତାଙ୍କ ଠେଲାଗାଡ଼ି ନେଇ ଯାଉଥିବା ବେଳେ ମୁରଲୀ ଏବଂ ତାଙ୍କ ସହଯୋଗୀ ମିକ୍ସର ଏବଂ କୁରକୁରେ ଖାଇବାକୁ ମାଗିଥିଲେ। ସତ୍ୟନାରାୟଣ ପଇସା ମାଗିବାରୁ ତାଙ୍କୁ ଗାଳି ଦେବାସହ କିଛି ସାମଗ୍ରୀ ଫୋପାଡି ଦେଇଥିଲେ। ପରେ ଠେଲା ଗାଡ଼ିରୁ ୧୨ ଶହ ଟଙ୍କା ଲୁଟି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ଥାନାରେ ଏତଲା ହୋଇଥିଲା।


Azadi Ka Amrit Mahotsav · G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**WALK-IN-INTERVIEW**

Applications are invited from the eligible candidates for the following posts:

**Adv. No.: AD6B19/05/2025 Dated: 27.01.2025**
**(Consultant Posts for SVNIRTAR, Cuttack and CRCSRE- Balangir & Ranchi)**

| Sl. No. | Name of the Post | Consolidated Monthly remuneration | No. of posts | Date of walk-in-interview |
|---|---|---|---|---|
| 1 | GDMO (Consultant) | Rs.80,000/- | 05 | 21.02.2025 |
| 2 | Assistant Professor (Clinical Psychology) (Consultant) | Rs.75,000/- | 02 (CRCSRE Ranchi - 1) (CRCSRE Balangir - 1) | |
| 3 | Lecturer (Prosthetics & Orthotics) (Consultant) | Rs.60,000/- | 02 | 25.02.2025 |
| 4 | Consultant Lecturer (Speech Language Pathology) | Rs.60,000/- | 01 | 04.03.2025 |
| 5 | Consultant Lecturer (Audiology) | Rs.60,000/- | 01 | |
| 6 | Speech Pathologist Grade-II (Consultant) | Rs.35,000/- | 01 | |
| 7 | Audiologist Grade-II (Consultant) | Rs.35,000/- | 01 | |
| 8 | Radiographer (Consultant) | Rs.30,000/- | 01 | 14.02.2025 |

The aspiring applicants fulfilling the eligibility criteria in all respect may appear the walk-in-interview as per the above schedule date, time and venue along with completed application. The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in & https://crcranchi.nic.in.**

Sd/- Director



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



गुमशुदा पुरूष करन गोराई, उम्र–22 वर्ष।

सर्व साधारण को सूचित किया जाता है कि आवेदक अजीत गोराई के द्वारा अपने **पुत्र करन गोराई, उम्र–करीब 22 वर्ष के गुमशुदगी** के संबंध में लिखित आवेदन दिया गया है। जिसमें आवेदक के द्वारा अपने पुत्र **करन गोराई, उम्र–करीब 22 वर्ष, पिता–अजीत गोराई, पता–धलखम बस्ती, घोड़ाबांधा, थाना–गोविन्दपुर, जिला–पूर्वी सिंहभूम, जमशेदपुर** जो दिनांक–13.01.2025 को करीब 01:30 बजे अपने घर से कंपनी जाने के लिए मोटरसाइकिल से निकले थे लेकिन अपने घर वापस नहीं लौटे हैं। आवेदक एवं इनके परिवार के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका है। **गुमशुदा पुरूष का हुलिया निम्न प्रकार है :–उम्र–22 वर्ष, कद–05 फीट 06 इंच, पहनावा–नीला जीन्स और नीला जैकेट, भाषा–हिन्दी।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, नगर : 9431706483
थाना प्रभारी, गोविन्दपुर : 9431706511

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 345433 Police(24-25)#D



**NATIONAL LAW UNIVERSITY ODISHA, CUTTACK**

(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited by NAAC]

**Advertisement for the Post of Office Manager in NLUO's Prison Advocacy Project**

National Law University Odisha is inviting applications in the prescribed format for the following positions on contract basis for a period of **3 years**. The appointment will be made under **Prison Advocacy Project** funded by the Azim Premji Foundation.

| Position | No. of Posts | Fellowship / Remuneration | Location |
|---|---|---|---|
| Office Manager | 01 | Rs.30,000/- per month + emoluments as applicable under project terms * | NLUO, Cuttack |

*N.B.: There will be an annual increment of 10 percent on the consolidated remunerationin all the above mentioned posts.

**Note:**

1. The application form, instructions and other details about minimum and desired qualifications may be checked from the 'Career' section of the University website: https://nluo.ac.in/career/
2. The application form will be accessible in the University website from **26th January 2025**.
3. The last date for applying for all the above-mentioned posts is **7th February 2025.**
4. The filled-up application form along with necessary documentsand a Demand Draft of Rs. 500/-drawn from any scheduled bank in favor of Registrar, National Law University, Odisha payable at Cuttack should be sent to **Registrar, National Law University Odisha, Kathajodi Campus, CDA-13, Cuttack-753015,** on or before**7th February 2025.**
5. Soft copies of the filled-up application forms, necessary documents and demand draft should also be sent by email to jobs@nluo.ac.in on or before **7th February 2025.**
6. Only short-listed candidates will be called for Interview.
7. No TA/DA will be given for attending the Interview.
8. For any updates please visit University website regularly, no separate communication will be made to the candidates.

Sd/- Registrar



**साहेबगंज समाहरणालय**
**(जिला राजस्व शाखा)**

**–: अल्पकालीन डाकसूचना :–**

एतद् द्वारा सर्वसाधारण को सूचित किया जाता है कि साहेबगंज जिलान्तर्गत अंचल–साहेबगंज में अवस्थित फेरीघाट **साहेबगंज–मनिहारी अर्न्तराज्जीय फेरीघाट** की बन्दोवस्ती वित्तीय वर्ष 2024–25 के शेष बचे हुए माह एवं 2025–26 तक के लिए अधोहस्ताक्षरी के कार्यालय कक्ष में दिनांक–**15.02.2025 के अपराहन् 03:00** बजे डाक की कार्रवाई की जायेगी।

उल्लेखनीय है कि अद्योहस्ताक्षरी का ज्ञापांक–416/रा0 दिनांक–06.06.2024 द्वारा अल्पकालीन डाकसूचना निम्नवत प्रकाशित की गई थी यथा – प्रथम डाकसूचना दिनांक–20.06.2024, ज्ञापांक–461/रा0, दिनांक–21.06.2024, द्वितीय डाकसूचना दिनांक–08.07.2024, ज्ञापांक–554/रा0 दिनांक–09.07.2024, तृतीय डाकसूचना दिनांक –29.07.2024.

उल्लिखित सैरात की बन्दोवस्ती डाक द्वारा नहीं होने की स्थिति में जिलास्तरीय सैरात समिति द्वारा साहेबगंज–मनिहारी अर्न्तराज्जीय फेरीघाट का परिचालन बंद रखे जाने तथा पुनः दिनांक–21.12.2024 को बन्दोवस्ती हेतु डाकसूचना प्रकाशित कराये जाने का निर्णय लिया गया।

जिलास्तरीय सैरात समिति द्वारा लिये गये निर्णय के आलोक में इस कार्यालय का अल्पकालीन डाकसूचना ज्ञापांक–1089/रा0, दिनांक–27.12.2024 द्वारा प्रकाशन की कार्रवाई की गयी।

माननीय उच्च न्यायालय, झारखंड, राँची के W.P.(C) 4233/2024 द्वारा दिनांक–15.01.2024 को पारित न्यायादेश के आलोक में दिनांक–21.12.2024 को आहुत अल्कालीन डाकसूचना को स्थगित किये जाने के कारण स्थगन की सूचना इस कार्यालय का आदेश ज्ञापांक–87/रा0, दिनांक–20.01.2025 द्वारा निर्गत की कार्रवाई करते हुए सूचना पट तथा जिला के Website पर Upload की कार्रवाई की गई।

साहेबगंज–मनिहारी अर्न्तराज्जीय फेरीघाट अबन्दोवस्ती की स्थिति में राजस्व एवं भूमि सुधार विभाग, (बिहार), पटना का पत्रसंख्या–261/रा0, दिनांक–12.02.1981 एवं पत्रसंख्या–612/रा0, दिनांक–18.09.1997 एवं पत्रसंख्या–2526/रा0, दिनांक–12.09. 1978 में निहित निर्देश के परिपेक्ष्य में कमांक–4 पर अभिलिखित सुरक्षित जमा निर्धारण की राशि/बन्दोवस्ती की राशि के आधार पर प्रतिवर्श वन्दोवस्ती की कार्रवाई की जायेगी।

उल्लेखनीय है कि The Bengal Ferries Act'1885 की धारा–07 अन्तर्गत Public Ferries कs Control एवं धारा–09 अन्तर्गत् Auction की शक्ति उपायुक्त, साहेबगंज को प्रत्यायोजित है। दिनांक–22.02.2024 को संपन्न जिलास्तरीय सैरात की बैठक में बन्दोबस्ती की प्रक्रिया पारदर्शी तरीके से किये जाने हेतु अपर समाहर्त्ता, साहेबगंज की अध्यक्षता में समिति का गठन करते हुए बन्दोबस्ती कराए जाने का निर्णय लिया गया। तदनुसार राजस्व विभागीय पत्रसंख्या–2526/रा0, दिनांक–12.09.1978 की कंडिका–01 के अनुसार घाटों की वन्दोवस्ती खुली डाक द्वारा किये जाने हेतु प्रावधानित है। खुली डाक में यदि समितियॉं सक्षम हो और उच्चतम डाक की राशि पर बन्दोवस्ती लेने के लिए तैयार हो , तो वन्दोवस्ती में उनको प्राथमिकता दी जायेगी। बन्दोवस्ती वित्तीय वर्श 2024–25 के शेष बचे हुए माह एवं वर्ष 2025–26 (दो वर्ष) हेतु सैरातों की अवस्थिति निम्नवत है :–

| क0 सं0 | अंचल का नाम | सैरात का नाम | सुरक्षित जमा निर्धारण/वन्दोवस्ती की राशि (प्रतिवर्ष) | अभ्युक्ति। |
|---|---|---|---|---|
| 01 | 02 | 03 | 04 | 05 |
| 1 | साहेबगंज | साहेबगंज–मनिहारी अर्न्तराज्जीय फेरी घाट के अन्तर्गत अधिसूचित घाट | 9,79,80,000.00 | बन्दोवस्ती की राशि प्रतिवर्ष निर्धारित राशि के विरूद्व बन्दोवस्ती की स्थिति में दखली–परवाना निर्गत् की तिथि के आधार पर देय होगी। |

डाक में भाग लेने हेतु आवेदनकर्त्ता उक्त डाक सूचना की शर्त्तो की विस्तृत जानकारी साहेबगंज जिला के **Website – www.sahibganj.nic.in** से प्राप्त कर सकते है।

अपर समाहर्त्ता,
–सह–
अध्यक्ष,जिलास्तरीय सैरात, समिति,साहेबगंज

PR 345453 Sahabganj(24-25).D



Azadi Ka Amrit Mahotsav · G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**

Applications are invited from the eligible candidates for the following posts:

**Adv. No.: AD6B10/01/2025 Dated: 27.01.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of Posts |
|---|---|---|---|---|
| 1 | Clinical Psychologist-cum-Junior Lecturer | Level-07 | UR | 01 |
| 2 | Social Worker-cum-vocational Counsellor | Level-06 | UR | 01 |
| 3 | Prosthetics & Orthotics Grade – II | Level-05 | ST | 01 |
| 4 | Typist / Clerk (H/E) | Level-02 | UR (Hard of Hearing) | 01 |
| 5 | Electrician Grade - II | Level-02 | ST | 01 |

**Adv. No.: AD6B19/02/2025 Dated: 27.01.2025**
**(Consultant Posts for SVNIRTAR, Cuttack)**

| Sl. No. | Name of the Post | Consolidated Monthly remuneration | No. of Posts |
|---|---|---|---|
| 1 | Demonstrator (Prosthetics & Orthotics) (Consultant) | Rs.50,000/- | '01 |
| 2 | Physiotherapist (Consultant) | Rs.50,000/- | 01 |
| 3 | Occupational Therapist (Consultant) | Rs.50,000/- | 01 |
| 4 | Staff Nurse (Consultant) | Rs.50,000/- | 08 |
| 5 | Sterilization Technician (Consultant) | Rs.25,000/- | 01 |

**Adv. No.:AD6B19/03/2025 Dated: 27.01.2025**
**(Consultant Posts for CRCSRE- Ranchi & Balangir)**

| Sl. No. | Name of the Post | Consolidated Monthly remuneration | No. of posts & Name of centers |
|---|---|---|---|
| 1 | Prosthetist & Orthotist (Consultant) | Rs.50,000/- | CRCSRE- Ranchi-1 |
| 2 | Clinical Assistant (Developmental Therapist) (Consultant) | Rs.50,000/- | CRCSRE- Balangir-1 |
| 3 | Clinical Assistant (Speech Therapist) (Consultant) | Rs.50,000/- | CRCSRE- Ranchi-1 CRCSRE- Balangir-1 |
| 4 | Workshop Supervisor (Consultant) | Rs.35,000/- | CRCSRE- Ranchi-1 |
| 5 | Clerk / Typist (Consultant) | Rs.25,000/- | CRCSRE- Balangir-1 |

**Adv. No.:AD6B 37/04/2025 Dated: 27.01.2025**
**(Consultant Posts for CDEICs of CRCSRE Ranchi & Balangir)**

| Sl. No. | Name of the Post | Consolidated Monthly remuneration | No. of posts & Name of centers |
|---|---|---|---|
| 1 | Occupational Therapist (Consultant) | Rs.35,000/- | CDEIC - Ranchi-1 |
| 2 | Early Interventionist (Consultant) | Rs.35,000/- | CDEIC - Ranchi-1 |
| 3 | Audiologist and Speech Language Pathologist (ASLP) (Consultant) | Rs.35,000/- | CDEIC - Ranchi-1 CDEIC - Balangir-1 |
| 4 | Special Educator (Visually Impaired) (Consultant) | Rs.35,000/- | CDEIC - Ranchi-1 |
| 5 | Trained Caregiver (Consultant) | Rs.20,000/- | CDEIC - Balangir-1 |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist-Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in & https://crcranchi.nic.in.**

Sd/- Director

# କାର୍ଯ୍ୟରତ ସହକାରୀ ଜିଲାପାଳ ବିଭୂତିଙ୍କ ଅକାଳ ବିୟୋଗ

ଆଠମଲ୍ଲିକ,୩୦।୧(ଉଦିପ୍ତ ପୁରୋହିତ): ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନରେ କାର୍ଯ୍ୟରତ ସହକାରୀ ଜିଲାପାଳ ବିଭୂତି ଭୂଷଣ ମଲ୍ଲିକ (୪୫)ଙ୍କ ଅକାଳ ବିୟୋଗ ହୋଇଥିବାରୁ ପ୍ରଶାସନ ଓ ସାଧାରଣରେ ଶୋକର ଛାୟା ଖେଳିଯାଇଛି। ସେ ପୁରୀ ଜିଲା ନିମାପଡା ଅଞ୍ଚଳ ଅନ୍ତର୍ଗତ କନ୍ତିଆ ଗ୍ରାମର । ସୂଚନା ମୁତାବକ, ଗୁରୁବାର ସକାଳେ ଅସୁସ୍ଥତା ଅନୁଭବ କରିବାରୁ



ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅନୁଗୋଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅନୁଗୋଳ ଜିଲାପାଳ ମହମ୍ମଦ ଏମ୍ ଅଖତର ଓ ଜିଲାସ୍ତରୀୟ ଅଧିକାରୀ, ଆଠମଲ୍ଲିକ ଉପଜିଲାପାଳ ଡ.ଦିଲୀପ କୁମାର ବେହେରା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଚିଟୋସ ମହାନନ୍ଦିଆ, ଏସିଏସ୍ ଶିବାଶିଷ ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନ୍ମୟରଞ୍ଜନ ପାତ୍ର, କିଶୋର ନଗର ବ୍ଲକ୍ ଆସିଷ୍ଟାଣ୍ଟ ତହସିଲଦାର ସୁଜିତ କୁମାର ଭୋଇ, ଷ୍ଟେନୋ ସୌମ୍ୟରଞ୍ଜନ ନାହାକ, ଦେବୋତ୍ତର ସହାୟକ ନଗେନ୍ ରାଉତ ପ୍ରମୁଖ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ । ଖବରପାଇ ଆତ୍ମୀୟସ୍ୱଜନ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହି ଖବର ଶୁଣିବା ପରେ ପୂର୍ବତନ ଉପଜିଲାପାଳ ତଥା ଶିଶୁ ଓ ମହିଳା ବିକାଶ ବିଭାଗର ଡେପୁଟି ସେକ୍ରେଟାରୀ ଡ. ଜିତେନ୍ଦ୍ର କୁମାର ପାତ୍ର ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ମଲ୍ଲିକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ସାହସ ଓ ଶକ୍ତି ଦିଅନ୍ତୁ ବୋଲି କହିଥିଲେ ।

# ଏନ୍ଏଫ୍ଡିପିରେ ପଞ୍ଜୀକୃତ ହେବେ ରାଜ୍ୟର ମତ୍ସ୍ୟଜୀବୀ



ବୈଠକରେ ମତ୍ସ୍ୟଜୀବୀ ସମବାୟ ସମିତି କର୍ମକର୍ତ୍ତା।

କଟକ,୩୦।୧(କାର୍ତ୍ତିକ ସାହୁ)

ରାଜ୍ୟର ମତ୍ସ୍ୟଜୀବୀମାନେ ଏଣିକି ନ୍ୟାଶନାଲ ଫିସେରିଜ୍ ଡିଜିଟାଲ ପ୍ଲାଟ୍ଫର୍ମ(ଏନ୍ଏଫ୍ଡିପି)ରେ ପଞ୍ଜୀକୃତ ହେବେ। କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟରେ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟଙ୍କୁ ଏ ବାବଦରେ ଅବଗତ କରାଯାଇ ସରକାରୀ ସୁବିଧା ହାସଲ କରିବାରେ ମତ୍ସ୍ୟଜୀବୀଙ୍କ ପଞ୍ଜୀକରଣ ସହାୟକ ହେବ ବୋଲି କୁହାଯାଇଛି।

ସୂଚନା ଅନୁସାରେ, ରାଜ୍ୟରେ ଥିବା ୭୯୦ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସମସ୍ତ ସଭ୍ୟାସଭ୍ୟଙ୍କୁ ଏନ୍ଏଫ୍ଡିପିରେ ପଞ୍ଜୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ମତ୍ସ୍ୟ ସମବାୟ ସମିତି ନିରୀକ୍ଷକ, ଉପସହକାରୀ ନିବନ୍ଧକ ଓ ସମବାୟ ସମିତି କର୍ମକର୍ତ୍ତାମାନଙ୍କୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପଞ୍ଜୀକରଣ ଦ୍ୱାରା ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀମାନେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଗୋଷ୍ଠୀ ବୀମା ଯୋଜନାର ବୀମାରାଶି ଓ ଅନ୍ୟାନ୍ୟ ଯୋଜନାର ସହାୟତା ପାଇବାରେ ସହଜ ହୋଇପାରିବ। ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ଏହି ଅନ୍ଲାଇନ୍ ପ୍ଲାଟ୍ଫର୍ମରେ ପଞ୍ଜୀକରଣ କରିବା ପାଇଁ ଅନୁରୋଧ କରାଯାଇଛି।

# ଉପକୂଳ ଓଡ଼ିଶାରେ ଲଗାତର ୧୦ ଦିନ କୁହୁଡ଼ି

## ୬ବର୍ଷରେ ପ୍ରଥମ ଘଟଣା

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା) – ଉପକୂଳ ଓଡ଼ିଶାରେ ଗତ ୨୧ରୁ ୩୦ ତାରିଖ ଯାଏ ୧୦ଦିନ ଧରି ଲଗାତାର ଭାବେ ଘନ କୁହୁଡି ଅନୁଭୂତ ହେଉଛି। ବଙ୍ଗୋପସାଗର ଅଞ୍ଚଳରେ ଏକ ଗୁରୁଚାପ ବଳୟର ଉପସ୍ଥିତି ତଥା ପଶ୍ଚିମାଝଡ଼ର ଆଗମନ ଯୋଗୁ ଏପରି ପାଣିପାଗ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୯ରୁ ୨୦୨୫ ମଧ୍ୟରେ ପ୍ରଥମଥର ପାଇଁ ଉପକୂଳ ଓଡ଼ିଶାରେ ଏତେଦିନ ଧରି ଘନକୁହୁଡି ଦୃଶ୍ୟମାନ ହେଉଛି। ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖାଯାଇଥିବାବେଳେ କୋରାପୁଟ, ଭଦ୍ରକ, ଅନୁଗୋଳ, କେନ୍ଦୁଝର ଓ କନ୍ଧମାଳ ଆଦି ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ କୁହୁଡ଼ି ପ୍ରଭାବ ଜାରି ରହିବ। ଶୁକ୍ରବାର କଟକ, ଖୋର୍ଦ୍ଧା, ଢେଙ୍କାନାଳ, ବୌଦ୍ଧ, କେନ୍ଦୁଝରଗଡ଼, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ କୋରାପୁଟ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଅନ୍ୟପକ୍ଷରେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓ ଉତ୍ତର ଉପକୂଳବର୍ତ୍ତୀ ଜିଲାର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ତାପମାତ୍ରା ବରଗଡ଼ ଓ ନୂଆପଡ଼ାରେ ୧୨.୦ ଡିଗ୍ରୀ ରହିଥିଲା। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂଦେଓଙ୍କୁ ୨ ହଜାର ଜରିମାନା

## ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ମାମଲା

କଟକ,୩୦।୧(କାର୍ତ୍ତିକ ସାହୁ)

୨୦୨୪ ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ମାମଲାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ହାଇକୋର୍ଟ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜବାବ ଦାଖଲ ପାଇଁ ତାରିଖ ଗଡ଼ାଇ ଚାଲିବା, ନିର୍ଦ୍ଧାରିତ ସମୟରେ ଜବାବ ଦାଖଲ ନ କରିବା ସହ ଅଧିକ ସମୟ ଚାହିଁବାରୁ ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ୨ ହଜାର ଟଙ୍କା ଜରିମାନା କରି ତାଙ୍କ ଜବାବ ଗ୍ରହଣ ନିମନ୍ତେ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି। ଉକ୍ତ ଜରିମାନା ଅର୍ଥ ହାଇକୋର୍ଟ ବାର୍ ଆସୋସିଏଶନ କଲ୍ୟାଣପାଣ୍ଠିରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ସିଂଦେଓ ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟରେ ନିର୍ବାଚନ ଜିତିଥିଲେ। ହେଲେ ସେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେର ତାଙ୍କ ବିରୋଧରେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସିଂଦେଓ ପ୍ରାର୍ଥୀପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଥିବା ଫୌଜଦାରି ମାମଲାକୁ ଚପାଇଛନ୍ତି ଓ ସମ୍ପତ୍ତିର ତାଲିକା ମିଛ ଦେଇଛନ୍ତି। ଉକ୍ତ ନିର୍ବାଚନୀ ଅନିୟମିତତା ମାମଲାରେ ହାଇକୋର୍ଟ ଆଦେଶ ମତେ ଗତ ସେପ୍ଟେମ୍ବରରେ ଓକିଲଙ୍କ ଜରିଆରେ ସିଂଦେଓ ହାଇକୋର୍ଟରେ ହାଜର ହୋଇଥିଲେ। ହେଲେ ଜବାବ ଦାଖଲ ପାଇଁ କ୍ରମାଗତ ସମୟ ନେଇଚାଲିଥିଲେ। ଗତ ଶୁଣାଣିରେ ବି ସେ ସମୟ ମାଗିଥିଲେ। ମାତ୍ର ହାଇକୋର୍ଟ ଏହାକୁ ଖାରଜ କରିଦେବା ସହ ଆସନ୍ତା ଫେବୃୟାରୀ ୩ ତାରିଖକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଥିଲେ। ଫଳରେ ପୁଣିଥରେ ସିଂଦେଓ ତାଙ୍କ ଜବାବକୁ ଗ୍ରହଣ କରିବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହ ଉପରୋକ୍ତ ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଚନ୍ଦ୍ର ବେହେରା ମାମଲା ପରିଚାଳନା କରୁଛନ୍ତି।

# ରତନେଇ ଜଙ୍ଗଲରେ ହାତୀ ମୃତଦେହ ଠାବ

ପାଟପୁର,୩୦।୧(ସିମାଞ୍ଚଳ ସାହୁ)

ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଦିଗପହଣ୍ଡି ରେଞ୍ଜ ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଭୀମନଗର ନିକଟସ୍ଥ ରତନେଇ ଜଙ୍ଗଲରେ ବୁଧବାର ଏକ ମାଈ ହାତୀର ମୃତ୍ୟୁ ହୋଇଛି। ଗୁରୁବାର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରସବଜନିତ ବେଦନା ଅସହ୍ୟ ହେବାରୁ ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ କହିଛନ୍ତି ଯେ, ଦୁଇଦିନ ହେଲା ହାତୀଟି ମରିଯାଇଛି। ପାଟପୁର ବନାଞ୍ଚଳର ପୁଡ଼ାମାରି ରେଞ୍ଜ ଜଙ୍ଗଲରେ ୬ଟିକିଆ ହାତୀପଲ ବହୁଦିନରୁ ରହି ଆସୁଛନ୍ତି। ୨୦୨୨ରେ ଉକ୍ତ ଜଙ୍ଗଲରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଗତ ୨ ତାରିଖରେ ଖାଦ୍ୟ ପାଇଁ ଆସି ଆଖୁବାଡ଼ରେ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଆଉ ଏକ ହାତୀର ମୃତ୍ୟୁ ହୋଇଥିଲା। ପୁଣି ଆଉ ଏକ ମାଈ ହାତୀ ମୃତ୍ୟୁକୁ ନେଇ ପରିବେଶବିତ ଚିନ୍ତା ବ୍ୟକ୍ତ କରିଛନ୍ତି। ଗୁରୁବାର ବ୍ରହ୍ମପୁର ଡିଏଫଓ ସୋନୀ ଖୋଖର, ପାରଳାଖେମୁଣ୍ଡି ଡିଏଫଓ ଏସ. ଆନନ୍ଦ, ଏସିଫ



ସସ୍ମିତା ବିଶ୍ୱାଳ,ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ଏବଂ ପାଟପୁର ଫରେଷ୍ଟର ପ୍ରମୋଦ କୁମାର ନାୟକ, ଆଇ.ଗଣେଶ, ସନ୍ତୋଷ କୁମାର ବିଷୋୟୀ ରତ୍ନ, ପ୍ରାଣୀ ଚିକିତ୍ସକ ପ୍ରବୀଣ କୁମାର ସାହୁ, ବିଦ୍ୟୁତ ବିଭାଗୀୟ ଅଧିକାରୀ ଗୋପାଳ ଚନ୍ଦ୍ର ପଣ୍ଡା, ପାଟପୁର ଏସଡିଓ ଦୀପକ କୁମାର ବଳିଆରସିଂ ପହଞ୍ଚି ଘଟଣାସ୍ଥଳରେ ଅନୁଧ୍ୟାନ କରିଛନ୍ତି। ଡିଏଫଓ କହିଛନ୍ତି ଯେ, ହାତୀଟିର ବୟସ ୨୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହକୁ ସାନଖେମୁଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ କିଭଳି ମୃତ୍ୟୁ ହୋଇଛି ତାହା ଜଣାପଡିବ ବୋଲି ସେ କହିଛନ୍ତି।

---

## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II, BHUBANESWAR

eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

**Bid Identification No.-C.C. (R&B)-02**

**e-Procurement Notice No.49 of 2024-25**

**No.B-888:** The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Five Number Road works to be received in online bidding, Single & Double cover system as detailed in: https://tendersorissa.gov.in. The details of bid documents will be available in the above website from 04.02.2025 to 5.00 P.M. of 19.02.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 20.02.2025 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-Procurement portal www.tendersorissa.gov.in. Addendum/ Corrigendum, if required, will be available only in the website.

Sd./- Superintending Engineer
BBSR (R&B) Division No.II, BBSR

OIPR-34088/11/0014/2425

## Government of Odisha "e" Procurement Notice

**Bid Identification No.:Online-AGL-18 of 2024-2025**

**No.O-1350**

1. Name of the Work : Road Works
2. Estimated Cost : Rs.10.70 to 13.38 Lakhs
3. Period of Completion : 1 (One) Calendar Month
4. Date & Time of availability of : From 28.01.2025 to 03.02.2025 upto 5.00 P.M.
5. Last Date/Time for receipt of Bids in the Portal : 03.02.2025 upto 05.00 P.M.
6. Name & Address of the OIT : Executive Engineer Rural Works Division, Angul

Further details can be seen from the Govt. website **www.tendersorissa.gov.in**

Sd./- Executive Engineer
R.W.Division, Angul

OIPR-25096/11/0020/2425

## ODISHA JOINT ENTRANCE EXAMINATION - 2025 (OJEE-2025)

**No. OJEE/029** **Date: 29.01.2025**

**NOTICE FOR ONLINE APPLICATION FOR OJEE-2025**

No. h-18: Odisha Joint Entrance Examination (OJEE) - 2025 will be conducted tentatively during 2nd, 3rd, 4th, 5th, 6th, 10th and 11th of May, 2025 (Centre details, Date and Shift of examination will be indicated in the Admit Card) for **Admission to B.Pharm/B.Sc. Nursing/Post B.Sc. Nursing/Post Diploma Nursing/M.Sc. Nursing/ MCA/M.Sc. (Comp. Science)/MBA/Integrated MBA/B. CAT/M.Tech/M.Tech (Part-Time)/M.Arch/M Plan/M. Pharm and Lateral Entry to B.Tech/B.Pharm Courses in Government and Private Universities and Colleges of Odisha**.

The Entrance Examination will be conducted in Computer Based Test (CBT) mode for all the courses as mentioned above.

Interested candidates are advised to fill up the respective Application Forms Online through OJEE webstie **(www.ojee.nic.in)** only.

**Filling-up of Online Application through OJEE website begins on 30th January, 2025 and will end on 20th March, 2025.**

Please read, carefully, the **'Information Brochure'** and the **'Instructions to fill Online Application Form'**, which are available in the OJEE websites to get detailed information regarding eligibility criteria, reservation policy, examination pattern, syllabus etc.

Please note that **Outside State Candidates** are not eligible for admission in Government Colleges, but they are eligible for admission in Private Colleges for all the above mentioned courses except all Nursing Courses as per Odisha Government rule.

Candidates may install OJEE android App from Google Play Store for latest information and notices.

(For Admission to B.Tech/B.Arch/B.Plan/Int. M.Sc. and MBBS/BDS/BAMS/BHMS Courses in Government and Private Colleges of Odisha, Candidates have to appear and qualify in JEE (MAIN) - 2025/NEET (UG)-2025 conducted by National Testing Agency, Govt. of India).

For other details, please visit OJEE website: **www.ojee.nic.in / www.odishajee.com**.

**Sd./- Chairman, OJEE, Odisha**

OIPR-44026/11/0014/2425

See Career Appointment on every Wednesday & Saturday

## DEPARTMENT OF COMMERCE & TRANSPORT Govt. of Odisha

**SHORT QUOTATION CALL NOTICE**

**No.:TRN-0E-MISC-0006-2025 767/T.,Bhubaneswar,Dated:27.01.25**

**No.JJ-50:** A call for quotations is at this moment invited from registered and authorised agencies for supply, installation of Televisions & Desk System along with necessary arrangement for Commerce Transport Deptt. in the Conference Hall at 5th Floor, Kharavel Bhawan. The equipment must meet the detailed configuration requirements specified below:

| Brand | Configuration/Features | | Quantity |
|---|---|---|---|
| **TELEVISION-** SONY WITH STAND | 65 inches Television, 440 nits brightness, Smart Android OS, 4K UHD Resolution, 24*7 Screen Mirroring, 16 GB Storage, WI-FI, 178 Degree viewing angle, Landscape/ Portrait/Tilt Installation, IP/RS232C Control, 10W+10W Speakers, HDMI 2.1 (4), USB (2), 1200:1 Contrast Ratio, Color Gamut (DCI-P3) 92%, HDMI Auto Wake up. 4K HDR Processor x1, 4k X-Reality PRO, Triluminos PRO, Motionflow XR, hdr10/hlg/dolby Vision **STAND** Floor mount stand | | 2 |
| **SMALL DISPLAY** SAMSUNG MONITOR WITH STAND | 68.6 cm M5 FHD Smart Monitor & 2/4- Port HDMI Splitter with high-speed HDMI v1.4 Cable **STAND** Floor mount stand | | 1 |
| **SPLITER** | HDMI SPLITER 1 IN 4 OUT | | 1 |
| **HDMI CABLE** HONYWELL HDMI CABLE (1.4) & USB CABLE | HDMI 15 MTR | 3 Nos | 5 |
| | HDMI 5 MTR | 1 No | |
| | USB 3.0 ACTIVE CABLE 5 MTR | 1 No | |

Interested agencies are requested to submit their quotations for the above equipments including all cost for supply & installation and including three (3) years of warranty (excluding GST which shall be paid extra) to the **Commerce & Transport Department**, not later than 1:00 PM on date 4th February, 2025 and shall be opened at 3.00 PM on the same day. Payment shall be made on complete installation and testing. Delivery to be made within 7 (Seven) days from the date of order.

**Quotations will not be received after the deadline.**

Sd./-
Under Secretary to Government

OIPR-38001/11/0014/2425

## DISTRICT PROJECT OFFICE, SAMAGRA SIKSHYA, MAYURBHANJ

No.362/Estt/25 Date:27.01.2025

**TENDER CALL NOTICE**

**(ENGAGEMENT OF MANPOWER SERVICE PROVIDING AGENCY FOR PROVIDING DATA ENTRY OPERATOR)**

**No.n-198:** Sealed tenders are invited from Reputed and Registered Manpower Service Providing Agencies to provide 26 No's of Data Entry Operators (DEOs) who are to be engaged at 26 BEO Offices under BRC Interventions of Samagra Sikshya, Mayurbhanj for a period of one year. The interested Bidders shall submit the technical & financial Bid along with tender paper cost of **Rs.5,000/- (non-refundable)** latest by 24.02.25 (5.00 PM) at the Office of the District Project Office, SS, Mayurbhanj & available in the following website. Tender Papers shall be opened on 25.02.2025, at 11.00 A.M.The tender paper with detailed term & conditions available at website https://mayurbhanj.odisha.gov.in., https://osepa.odisha.gov.in. The authority reserves the right to reject any or all tenders without assigning any reason thereof.

Sd./- Collector &
District Magistrate, Mayurbhanj

OIPR-27140/11/0006/2425

## GOVERNMENT OF ODISHA e-Procurement Notice OFFICE OF THE ADDITIONAL CHIEF ENGINEER CENTRAL MINOR IRRIGATION CIRCLE, BHUBANESWAR

Phone/Fax (0674) 2540559, cmic.bbsr@gmail.com

No.164, Dt.27.01.2025

**No.A-988:** **e-Procurement Notice**

**BID ID. NO. ACECMIC-04/2024-25**

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 01 (One) No. |
| 3. | Estimated Cost | : | Approximate cost Rs. 663.80 lakh |
| 4. | Class of Contractor | : | 'A' & 'Special' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 10.00 Hrs. on 01.02.2025 to 15.02.2025 (17.30 Hrs.) in Website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 15.02.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | 11.00 Hrs. onwards on 17.02.2025 in the O/o. Additional Chief Engineer, Central M.I. Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place **http.//tendersodisha.gov.in.**

Sd./- Additional Chief Engineer
Central M.I. Circle, Bhubaneswar

OIPR-32047/11/0009/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALANGIR

Phone No.: 06652-232982 (Off), e-mail: mid_balangir@yahoo.co.in

**'e'-Procurement Notice**

**Bid Reference No. SE-MID-BLGR-09/2024-25**

**No. 99/MID//** **Date: 27.01.2025**

No. A-989: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1. Name of the Works : Construction of New Check Dams
2. No. of Works : 06 (Six) Nos.
3. Estimated Cost : Varies from Rs.29.30 lakh to Rs.78.86 lakh only (Approx)
4. Period of Completion : 03 (Three) to 04 (Four) Calendar Months
5. Date and time of availability of bid documents in the Portal : From Dt.30.01.2025 at 10.00 A.M. to Dt.10.02.2025 upto 5.00 P.M.
6. Last date/time of receipt of bids in the Portal : Dt.10.02.2025 upto 5.00 P.M.
7. Date of Opening of Technical Bid : Dt.11.02.2025 at 10.00 A.M. onwards
8. Date of Opening of Financial Bid : To be intimated later on
9. Date of lottery scheduled to be held (if required) : Dt.19.02.2025 at 11.00 A.M. in the O/o. S.E.,M.I. Division, Balangir
10. Name and Address of the OIT : O/o. The Superintending Engineer, M.I. Division, Balangir, near Sub-Collector Office, Balangir, Dist.: Balangir
11. Further details can be seen from the e-Procurement market place : **http://tendersodisha.gov.in**

Sd./- Superintending Engineer
M.I. Division, Balangir

OIPR-32063/11/0008/2425

## GOVERNMENT OF ODISHA HIGHER EDUCATION DEPARTMENT

No.HE-NCNE-PLAN-0003-2024/4750/ Dt.29.01.2025

**TENDER CALL NOTICE**

**(For Science Laboratory Equipment)**

**No.N-174:** Sealed quotations are invited from Manufacturers/ Authorized Dealers or Registered Firms of laboratory equipment manufactured in India having valid GST Registration and Income Tax PAN for supply of Science Laboratory Equipment of different items used in Physics, Chemistry, Botany & Zoology laboratories of Non-Government Aided Degree Colleges situated in different places in Odisha. The last date and time for submission of the quotation is **on or before dt.03.03.2025 (5.00 PM).**

For more details, please visit our Department website: **www.dhe.odisha.gov.in.**

Sd./-
Director, Higher Education

OIPR-11001/11/0038/2425

## REGIONAL INSTITUTE OF PLANNING, APPLIED ECONOMICS & STATISTICS

(Planning & Convergence Department, Govt. of Odisha)
A/65, Nayapalli, Bhubaneswar-751012, Tel.-0674-2392283
ripaesodisha@gmail.com

Statistics Good Governance-People's Welfare

Letter No.111/RIPAE&S/01/2025 Date:27.01.25

**QUOTATION CALL NOTICE**

**No.X-18:** Sealed quotations are invited from interested reputed Travel Agencies/ Tour Operators or proprietor with valid GST for providing one number of Zest/ Tigor/ Swift Dzire/ Xcent/Etios (only Petrol) driven vehicles having sitting capacity not more than five including driver, which shall confirm to the Terms and conditions as per the quotation documents available at www.odisha.gov.in or www.ripaesodisha.nic.in for official use in the office of the Regional Institute of Planning, Applied Economics & Statistics, A/65, Nayapalli, Bhubaneswar-751012.

The details of the quotation documents for hiring of the vehicle may either be downloaded from the website or obtained in person from the Director, RIPAE&S, Odisha, Bhubaneswar on payment of Rs.1000/- in cash or in shape of Bank Draft in favour of Assistant Director, RIPAE&S, Bhubaneswar on any working day from 28.01.2025 to 03.02.2025 between 11.00 AM to 4.00 PM. The downloaded quotation documents from the website should be submitted alongwith Bank Draft / Bankers Cheque of Rs.1000/- (non-refundable). The quotation documents will be received through Speed Post/ Registered Post/ By hand or submitted in the sealed box in RIPAE&S during the office hour on or before 03.02.2025 by 04.00 P.M.

The authority reserves the right to reject any or all quotation without assigning any reason thereof.

Sd./- DIRECTOR

OIPR-21005/11/0002/2425

## Forest Department Odisha OFFICE OF THE DIVISIONAL FOREST OFFICER SAMBALPUR FOREST DIVISION

Email - dfo.sambalpur@odisha.gov.in

**TENDER CALL NOTICE**

**Tender Call Notice No. 26 Dated. 28.01.2025**

No. MM- : Tender Call Notice for Supply of **Precision fixed workstation-2 nos, Monitor 32" and Laser Jet A3 Printer** for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25.

Sealed Tenders are invited from reputed Manufacturer / Distributorship / Authorized dealership for supply of Precision fixed workstation -2 nos., Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 **on or before 12.02.2025 up to 05.00 PM.**

The application form of Tender containing Technical Bid & Financial Bid information and Supply and of Precision fixed workstation-2nos, Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 will be available from **29.01.2025 to 12.02.2025 in the website www.sambalpur.nic.in on deposit of Rs. 6,000/- (Rupees Six Thousand Only) only deposit** in Account No. 0185101020115 of Canara Bank, Modipara Branch, IFSC Code No. CNRB0000185 in favour of "Divisional Forest Officer, Sambalpur Forest Division, Sambalpur" **which is non-refundable** towards Tender Paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand is **12.02.2025 upto 05.00 PM.** The **Technical bids will be opened on 13.02.2025 at 11.00 AM & Financial Bid will be opened on 13.02.2025 at 3.30 PM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

Sd./- Divisional Forest Officer,
Sambalpur Forest Division

OIPR-08104/11/0009/2425

# କେନ୍ଦ୍ରୀୟ ବଜେଟ ଉପରେ ଟିକସଦାତାଙ୍କ ନଜର

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)

୨୦୨୫ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହି ବଜେଟ ଉପରେ ସମଗ୍ର ଦେଶର ନଜର ରହିଥିବାବେଳେ କରଦାତାମାନେ ଅନେକ ଆଶା ବାନ୍ଧିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରୁ ସରକାର ନୂତନ ଟିକସ ବ୍ୟବସ୍ଥାକୁ ଡିଫଲ୍ଟ ଟ୍ୟାକ୍ସ ବ୍ୟବସ୍ଥା କରିଥିଲେ। ଏ ବର୍ଷ ପ୍ରାୟ ୭୨% ଟିକସଦାତା ନୂତନ ଆୟକର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ୨୦୨୪-୨୫ ପାଇଁ ମୋଟ ୭.୨୮ କୋଟି ଆଇଟିଆର ମଧ୍ୟରୁ ୫.୨୭ କୋଟି ଆଇଟିଆର ନୂତନ ବ୍ୟବସ୍ଥା ଅଧୀନରେ ଦାଖଲ କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରୁ ବେତନ ଆୟ ଉପରେ ୫୦,୦୦୦ରୁ ୭୫,୦୦୦ ଟଙ୍କାକୁ ବୃଦ୍ଧିକରି ଏହି ପରିବର୍ତ୍ତନକୁ ଅଧିକ ଉତ୍ସାହିତ କରାଯାଇଥିଲା। ମାତ୍ର ଟିକସଦାତାମାନେ ନୂତନ ଏବଂ ପୁରୁଣା ବ୍ୟବସ୍ଥାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଏବଂ ଏଥିରେ କିଛି ପରିବର୍ତ୍ତନ ଚାହୁଁଛନ୍ତି। ପୁରୁଣା ଟିକସ ବ୍ୟବସ୍ଥାରେ ଗତ ୧୦ ବର୍ଷ ମଧ୍ୟରେ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ତେଣୁ ଏହି ବ୍ୟବସ୍ଥାରେ ଟିକସଦାତା ଅନେକ ପରିବର୍ତ୍ତନ ହେବ ବୋଲି ଚିନ୍ତା କରୁଛନ୍ତି ଯେହେତୁ ସରକାର ନୂତନ ଟିକସ ବ୍ୟବସ୍ଥା ଲାଗୁ କରିଛନ୍ତି, ଏହାର ଉନ୍ନତି ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଜଣାପଡୁଛି, ସରକାର ନୂତନ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫଳରେ ଲୋକମାନେ ନୂତନ ବ୍ୟବସ୍ଥାକୁ ଅଧିକ ସରଳ ଟିକସବ୍ୟବସ୍ଥା ଆଡ଼କୁ ଯାଇପାରିବେ। ବଜେଟ ୨୦୨୫ରୁ ସେମାନଙ୍କର ପ୍ରଥମ ଆଶା ହେଉଛି ପୁରୁଣା ଟିକସ ବ୍ୟବସ୍ଥାରେ ଉପଲବ୍ଧ ୮୦ସି ଟିକସ ଛାଡ଼ ସୀମାକୁ ୧.୫ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା। ଏହା ବ୍ୟତୀତ ସ୍ୱାସ୍ଥ୍ୟ ବୀମା ଉପରେ ଧାରା ୮୦ଡି ଅନୁଯାୟୀ ଉପଲବ୍ଧ ୨୫ ହଜାର ଟଙ୍କା ରିହାତିକୁ ୪୦ ହଜାର ଟଙ୍କା (ବରିଷ୍ଠ ନାଗରିକଙ୍କ ପାଇଁ ୫୦ ହଜାରରୁ ୭୫ ହଜାର ଟଙ୍କା)କୁ ବୃଦ୍ଧି କରିବାକୁ ଦାବି ରହିଛି। ଟିକସଦାତାମାନେ ଆଶା କରୁଛନ୍ତି, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ବର୍ତ୍ତମାନର ୨୦% ଟିକସ ୧୫%କୁ ହ୍ରାସ ପାଇବ ଏବଂ ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଛାଡ଼ ୩୦%ରୁ ୨୦%କୁ ହ୍ରାସ ପାଇବ। ସେହିଭଳି ବାର୍ଷିକ ଆୟ ୨୦ ଲକ୍ଷରୁ ଅଧିକ ଆୟ ଉପରେ ୩୦% ଟିକସ ଲାଗୁ କରିବାକୁ ଦାବି ରହିଛି। ଏହା ମଧ୍ୟବିତ୍ତ ତଥା ବେତନପ୍ରାପ୍ତ କରଦାତାଙ୍କୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିପାରିବ। ଏହା ଗ୍ରାହକଙ୍କ ଖର୍ଚ୍ଚରେ ବୃଦ୍ଧି ସହ ଅର୍ଥନୀତିରେ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଟିକସଦାତାଙ୍କ ମଧ୍ୟ ଆଶା ରହିଛି, ଏହି ବଜେଟରେ ସରକାର ପୁରୁଣା ଟିକସ ବ୍ୟବସ୍ଥାରେ ଧାରା ୮୭ଏ ଅଧୀନରେ ରିହାତିକୁ ୭୫ ହଜାର ଟଙ୍କା ଷ୍ଟାଣ୍ଡାର୍ଡ ରିହାତିକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଉଚିତ। ଏହା ଅତ୍ୟାବଶ୍ୟକ ବୃଦ୍ଧିଗତ ଖର୍ଚ୍ଚକୁ ଧ୍ୟାନରେ ରଖିବାକୁ ଅନୁମତି ଦେଇଥାଏ। କାରଣ ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଟିକସ ଛାଡ଼ ଅନ୍ୟଥା ଉପଲବ୍ଧ ନୁହେଁ। ତେଣୁ ସମସ୍ତ ଟିକସଦାତା ମାନଙ୍କ ରିହାତି ବୃଦ୍ଧି ଦ୍ୱାରା ଉପକୃତ ହୋଇପାରିବେ। ପୁରୁଣା ଟିକସ ବ୍ୟବସ୍ଥା ଅନୁଯାୟୀ, ଗୃହଋଣ ସୁଧ ଉପରେ ବାର୍ଷିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ଏହି ବ୍ୟବସ୍ଥାକୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରହିଛି। ସମ୍ପ୍ରତି ଗୃହଋଣର ମୂଳ ପରିମାଣ ଉପରେ ଧାରା ୮୦ସି ଅନୁଯାୟୀ ୧.୫ ଲକ୍ଷ ଟଙ୍କା ରିହାତି ମଧ୍ୟ ଦିଆଯାଉଛି। ଏହିପରି ସୁଧ ଉପରେ ରିହାତି ବୃଦ୍ଧିକରି ମୋଟ ଛାଡ଼ ପରିଧିର ୪.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ପୁରୁଣା ଟିକସ ବ୍ୟବସ୍ଥା ଅନୁଯାୟୀ ୨.୫ ଲକ୍ଷ ଟଙ୍କା ସିଧାସଳଖ ଟିକସ ଛାଡ଼ ଦିଆଯାଉଛି, ଅର୍ଥାତ୍ ବାର୍ଷିକ ୨.୫ ଲକ୍ଷ ଟଙ୍କା ରୋଜଗାର ଉପରେ କୌଣସି ଟିକସ ନାହିଁ। ଏହି ପ୍ରତ୍ୟକ୍ଷ ଟିକସ ଛାଡ଼କୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରହିଛି। ଯଦି ଏହା ଘଟେ ତେବେ ଜଣଙ୍କର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ ଆଦୌ ଟିକସ ଦେବାକୁ ପଡ଼ିବ ନାହିଁ।



ନିର୍ମଳା ସୀତାରାମନ୍

# ଜେଏସ୍ଏଲ୍ର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୩୦।୧ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୩ୟ ତ୍ରୈମାସିକ ପାଇଁ କମ୍ପାନୀର ମୋଟ ଏକକ ରେଭେନ୍ୟୁ ବାର୍ଷିକ ୧୦.୮% ଅଭିବୃଦ୍ଧି ସହ ୧୦,୦୬୬ କୋଟି ଟଙ୍କା ରହିଛି। ଷ୍ଟାଣ୍ଡ ଆଲୋନ ଏବିଡଟା ୧୦୦୧ କୋଟି ଟଙ୍କା ରହିଥିବାବେଳେ ଟିକସ ପରବର୍ତ୍ତୀ ଲାଭ ୬୧୯ କୋଟି ଟଙ୍କା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ୩,୩୨୪ କୋଟି ଟଙ୍କା ରେକର୍ଡ କରାଯାଇଥିବାବେଳେ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ଓ ଏବିଡଟା ଅନୁପାତ ୯ ରହିଛି। ଏହି ଅବଧିରେ ଏକୀକୃତ ମୋଟ ଆୟ ୯୯୦୭ କୋଟି ଟଙ୍କାରେ ପହଞ୍ଚିଛି। ଏକୀକୃତ ଏବିଡଟା ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧୨୮୦ କୋଟି ଟଙ୍କା ଏବଂ ୬୨୪ କୋଟି ଟଙ୍କା ରହିଛି। ଏ ସମ୍ପର୍କରେ ଜେଏସ୍ଏଲ୍ର ଏମ୍ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବର୍ତ୍ତମାନ ସମୟରେ ଭାରତୀୟ ଷ୍ଟିଲ୍ ଏବଂ ଷ୍ଟେନଲେସ ଷ୍ଟିଲ ଶିଳ୍ପରେ ବିଭିନ୍ନ ଦେଶରୁ କମ୍ ମୂଲ୍ୟରେ ଶସ୍ତା ନିମ୍ନ ମାନର ଉତ୍ପାଦ ଆମଦାନୀ ହେଉଛି। ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିବା ବେଳେ ଘରୋଇ ଶିଳ୍ପରେ ସରକାରୀ ପଦକ୍ଷେପର ଆବଶ୍ୟକତା ରହିଛି, ଯାହାଦ୍ୱାରା ନିମ୍ନମାନର ଉତ୍ପାଦ ଆମଦାନୀକୁ ରୋକାଯାଇପାରିବ ଏବଂ ବିଭିନ୍ନ ଏଫ୍ଟିଏ ଦେଶର ଗୁଣବତ୍ତା ନିୟମାବଳୀ ଅନୁପାଳନ ହୋଇପାରିବ।



ଅଭ୍ୟୁଦୟ ଜିନ୍ଦଲ

# ୩ୟ ତ୍ରୈମାସିକରେ ବିକ୍ରି ଅଭିବୃଦ୍ଧି

ନୂଆଦିଲ୍ଲୀ,୩୦।୧

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ୍ (ଏନ୍ଭିସିଏଲ୍) ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାର୍ଯ୍ୟକଳାପ ଓ କାରବାର ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ୩ ୟ ତ୍ରୈମାସିକ ପାଇଁ ଏନ୍ଭିସିଏଲ୍ର ଅଡିଟ ହୋଇ ନ ଥିବା ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏନ୍ଭିସିଏଲ୍ର ଏମ୍ଡି ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, କମ୍ପାନୀ ବଜାରରେ ବ୍ରାଣ୍ଡର ସ୍ଥିତିକୁ ମଜଭୁତ କରିବା ପାଇଁ ସକ୍ରିୟ ଭାବେ ଚାହିଦା ସୁଯୋଗଗୁଡିକୁ ହାସଲ କରିଛି ଏବଂ ୩ୟ ତ୍ରୈମାସିକ ସମୟରେ ମଜଭୁତ ବିକ୍ରି ଅଭିବୃଦ୍ଧି ପ୍ରଦାନ କରିଛି। କମ୍ପାନୀ ପାଇଁ ରଣନୈତିକ ପ୍ରାଥମିକତାଗୁଡିକ ପ୍ରିମିୟମାଇଜେଶନକୁ ଆଗକୁ ବଢ଼ାଇବା, ଜିଓ-ମିକ୍ସକୁ ଅପ୍ଟିମାଇଜ କରିବା, ଇନ୍ଧନ ମିଶ୍ରଣ ଦକ୍ଷତାକୁ ଉନ୍ନତ କରିବା, ବ୍ରାଣ୍ଡ ଉପସ୍ଥିତିକୁ ସୁଦୃଢ କରିବା ଓ ଖର୍ଚ୍ଚ ହ୍ରାସକୁ ବଜାୟ ରଖିବା ଉପରେ କୈନ୍ଦ୍ରିତ ରହିଛି। ସେହିଭଳି କମ୍ପାନୀ ବଦରାଜ ସିମେଣ୍ଟ ସମ୍ପର୍କିତ ଅଭିବୃଦ୍ଧି ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ବ୍ରାଣ୍ଡର ସମ୍ପ୍ରସାରଣ ରଣନୀତି ଓ କ୍ଷମତାକୁ ନେଇ ନିଶ୍ଚିତ ରହିଛି, ଯାହା ପଶ୍ଚିମ ଭାରତରେ କମ୍ପାନୀର ବଜାର ପ୍ରବେଶକୁ ବହୁମୁଖୀ କରିବ। ଏହା ଦୀର୍ଘାବଧି ଅଭିବୃଦ୍ଧି ଲକ୍ଷ୍ୟ ପୂରଣ କରିବାରେ ସହଯୋଗ କରିବ ଏବଂ ଭାରତରେ ୫ମ ସର୍ବବୃହତ୍ ସିମେଣ୍ଟ କମ୍ପାନୀ ଭାବେ ବ୍ରାଣ୍ଡର ସ୍ଥିତିକୁ ଆହୁରି ମଜବୁତ କରିବ।

# ଓଡ଼ିଶାରେ ପୁଞ୍ଜି ନିବେଶ କରିବ ପିପିଏଲ୍

## ୪ ହଜାର କୋଟିର ଚୁକ୍ତି ସ୍ୱାକ୍ଷର

ପାରାଦୀପ, ୩୦।୧(ଶରତ ରାଉତ)

ଜଗତ୍ସିଂହପୁର ଜିଲା ପାରାଦୀପରେ ଥିବା ପିପିଏଲ୍ (ପାରାଦୀପ ଫସ୍ଫେଟସ୍ ଲିମିଟେଡ)କମ୍ପାନୀ ଗୁରୁବାର ରାଜ୍ୟ ସରକାରଙ୍କ ସହ ନୂତନ ଚୁକ୍ତି ସ୍ୱାକ୍ଷର କରିଛି। କମ୍ପାନୀ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ଚୁକ୍ତି କରିଛି। ଆଗାମୀ ଦିନରେ କମ୍ପାନୀ ତା'ର କାରଖାନା ସମ୍ପ୍ରସାରଣ ପାଇଁ ୪ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରିବ ବୋଲି ଘୋଷଣା କରିଛି। ବନ୍ଦର ଜେଟି ଭିତ୍ତିଭୂମି ବିକାଶ ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଏହି ନିବେଶ କରାଯିବ। ଏହାଦ୍ୱାରା ପ୍ରତ୍ୟକ୍ଷଭାବେ ୧୦୦ରୁ ୧୫୦ ଏବଂ ପରୋକ୍ଷଭାବେ ୭୦୦ରୁ ୧୦୦୦ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। କମ୍ପାନୀ ଚାଷୀଙ୍କ ସମୃଦ୍ଧି ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟକୁ ଭଲ କରିବା ପାଇଁ ସର୍ବଦା ପ୍ରାଥମିକତା ଦେଇଛି ବୋଲି ସୂଚନା ଦେଇଛି। ଏହି ଚୁକ୍ତି ଶିଳ୍ପ ବିଭାଗର ସଚିବ ହେମନ୍ତ ଶର୍ମା ଓ କମ୍ପାନୀ ସିଇଓ ସୁରେଶ କ୍ରିଷ୍ଣନଙ୍କ ମଧ୍ୟରେ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ଶୁଭେନ୍ଦ୍ର କୁମାର ନାୟକ, କମ୍ପାନୀ ଅର୍ଥ ପରାମର୍ଶ ଅଧିକାରୀ ବିଜୟ କୁମାର ବିଶ୍ୱାଳ, କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।



# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୩୦।୧

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍ସେକ୍ସ ୨୨୭ (୨୨୬.୮୫) ପଏଣ୍ଟ ବଢ଼ି ୭୬,୭୬୦(୭୬,୭୫୯.୮୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୬.୪୦) ପଏଣ୍ଟ ବୃଦ୍ଧି ଘଟି ୨୩,୨୪୯(୨୩,୨୪୯.୫୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025005, ତା.23.01.2025ରିଖ

**କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ପାଇଁ ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / ଭୁବନେଶ୍ୱର ଅଧିନରେ ରେଳ ବିହାର, ରେଳ ସଦନର ନର୍ଥ ବ୍ଲକ, ମଞ୍ଚେଶ୍ୱରର ଇଲେକ୍ଟ୍ରିକାଲ ଏବଂ S&T ଷ୍ଟୋର ଓ କାର୍ଯ୍ୟାଳୟ ତଥା ରେଳ ବିହାର, ଭୁବନେଶ୍ୱରରେ ନୂତନ ଭାବରେ ହସ୍ତାନ୍ତରିତ ହୋଇଥିବା RE କାର୍ଯ୍ୟାଳୟ ଇତ୍ୟାଦି ସେବା ଭବନର ରକ୍ଷଣାବେକ୍ଷଣ କାର୍ଯ୍ୟ

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 92.30 ଲକ୍ଷ, EMD : ₹ 1,84,600/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.02.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ [illegible]

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-134/CH/24-25


# ଏସ୍ଏଜିୱାଇ ଅଧୀନରେ ସିଓଇର ଶୁଭାରମ୍ଭ

ଭୁବନେଶ୍ୱର,୩୦।୧

ସାଂସଦ ଆଦର୍ଶ ଗ୍ରାମ ଯୋଜନା (ଏସ୍ଏଜିୱାଇ) ଅଧୀନରେ ଓଡ଼ିଶାର କଳାହାଣ୍ଡି ଜିଲାର ସଗଡା ଏବଂ ଭଟଙ୍ଗପଦର ଗ୍ରାମପଞ୍ଚାୟତରେ ଏକ ଅତ୍ୟାଧୁନିକ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସ (ସିଓଇ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଡ୍ରୋନ୍ ଟେକ୍ନୋଲୋଜି କମ୍ପାନୀ ଆଇଜି ଡ୍ରୋନ୍ସ ସହଭାଗିତାରେ ଏମପି ସୁଜିତ କୁମାର ଏସ୍ଏଜିୱାଇ ଅଧୀନରେ ଭାରତର ପ୍ରଥମ ଡ୍ରୋନ୍ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସର ଅନାବରଣ କରିଛନ୍ତି। କଳାହାଣ୍ଡି ଜିଲାର ସଗଡା ଓ ଭଟଙ୍ଗପଦର ଗ୍ରାମପଞ୍ଚାୟତରେ ଅବସ୍ଥିତ ଏହି ସେଣ୍ଟରଗୁଡିକ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରିବ। ଏପରିକି ଅତ୍ୟାଧୁନିକ ଦକ୍ଷତା ବିକାଶ ମାଧ୍ୟମରେ ଆଦିବାସୀ ଯୁବପିଢ଼ି ଓ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ପ୍ରତିନିଧିତ୍ୱ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୪ ରେ ଏହାର ଶୁଭାରମ୍ଭ କରାଯାଇଥିବାବେଳେ କେନ୍ଦ୍ର ସରକାରଙ୍କ ଏସ୍ଏଜିୱାଇ ଯୋଜନା ଅଧୀନରେ ପ୍ରଥମ ଥର ପାଇଁ ଏଭଳି ଏକ ସିଓଇର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ସୁଜିତ କୁମାର କହିଛନ୍ତି, ଡ୍ରୋନ୍ସେଣ୍ଟର୍ସଅଫ୍ ଏକ୍ସିଲେନ୍ସ ସମାନ ବିକାଶକୁ ଆଗକୁ ବଢ଼ାଇବା କ୍ଷେତ୍ରରେ କାର୍ଯ୍ୟ କରୁଛି। ଟେକ୍ନୋଲୋଜିର ଶକ୍ତି ଏକ ପ୍ରମାଣ ହୋଇଥିଲାବେଳେ ଆଦିବାସୀ ଯୁବପିଢ଼ି ଓ ମହିଳାମାନଙ୍କୁ ଆଧୁନିକ ଦକ୍ଷତା ସହ ସୁସଜ୍ଜିତକରି ଆମେ ସେମାନଙ୍କ ଅପହଞ୍ଚ ଅଞ୍ଚଳରେ ଥିବା ସୁଯୋଗ ପାଇଁ ବାଟ ଫିଟାଉଛୁ। ଆଇଜି ଡ୍ରୋନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆମେ ଆଦିବାସୀ ଯୁବପିଢ଼ିଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଆଉ ଏକ ପଦକ୍ଷେପ ଗ୍ରହଣ କରିଛୁ ଏବଂ ଜାତୀୟସ୍ତରରେ ଓଡ଼ିଶାକୁ ଏକ ଡ୍ରୋନ ହବ୍ ଭାବେ ହାଇଲାଇଟକରି ଖୁବ୍ ଖୁସି ଅନୁଭବ କରୁଛୁ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍ଏସ୍ଓ-ସିକେପି-ଆର୍ଆର୍-ବିଏନ୍ଡିଏମ୍-୨୫-୨୮-୫, ତାରିଖ: ୨୯।୦୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I – ବୈଷୟିକ ବିଡ୍ ଏବଂ ପ୍ୟାକେଟ୍-II – ଆର୍ଥିକ ବିଡ୍)ରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ବଣ୍ଡମୁଣ୍ଡାଠାରେ ୧୦୯୫ ଦିନ ପାଇଁ ରନିଂ ରୁମ୍ର ଦେଖାରଖା। **ଟେଣ୍ଡର ମୂଲ୍ୟ:** ₹୧,୭୦,୫୪,୨୩୪.୦୦। **ଇ.ଏମ୍.ଡି.:** ₹୨,୩୫,୩୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୦।୦୨।୨୦୨୫ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୦।୦୨।୨୦୨୫ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-1076)



**कार्यपालक अभियंता का कार्यालय**
**सिंचाई प्रमंडल गोड्डा, शिविर–महागामा**

**शुद्धि–पत्र**

दिनांक 30.01.202

सिंचाई प्रमंडल गोड्डा,शिविर–महागामा के द्वारा आमंत्रित अल्पकालीन ई–निविदा आमंत्रण सूचना सं0–WRD/MAHAGAMA/02F2/24-25 दिनांक 25.01.2025 जिसका पी0आर0सं0–345075 Irrigation(24-25)Dहै में आशिक संशोधन करते हुए निविदा के कमांक सं0–01 में बटेश्वर स्थान गंगा पम्प नहर योजना के आर0 डी0सं0–88.90,102.20,104.20 एवं 135.90 पर तीन अदद् CD का निर्माण एवं Gap भाग का Brick Lining कार्य के स्थान पर Construction of 4 Nos C.D at RD 88.90,102.20,104.20 & 135.90 of Bateshwar asthan Ganga Pump Canal Scheme एवं कमाक सं0–2 प्राक्कलित राशि (रू0में) 2,19,00,440.00 के स्थान पर रू 2,17,92,553.08 एवं कमाक सं–04 ई0 निविदा बेवसाईट पर प्राप्त करने की अंतिम तिथि एवं समय 05.02.2025 के 5:00बजे अपराह्न तक के स्थान दिनांक 12.02.2025 के 5:00बजे अपराह्न तक एवं ई0 निविदा बेवसाईट पर प्रकाशन की तिथि 29.01.2025 के 11:00 बजे पूर्वाहन से के स्थान पर 05.02.2025 के 11:00 बजे पूर्वाहन से एवं बीड खुलने की तिथि एवं समय 06.02.2025 के 3:00 बजे अपराह्न में के स्थान पर 13.02.2025 के 3:00 बजे अपराह्न तक पढा जाय।

निविदा की अन्य शर्तें पूर्ववत् रहेगी।

कार्यपालक अभियंता,
सिंचाई प्रमंडल गोड्डा,शिविर–महागामा

PR 345485 Irrigation(24-25)#D


# ଇନ୍ଫିନିକ୍ସର ନୂତନ ମଡେଲ

ନୂଆଦିଲ୍ଲୀ,୩୦।୧

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ 'ଇନ୍ଫିନିକ୍ସ'ର ନୂତନ ମଡେଲ ସ୍ମାର୍ଟ ୯ ଏଚ୍ଡିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ମାତ୍ର ୬୬୯୯ ଟଙ୍କାରେ ଇନ୍ଫିନିକ୍ସର ଏହି ସ୍ମାର୍ଟଫୋନ ୪ଟି ଆକର୍ଷଣୀୟ ରଙ୍ଗ ମିଣ୍ଟ ଗ୍ରୀନ୍, କୋରାଲ ଗୋଲ୍ଡ, ନିଓ ଟାଇଟାନିୟମ ଏବଂ ମେଟାଲିକ ବ୍ଲାକ୍ରେ ଉପଲବ୍ଧ ରହିଛି। ଏଥିରେ ଏକ ମଲ୍ଟିଲେୟର ଗ୍ଲାସ୍ ଫିନିଶ ବ୍ୟାକ୍ ଥିବା ସତେଜ ଡିଜାଇନ ରହିଛି, ଯାହା ଆଣ୍ଟି-ଫିଙ୍ଗରପ୍ରିଣ୍ଟ ହେବା ସହ ମଜଭୁତ ଡିଜାଇନ ବିଶିଷ୍ଟ ହୋଇଛି। ସେହିଭଳି ଏକ ଆଇପି୫୪ ସ୍ପ୍ଲାଶ-ପ୍ରୁଫ୍ ରେଟିଂ ସହିତ ଏହି ଡିଭାଇସ୍ ସହଜରେ ଓଦା ଓ ତେଲିଆ ଆଙ୍ଗୁଠିରେ ସ୍ପର୍ଶକୁ ନିୟନ୍ତ୍ରଣ କରିପାରିଥାଏ। ଇନ୍ଫିନିକ୍ସ ସ୍ମାର୍ଟ ୯ଏଚ୍ଡିର ୨୦୦ରୁ ଅଧିକ କ୍ୱାଲିଟି ଟେଷ୍ଟ ହୋଇଛି, ଯେଉଁଥିରେ ଏକ ୧.୫ମିଟର ୬-ସାଇଡ ଡ୍ରପ ଟେଷ୍ଟ ଓ ଅତ୍ୟଧିକ ତାପମାତ୍ରାରେ ପରିକ୍ଷଣ ସାମିଲ ରହିଛି। ୨,୫୦,୦୦୦ରୁ ଅଧିକ ଡ୍ରପ୍ ଟେଷ୍ଟରେ ପାସ୍ କରିଥିବା ଏହି ଡିଭାଇସ ନିଜ ସେଗ୍ମେଣ୍ଟରେ ସ୍ଥାୟିତ୍ୱ ପାଇଁ ଏକ ନୂତନ ମାନକ ଧାର୍ଯ୍ୟ କରିଛି। ସ୍ମାର୍ଟ ୯ଏଚ୍ଡିରେ ସେଗ୍ମେଣ୍ଟ ପ୍ରଥମ ୬.୭ ଇଞ୍ଚ ଏଚ୍ଡି+ ପଞ୍ଚ-ହୋଲ ଡିସ୍ପ୍ଲେ ଏକ ସୁଗମ ୯୦ଏଚ୍ଜେଡ୍ ରିଫ୍ରେଶ ରେଟ୍ ଓ ୫୦୦ ନିଟ୍ସ ବ୍ରାଇଟନେସ୍ ରହିଛି। ମିଡିଆଟେକ ହେଲିଓ ଜି୫୦ ୨.୨ଜିଏଚ୍ଜେଡ ଅକ୍ଟାକୋର ପ୍ରୋସେସର ଓ ହାଇପରଇଜିନ ଲାଇଟ୍ ୨.୦ ଦ୍ୱାରା ପରିଚାଳିତ ସ୍ମାର୍ଟ ୯ଏଚ୍ଡି ଦୈନନ୍ଦିନ କାର୍ଯ୍ୟ ଓ ଗେମିଂ ପାଇଁ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। ୬୪ ଜିବିର ଇଣ୍ଟରନାଲ ଷ୍ଟୋରେଜ (୧ଟିବି ପର୍ଯ୍ୟନ୍ତ ଏକ୍ସପାଣ୍ଡେବୁଲ) ଓ ୬ ଜିବି ପର୍ଯ୍ୟନ୍ତ ରାମ (୩ ଜିବି ଫିଜିକାଲ+ ୩ଜିବି ଭର୍ଚୁଆଲ) ସହିତ ଉପଭୋକ୍ତାଙ୍କ ନିକଟରେ ସେମାନଙ୍କର ଆପ୍ ଓ ମିଡିଆ ପାଇଁ ପର୍ଯ୍ୟାପ୍ତ ସ୍ପେଶ ରହିବ। ସ୍ମାର୍ଟ ୯ଏଚ୍ଡିର କ୍ୟାମେରା ସିଷ୍ଟମରେ କ୍ୱାଡ୍ ଏଲ୍ଇଡି ଓ ରୁମ୍ ଫ୍ଲାଶ ସହ ଏକ ୧୩ଏମ୍ପି ଡୁଆଲ ରିୟର କ୍ୟାମେରା ରହିଛି। ଏହା ହେଉଛି ଏକ ଫିଚର ଯାହା ଲୋ ଲାଇଟ ଫଟୋଗ୍ରାଫିକୁ ଉନ୍ନତ କରିଥାଏ। ଏହି ଡିଭାଇସ୍ ଏଲ୍ଇଡି ଫ୍ଲାଶ ଓ ସ୍କ୍ରିନ୍ ଫ୍ଲାଶ ଫିଚର ସମେତ ୮ ଏମ୍ପି ଫ୍ରଣ୍ଟ-ଫେସିଂ କ୍ୟାମେରା ସହିତ ଆସୁଛି। ଏଆଇ ଚାର୍ଜ ପ୍ରୋଟେକ୍ସନ ଓ ପାୱାର ମାରାଥନ ଫିଚର ସହିତ ଏକ ୫୦୦୦ଏମ୍ଏଏଚ୍ ବ୍ୟାଟେରି ସ୍ମାର୍ଟ ୯ ଏଚ୍ଡିକୁ ସାରା ଦିନ କାର୍ଯ୍ୟକ୍ଷମ ରଖିଥାଏ। ଏହି ସ୍ମାର୍ଟ ୯ଏଚ୍ଡି ଆଣ୍ଡ୍ରଏଡ୍ ୧୪ ଗୋ ଏଡିସନ ଉପରେ ପରିଚାଳିତ ହେଉଛି।


**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ-ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳପଥ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ଏଚ୍ଜେଡ୍., ଏସି ଓଭରହେଡ୍ ଟ୍ରାକ୍ସନ ଓୟାରରେ ଶକ୍ତି ସରବରାହ ଆରମ୍ଭ ହୋଇଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ।

**ସେକ୍ସନର ନାମ:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନ ଅଧୀନରେ ଟାଟାନଗର-ଝାରସୁଗୁଡ଼ା କାର୍ଯ୍ୟ ପ୍ରକଳ୍ପ ସଂକ୍ରାନ୍ତରେ ବଣ୍ଡମୁଣ୍ଡା ଏ କ୍ୟାବିନ୍ (ଅନ୍ତର୍ଭୁକ୍ତ) ଏଲ୍ଓସି ନଂ. ୪୦୨/୨୬ବି/୧ (ହାଓଡାରୁ କିମି: ୪୦୨/୭୬୬.୦୦)ରୁ ରାଉରକେଲା (ବହିର୍ଭୂତ) ଏଲ୍ଓସି. ନଂ. ୪୧୨/୮ (ହାଓଡାରୁ କିମି: ୪୧୨/୧୧୩.୦୦)ର ନବନିର୍ମିତ ବିଦ୍ୟୁତୀକୃତ ବିକି ୪ର୍ଥ ଲାଇନ୍ ତଥା ବଣ୍ଡମୁଣ୍ଡା ଏ କ୍ୟାବିନ୍ ୟାର୍ଡସ୍ଥିତ ଏଲ୍ଓସି ନଂ. ୪୦୧/୨୫ଏଫ୍ରୁ ୪୦୨/୩୫ଏଫ୍ ପର୍ଯ୍ୟନ୍ତ ଫିଡର୍ ଲାଇନ୍ର ଶକ୍ତିସଞ୍ଚାର। **ରେଳପଥ:** ଦ.ପୂ. ରେଳପଥ, **ମଣ୍ଡଳ:** ଚକ୍ରଧରପୁର, **ଶକ୍ତି ସରବରାହ ଆରମ୍ଭର ଆନୁମାନିକ ତାରିଖ:** ୦୫।୦୨।୨୦୨୫।

**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଦକ୍ଷିଣ ପୂର୍ବ ରେଳପଥର ବଣ୍ଡମୁଣ୍ଡା ଏ କ୍ୟାବିନ୍ – ରାଉରକେଲା ସେକ୍ସନ ମଧ୍ୟରେ ନୂଆ ୪ର୍ଥ ଲାଇନ୍ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ସଂକ୍ରାନ୍ତରେ, ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ଭାରକୁ ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓୟାର)**ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ପ୍ରତିରୋଧ କରିବା ଲାଗି ସମସ୍ତ ଲେଭଲ କ୍ରସିଂରେ ସଡ଼କ ସ୍ତରରୁ **ସର୍ବାଧିକ ୪.୬୮ ମିଟରର ସ୍ପଷ୍ଟ** ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ।** ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ। ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ:

**କ୍ର.ସଂ. ଏବଂ ନୂଆଗାଁରୁ ବାଗଲକୋଟ ଏ ସେକ୍ସନ ମଧ୍ୟରେ ଯଥାକ୍ରମେ ଲେଭଲ କ୍ରସିଂ ଫାଟକଗୁଡ଼ିକର ଅବସ୍ଥିତି: (୧)** ଅବସ୍ଥିତି ନଂ. ୪୦୩/୧୪ବି-୪୦୩/୧୬ବି (ବଣ୍ଡମୁଣ୍ଡା ଏ କ୍ୟାବିନ୍ – ରାଉରକେଲା)ଠାରେ ଲେଭଲ କ୍ରସିଂ ଫାଟକ ନଂ. ବିୱାଇ-୨, ୪ର୍ଥ ଲାଇନ୍ ଓଏଚ୍ଇ, **(୨)** ଅବସ୍ଥିତି ନଂ. ୪୦୨/୨୭ଏଫ୍ – ୪୦୨/୨୯ଏଫ୍ ବଣ୍ଡମୁଣ୍ଡା ଏ କ୍ୟାବିନ୍ ୟାର୍ଡଠାରେ ଲେଭଲ୍ କ୍ରସିଂ ଫାଟକ ନଂ. ୨୦୭, ଫିଡର୍ ଓୟାର୍। **ଶକ୍ତି ସରବରାହ ଆରମ୍ଭ ତାରିଖ: ୦୫।୦୨।୨୦୨୫।**

(i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା। (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ। (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ।

ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ନିର୍ମାଣ), ରାଉରକେଲା

ଦକ୍ଷିଣ ପୂର୍ବ ରେଳପଥ (PR-1080)
ହର୍ଷର ସହିତ ଆମେ ସେବାରତ



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଖଣ୍ଡପଡା ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଖଣ୍ଡପଡା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଖଣ୍ଡପଡା ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା: ମେସର୍ସ ସାଇ ସାନିଟାରୀ ଆଣ୍ଡ ପେଣ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ତୋଫାନ ପଢିଆରୀ, ପିତା: ଶ୍ରୀ ବାସୁଦେବ ପଢିଆରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ବାସୁଦେବ ପଢିଆରୀ, ପିତା: ହାଡୁ ପଢିଆରୀ, ଉଭୟଙ୍କ ଠିକଣା – ସା/ପୋ: ବୋଦସା, ଥାନା: ଖଣ୍ଡପଡା, ଜିଲ୍ଲା: ନୟାଗଡ | ତା.୩୦.୦୯.୨୦୨୪ରିଖ ସୁଦ୍ଧା ଟ.୧୧,୮୧,୯୭୮.୫୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୧୦.୨୦୨୪ / ୨୭.୦୧.୨୦୨୫ | ଶ୍ରୀ ବାସୁଦେବ ପଢିଆରୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ବୋଦସା, ତାଲୁକ: ଖଣ୍ଡପଡା, ଏସ୍ଆରଓ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୫୮୨/୨୪୩, ପ୍ଲଟ୍ ନଂ.: ୧୩୫୪ ଏବଂ ୧୩୫୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରବିନ୍ଦ୍ର ପୁଷ୍ଟି, ପୂର୍ବ: ସି ସି ରାସ୍ତା, ଦକ୍ଷିଣ: ବଇଦ ପଢିଆରୀ, ପଶ୍ଚିମ: କୁମୁଦ ପଢିଆରୀ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୩୦.୦୧.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଇଲେକ୍ଟ୍ରିକାଲ ସବ୍ଷ୍ଟେସନ୍, ଡିଜି ସେଟ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରିକାଲ ଉପକରଣର ଅପରେଶନ, ଅପକିପ ଏବଂ ମେଣ୍ଟେନାନ୍ସ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଏହି ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

## ସଂକ୍ଷେପରେ

### ଫ୍ୟାକ୍ଟ୍ରି ଛାତ ଭୁଶୁଡ଼ିଲା: ୪ ମୃତ, ୧୫ ଆହତ

ଭୋପାଳ, ୩୦।୧

ମଧ୍ୟପ୍ରଦେଶର ପାନ୍ନା ଜିଲାରେ ଥିବା ଜେକେ ସିମେଣ୍ଟ ପ୍ଲାଣ୍ଟର ଏକ ନିର୍ମାଣାଧୀନ ସ୍ଥାନରେ ଛାତ ଭୁଶୁଡ଼ିଯିବାରୁ ୪ ଜଣ ଶ୍ରମିକ ଆହତ ହୋଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଦଳ(ଏସ୍‌ଡିଆର୍‌ଏଫ୍)ର ଟିମ୍ ପହଞ୍ଚି ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଛାତ ଭୁଶୁଡ଼ିବା ସମୟରେ ଫ୍ୟାକ୍ଟ୍ରିରେ ପ୍ରାୟ ୧୦୦ ଜଣ ଶ୍ରମିକ କାମ କରୁଥିବା ନେଇ ପୋଲିସ ସୂଚନା ଦେଇଛି। ସମସ୍ତ ମୃତକଙ୍କୁ ୧୮ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହାୟତା ଦିଆଯିବ ବୋଲି ଜିଲା ପ୍ରଶାସନ ଘୋଷଣା କରିଛି। ୪ ମୃତକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ବଳାତ୍କାର ମାମଲାରେ କଂଗ୍ରେସ ଏମ୍‌ପି ଗିରଫ

ନୂଆଦିଲ୍ଲୀ, ୩୦।୧

ଉତ୍ତରପ୍ରଦେଶ ସୀତାପୁରର କଂଗ୍ରେସ ଏମ୍‌ପି ରାକେଶ ରାଠୋଡ୍ ଗୁରୁବାର ଏକ ବଳାତ୍କାର ମାମଲାରେ ଗିରଫ ହୋଇଛନ୍ତି। ଗତ ୧୭ରେ ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ରାକେଶଙ୍କୁ ଗିରଫ କରିଛି। ରାକେଶ ତାଙ୍କୁ ଗତ ୪ ବର୍ଷ ଧରି ଯୌନ ଶୋଷଣ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଥିଲେ। ରାକେଶ ତାଙ୍କୁ ବିବାହ କରିବା ସହ ତାଙ୍କର ରାଜନୈତିକ କ୍ୟାରିୟର ମଧ୍ୟ ଗଢ଼ିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ସେ ରାକେଶଙ୍କ ସହ ନିଜର କିଛି କଲ୍ ଡିଟେଲ୍ସକୁ ମଧ୍ୟ ପୋଲିସକୁ ଦେଇଛନ୍ତି। ସମ୍ପ୍ରତି ରାକେଶ ଉତ୍ତରପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି।



ପ୍ରୟାଗରାଜର ସଙ୍ଗମସ୍ଥଳରେ ଦଳାଚକଟା ପରେ ଗୁରୁବାର ଉପଗ୍ରହ ଜରିଆରେ ସଂଗୃହୀତ ଚିତ୍ର।

## ଦଳାଚକଟା ପରେ ଭିଭିଆଇପି ପାସ୍ ବାତିଲ

ପ୍ରୟାଗରାଜ/ଲକ୍ଷ୍ନୌ,୩୦।୧

### ଆଜି ଘଟଣାସ୍ଥଳକୁ ଯିବ ନ୍ୟାୟିକ କମିଶନ

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭରେ ବୁଧବାର ଅମୃତ ସ୍ନାନ ବେଳେ ଦଳଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଅଧିକ ଆହତ ହୋଇଥିଲେ। ଏହି ଦୁଃଖଦ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ ଏଭଳି ଘଟଣା ଯେପରି ନ ଘଟେ, ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି।

ମହାକୁମ୍ଭ ଦଳାଚକଟା ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ୩ ଜଣିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଏହି କମିଶନ ଶୁକ୍ରବାର ଦଳାଚକଟା ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ତଥ୍ୟ ପ୍ରମାଣ ସଂଗ୍ରହ କରିବେ ବୋଲି ଏହାର ମୁଖ୍ୟ ତଥା ଆଲ୍ଲାହାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାର କହିଛନ୍ତି। ପ୍ୟାନେଲର ଅନ୍ୟ ସଦସ୍ୟ ହେଲେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଭି.କେ. ଗୁପ୍ତା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡି.କେ. ସିଂ।

ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ୫ଟି ବଡ଼ ପରିବର୍ତ୍ତନ କରାଯାଇଛି। କୁମ୍ଭମେଳା ଅଞ୍ଚଳକୁ ଯାନବିହୀନ ଅଞ୍ଚଳ ଘୋଷଣା କରାଯାଇଛି। ଏଥିସହିତ ଭିଭିଆଇପିଙ୍କ ପାଇଁ ପାସ୍ ବ୍ୟବସ୍ଥା ବାତିଲ ହୋଇଛି। ଶ୍ରଦ୍ଧାଳୁମାନଙ୍କ ଗମନାଗମନକୁ ନିୟନ୍ତ୍ରଣ କରିବା ପାଇଁ ୱାନ୍-ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଗହଳି ହ୍ରାସ ପାଇଁ ପ୍ରୟାଗରାଜର ପଡୋଶୀ ଜିଲାରୁ ଆସୁଥିବା ଯାନଗୁଡ଼ିକୁ ଜିଲା ସୀମାରେ ଅଟକାଯିବ।

## 'ବିଶ୍ୱସନୀୟତା ହରାଇଛନ୍ତି ସିଇସି'

**ଦିଲ୍ଲୀ ବିଧାନସଭା ନିର୍ବାଚନକୁ ମାତ୍ର ୬ ଦିନ ବାକି ଥିବାବେଳେ ଜାତୀୟ ରାଜଧାନୀର ତମାମ ପ୍ରସଙ୍ଗ ଉଭାନ୍ ହୋଇଯାଇଛି। ମନେହେଉଛି ସତେଯେମିତି ଯମୁନା ନଦୀର ପ୍ରଦୂଷିତ ପାଣି ଏବେ ଏକମାତ୍ର ନିର୍ବାଚନୀ ପ୍ରସଙ୍ଗ। ଯମୁନା ଜଳ ପ୍ରଦୂଷଣକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ସୋମବାର ହରିୟାଣାର ନାଏବ ସିଂ ସାଇନି ସରକାରଙ୍କୁ ଟାର୍ଗେଟ କରିବା ପରେ ତାଙ୍କୁ ଭାଜପା ତ ଘେରିଆସିଛି, ନିର୍ବାଚନ କମିଶନ (ଇସି) ମଧ୍ୟ ଦ୍ୱିତୀୟ ଥର ପ୍ରମାଣ ସମ୍ବଳିତ ଜବାବ ମାଗିଛନ୍ତି। ଏହାକୁ ନେଇ କ୍ଷୁବ୍ଧ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରାଜନୀତି କରୁଛନ୍ତି। ରାଜୀବ ଏହି ସାମ୍ବିଧାନିକ ସଂସ୍ଥାର ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛନ୍ତି।**

### ଯମୁନା ଜଳରେ ଦିଲ୍ଲୀ ରାଜନୀତି: ବର୍ଷିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୩୦।୧

ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଗତ ସୋମବାର ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଥିଲେ, ହରିୟାଣାର ଭାଜପା ସରକାର ଯମୁନା ଜଳରେ ବିଷ ମିଶାଇଛନ୍ତି। ଭାଜପା ଏହାକୁ ନେଇ ଇସିଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି ଏହା ଉପରେ କେଜ୍‌ରିୱାଲଙ୍କୁ ବୁଧବାର ରାତି ୮ଟା ସୁଦ୍ଧା ଜବାବ ମାଗିଥିଲେ। କେଜ୍‌ରିୱାଲ ୧୪ ପୃଷ୍ଠା ସମ୍ବଳିତ ପତ୍ରରେ ଲେଖିଥିଲେ, ଦିଲ୍ଲୀ ଜଳ ବୋର୍ଡ ସିଇଓଙ୍କ ତଥ୍ୟକୁ ଭିତ୍ତିକରି ସେ ଏପରି କହିଥିଲେ। ଯମୁନା ପାଣିରେ ଆମୋନିଆ ସ୍ତର ଅଧିକ ରହିଛି, ଯାହାକୁ ପିଇଲେ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟିପାରେ। ତେବେ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଏପରି ମନ୍ତବ୍ୟ ଦେଇଥିବା କହିଥିଲେ। ଗୁରୁବାର ଇସି କେଜ୍‌ରିୱାଲଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପାଣିରେ ବିଷ ମିଶାଯାଉଥିବା ନେଇ ଅଧିକ ପ୍ରମାଣ ମାଗିଛନ୍ତି। ଦିଲ୍ଲୀ ଜଳ ବୋର୍ଡର କେଉଁ ଇଞ୍ଜିନିୟର ଏହି ତଥ୍ୟ ଦେଇଥିଲେ। ସେ କେଉଁଠୁ ପାଣି ନମୁନା ସଂଗ୍ରହ କରି କେଉଁ ପଦ୍ଧତିରେ ଯାଞ୍ଚ କରି ବିଷ ପାଇଥିଲେ ସେନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟା ମଧ୍ୟରେ ଜବାବ ଦାଖଲ କରିବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଜବାବ ଦାଖଲରେ ବିଫଳ ହେଲେ କେଜ୍‌ରିୱାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇସି କହିଛନ୍ତି। ଏହାକୁ ନେଇ କେଜ୍‌ରିୱାଲ କହିଛନ୍ତି, ସିଇସି ରାଜୀବ କୁମାର ଅବସର ପରେ ପୁଣି ନିଯୁକ୍ତି ଆଶାରେ ରାଜନୀତି କରୁଛନ୍ତି। ସେ ଇସିଙ୍କ ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛନ୍ତି। ସେମାନେ ମୋତେ ଦିନେ ଦୁଇଦିନ ଭିତରେ ଗିରଫ କରିପାରନ୍ତି। କିନ୍ତୁ ମୁଁ ଭୟଭୀତ ନୁହେଁ ବୋଲି କେଜ୍‌ରିୱାଲ କହିଛନ୍ତି। ଆପ୍ ନେତା ସଞ୍ଜୟ ସିଂ ଦଳୀୟ ସମର୍ଥକଙ୍କ ସହ ବୋତଲରେ ଯମୁନା ପାଣି ଧରି ଭାଜପା ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।


ଆପ୍ ନେତା ସଞ୍ଜୟ ସିଂ ସହ ସମର୍ଥକମାନେ ବୋତଲରେ ଯମୁନା ପାଣି ଧରି ଭାଜପା ମୁଖ୍ୟାଳୟକୁ ଯାଇଛନ୍ତି।

## ନିଜସ୍ୱ ଏଆଇ ମଡେଲ ପ୍ରସ୍ତୁତ କରିବ ଭାରତ

ନୂଆଦିଲ୍ଲୀ,୩୦।୧

କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ବିଶ୍ୱସ୍ତରରେ ପ୍ରତିଯୋଗିତା ଜୋର୍‌ଦାର ହୋଇଥିବାବେଳେ ଭାରତ ନିଜସ୍ୱ ମୌଳିକ ମଡେଲ୍ ପ୍ରସ୍ତୁତ କରିବା ନେଇ ଆଗ୍ରହ ପ୍ରକାଶ କରିଛି। ଷ୍ଟାର୍ଟଅପ୍ ଏବଂ ଗବେଷକମାନେ ଏଥିପାଇଁ ୧୮, ୬୯୩ ଗ୍ରାଫିକ୍ ପ୍ରୋସେସିଂ ୟୁନିଟ୍ (ଜିପିୟୁ)ର ସ୍ୱଳ୍ପ ବ୍ୟୟସାପେକ୍ଷ ସାଧାରଣ କମ୍ପ୍ୟୁଟ୍ ସୁବିଧାକୁ ବ୍ୟବହାର କରିବେ। ଭାରତ ପ୍ରସ୍ତୁତ ମଡେଲ୍ ଚାଟ୍‌ଜିପିଟି ଏବଂ ଡିପ୍‌ସିକ୍ ଆର୍‌୧କୁ ଟକ୍କର ଦେଇପାରିବ ବୋଲି କୁହାଯାଇଛି। ଚାଇନା କମ୍ପାନୀ ଡିପ୍‌ସିକ୍ ସବୁଠୁ ଶସ୍ତା ଏଆଇ ମଡେଲ୍ ଆଣି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବଜାରରେ ବିପ୍ଳବ ଆଣିଥିବାବେଳେ ଏହା ଆମେରିକୀୟ ଏଆଇ କମ୍ପାନୀଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ସମୟରେ ଭାରତ ନିଜସ୍ୱ ଏଆଇ ପ୍ରସ୍ତୁତ ପାଇଁ ଯୋଜନା କରିଛି।

ଭାରତ ବିଶ୍ୱସ୍ତରୀୟ ମୌଳିକ ମଡେଲ୍ ନିର୍ମାଣ କରିବା ନେଇ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହା ବିଶ୍ୱର ସର୍ବଶ୍ରେଷ୍ଠ ମଡେଲ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେବ। ନୂଆଦିଲ୍ଲୀ ଘୋଷଣା କରିଥିବା ଏଆଇ ବ୍ଲୁପ୍ରିଣ୍ଟର ପରବର୍ତ୍ତୀ ପଦକ୍ଷେପଗୁଡ଼ିକ ହେଲା ଜିଓ ପ୍ଲାଟ୍‌ଫର୍ମ, ସିଏମ୍‌ଏସ୍ କମ୍ପ୍ୟୁଟର, ଟାଟା କମ୍ୟୁନିକେଶନ୍ସ, ଇ୨ଇ ନେଟ୍‌ୱର୍କ୍ସ, ୟୋଟ୍ଟା ଡେଟା ସର୍ଭିସେସ୍ ଓ ପ୍ୟାନେଲରେ ଥିବା ଅନ୍ୟ ବିଡରମାନଙ୍କ ଦ୍ୱାରା ଅଫର ହୋଇଥିବା ୧୮,୬୯୩ ଜିପିୟୁ; ଏଆଇ ସୁରକ୍ଷା ଅନୁଷ୍ଠାନ ସହ ଏହା ଅଧୀନରେ ଅନୁମୋଦିତ ୮ ପ୍ରକଳ୍ପ। ଭାରତର ନିଜସ୍ୱ ମୌଳିକ ଏଆଇ ମଡେଲ୍ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆହ୍ୱାନ କରାଯାଇଛି, ଯେଉଁଥିରେ ଭାରତୀୟ ପ୍ରସଙ୍ଗ, ଭାଷା, ସଂସ୍କୃତି ରହିବ। ମୂଳତଃ ଡେଟାସେଟ୍‌ଗୁଡ଼ିକ ଆମ ଦେଶ ପାଇଁ, ଦେଶର ଏବଂ ଆମ ନାଗରିକମାନଙ୍କ ପାଇଁ ହେବ ବୋଲି କୁହାଯାଇଛି।

ଇଣ୍ଡିଆ ଏଆଇ ମିଶନ ଅଧୀନରେ ସରକାର ୧୦,୩୭୨ କୋଟି ଟଙ୍କା ମଞ୍ଜୁର କରିଥିଲେ, ଯାହା ଏଆଇ ଇକୋସିଷ୍ଟମକୁ ସୁଦୃଢ଼ କରିବ।

## ହମାସ୍ ଆଉ ୮ ପଣବନ୍ଦୀଙ୍କୁ ମୁକ୍ତକଲା

ଖାନ୍ ୟୁନିସ୍,୩୦।୧



ଯୁଦ୍ଧବିରତି ଚୁକ୍ତି ଅନୁଯାୟୀ ହମାସ୍ ଆତଙ୍କବାଦୀମାନେ ଗୁରୁବାର ଆଉ ୮ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ଇସ୍ରାଏଲୀ ଓ ଥାଇଲାଣ୍ଡର ୫ ଜଣ ଅଛନ୍ତି। ଏହା ବଦଳରେ ଇସ୍ରାଏଲ୍ ଆଉ ୧୧୦ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବା ଆଶା କରାଯାଉଛି। ପଣବନ୍ଦୀଙ୍କୁ ମୁକ୍ତ କରାଯିବା ପାଇଁ ରେଡ୍‌କ୍ରସ୍‌କୁ ନିଆଯାଉଥିବାବେଳେ ପାଲେଷ୍ଟିନୀୟମାନେ ସେମାନଙ୍କୁ ଘେରିଯାଇ ହୋହଲ୍ଲା କରିବା ସହ ନ ଛାଡ଼ିବାକୁ ଜିଦ୍ ଧରିଥିଲେ। ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହେବା ସହ ମୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଘଟେ, ସେଥିପାଇଁ ଅନ୍ତର୍ଜାତୀୟ ମଧ୍ୟସ୍ଥମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୧୯ରୁ ଅସ୍ତ୍ରବିରତି ଆରମ୍ଭ ହୋଇଥିବାବେଳେ ହମାସ୍ ଦୁଇ ପର୍ଯ୍ୟାୟରେ ୭ ପଣବନ୍ଦୀଙ୍କୁ ମୁକ୍ତ କରିଥିଲା।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଅଚାନକ ଇସ୍ରାଏଲ୍‌ରେ ଆକ୍ରମଣ କରି ୧,୨୦୦ ଜଣଙ୍କୁ ହତ୍ୟା କରିବା ସହ ପ୍ରାୟ ୨୫୦ ଜଣଙ୍କୁ ଅପହରଣ କରିନେଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ୍ ପକ୍ଷରୁ ଗାଜା ଉପରେ ଦୀର୍ଘ ୧୫ ମାସ ହେବ ସବୁଠୁ ମରଣାନ୍ତକ ଏବଂ ବିଧ୍ୱଂସକାରୀ ଆକ୍ରମଣ କରାଯାଇଥିଲା। ଏହି ଯୁଦ୍ଧ ବନ୍ଦ କରିବା ଲକ୍ଷ୍ୟରେ ଅସ୍ତ୍ରବିରତି ଚୁକ୍ତିନାମା ହୋଇଥିଲା।

## ସୀତାରାମନ୍‌ଙ୍କ ୬ ବଜେଟ ବିନ୍ଧାଣି

ନୂଆଦିଲ୍ଲୀ, ୩୦।୧

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆସନ୍ତା ୧ ତାରିଖରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟକୁ ଉପସ୍ଥାପନ କରିବେ। ଚଳିତ ଥର ଅଷ୍ଟମ ଥର ପାଇଁ ସୀତାରାମନ ଏହି ବଜେଟ ଉପସ୍ଥାପନ କରିବେ। ତେବେ ଉକ୍ତ ବଜେଟକୁ ଅନ୍ତିମ ସ୍ୱରୂପ ଦେବା ପାଇଁ ଅର୍ଥମନ୍ତ୍ରୀଙ୍କ ନେତୃତ୍ୱରେ ତାଙ୍କ ବଜେଟ ଟିମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଟିମ୍‌ର ପ୍ରମୁଖ ଚେହେରାମାନଙ୍କ ମଧ୍ୟରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ, ଅର୍ଥ ସଚିବ ତୁହିନ୍ କାନ୍ତ ପାଣ୍ଡେ, ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍, ବ୍ୟୟ ସଚିବ ମନୋଜ ଗୋବିଲ, ଅର୍ଥନୈତିକ ସେବା ସଚିବ ଏମ୍ ନାଗରାଜୁ ଓ ଡିଆଇପିଏଏମ୍ ସଚିବ ଅରୁନୀଶ ଚାୱ୍‌ଲା ରହିଛନ୍ତି।


ଭି. ଅନନ୍ତ ନାଗେଶ୍ୱରନ


ତୁହିନ୍‌କାନ୍ତ ପାଣ୍ଡେ


ଅଜୟ ସେଠ


ମନୋଜ ଗୋବିଲ


ଏମ୍. ନାଗରାଜୁ


ଅରୁନୀଶ ଚାୱ୍‌ଲା

**ଭି. ଅନନ୍ତ ନାଗେଶ୍ୱରନ :** ବଜେଟ ୨୦୨୫ରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାର ଦାୟିତ୍ୱ ଭି. ଅନନ୍ତ ନାଗେଶ୍ୱରନଙ୍କ ଉପରେ ରହିଛି। ଆଇଆଇଏମ୍ ଅହମଦାବାଦର ଏହି ପୂର୍ବତନ ଛାତ୍ର ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ସମ୍ପ୍ରତି ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ଦେଶର ଅର୍ଥନୈତିକ ସ୍ଥିତିକୁ ବିଶ୍ଳେଷଣ କରିବା ସହ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ସଂସ୍କାର ଆଣିବା ଦିଗରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବାରେ ତାଙ୍କର ଭୂମିକା ରହିଛି।

**ତୁହିନ୍‌କାନ୍ତ ପାଣ୍ଡେ:** ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇଏଏସ୍ ଅଧିକାରୀ ତୁହିନ୍‌କାନ୍ତ ପାଣ୍ଡେ ନିକଟରେ ଫାଇନାନ୍ସ ଏବଂ ରେଭେନ୍ୟୁ ସେକ୍ରେଟେରି ଭାବେ ନିଯୁକ୍ତ ହୋଇଛନ୍ତି। ରାଜସ୍ୱ ବୃଦ୍ଧି ସହ ଟିକସ ବ୍ୟବସ୍ଥାକୁ ସରଳୀକରଣ କରିବାରେ ତାଙ୍କର ଭୂମିକା ରହିବ।

**ଅଜୟ ସେଠ:** ୧୯୮୭ ବ୍ୟାଚ୍ କର୍ନାଟକ କ୍ୟାଡରର ଏହି ଆଇଏଏସ୍ ଅଧିକାରୀ ସମ୍ପ୍ରତି ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ବଜେଟ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ସହ ଦେଶରେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବାରେ ତାଙ୍କର ଭୂମିକା ରହିବ।

**ମନୋଜ ଗୋବିଲ:** ୧୯୯୧ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ ମନୋଜ ଗୋବିଲ ଗତବର୍ଷ ଅଗଷ୍ଟରେ କେନ୍ଦ୍ର ସରକାରଙ୍କ ବ୍ୟୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ ଖର୍ଚ୍ଚ ପରିଚାଳନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ବ୍ୟୟ ବିଭାଗ ସଚିବ ଦାୟିତ୍ୱ ତୁଲାଇବା ପୂର୍ବରୁ ସେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

**ଏମ୍. ନାଗରାଜୁ:** ୧୯୯୩ ବ୍ୟାଚ୍ ତ୍ରିପୁରା କ୍ୟାଡରର ଏହି ଆଇଏଏସ୍ ଅଧିକାରୀ ସମ୍ପ୍ରତି ଅର୍ଥନୈତିକ ସେବା ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଫିନ୍‌ଟେକ କମ୍ପାନୀଗୁଡ଼ିକୁ ନିୟନ୍ତ୍ରଣ କରିବା ସହ ବୀମା କ୍ଷେତ୍ର ବିସ୍ତାରରେ ତାଙ୍କର ପ୍ରମୁଖ ଭୂମିକା ରହିବ।

**ଅରୁନୀଶ ଚାୱ୍‌ଲା:** ବିହାର କ୍ୟାଡରର ଏହି ଆଇଏଏସ୍ ଅଧିକାରୀ ସମ୍ପ୍ରତି ଡିଆଇପିଏଏମ୍‌ର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଦ୍ୱାରା ପରିଚାଳିତ ଅଣମୂଳ ସମ୍ପତ୍ତିର ମୂଲ୍ୟକୁ ଅନ୍‌ଲକ୍ କରାଇବାରେ ତାଙ୍କର ପାରଦର୍ଶିତା ରହିଛି।

## ଫୁରସତ୍

### କ୍ଷୁଦ୍ରଗ୍ରହ ଆବିଷ୍କାରକଲେ ୯ମ ଶ୍ରେଣୀ ଛାତ୍ର

#### ସ୍ୱୀକୃତି ଦେଲା ନାସା

ନଏଡା

ଉତ୍ତରପ୍ରଦେଶର ନଏଡାସ୍ଥିତ ଶିବ ନାଡର ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦକ୍ଷ ମଲିକ୍ (୧୪) ଏକ କ୍ଷୁଦ୍ରଗ୍ରହ (ଆଷ୍ଟେରଏଡ୍)ର ଆବିଷ୍କାର କରିଛନ୍ତି, ଯାହାକୁ ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ ସ୍ୱୀକୃତି ମିଳିଛି। ଏହାସହ ଦକ୍ଷ ଏହି କ୍ଷୁଦ୍ରଗ୍ରହର ନାମ ଦେବାକୁ ମଧ୍ୟ ସୁଯୋଗ ପାଇବେ। ସମ୍ପ୍ରତି ନାସା ଅସ୍ଥାୟୀ ଭାବରେ ଏହି କ୍ଷୁଦ୍ରଗ୍ରହର ନାମ '୨୦୨୩ଓଜି୪୦' ରଖିଛି।

ଦକ୍ଷଙ୍କ ଏହି ଆଷ୍ଟେରଏଡ ଆବିଷ୍କାରର ଯାତ୍ରା ଏକ ଇମେଲରୁ ଆରମ୍ଭ ହୋଇଥିଲା। ଦକ୍ଷ ଓ ତାଙ୍କର ୨ ସହପାଠୀଙ୍କୁ ସେମାନଙ୍କ ବିଦ୍ୟାଳୟର ଆଷ୍ଟ୍ରୋନୋମି କ୍ଲବ୍‌ରୁ ଏକ ଇମେଲ୍ ଆସିଥିଲା, ଯେଉଁଥିରେ ସେମାନେ ଅନ୍ତର୍ଜାତୀୟ କ୍ଷୁଦ୍ରଗ୍ରହ ଆବିଷ୍କାର ପ୍ରକଳ୍ପ (ଆଇଏଡିପି) ବିଷୟରେ ସୂଚନା ପାଇଥିଲେ। ଆଇଏଡିପି ହେଉଛି ନାସା ସହ ଜଡିତ ଏକ ବିଜ୍ଞାନ ଏବଂ ମହାକାଶ ସମ୍ବନ୍ଧୀୟ ପଦକ୍ଷେପ, ଯାହା ପୃଥିବୀର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରଙ୍କୁ କ୍ଷୁଦ୍ରଗ୍ରହ ଆବିଷ୍କାର କରିବାର ସୁଯୋଗ ଦେଇଥାଏ। ଦକ୍ଷ ଏବଂ ତାଙ୍କ ଟିମ୍ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସନ୍ଧାନ ସହଯୋଗ (ଆଇଏଏସ୍‌ସି)ରୁ ଡାଟାସେଟ୍ ଡାଉନଲୋଡ୍ କରିଥିଲେ। ଏହାପରେ ସେମାନେ ଆଷ୍ଟ୍ରୋନୋମି ସଫ୍ଟୱେର୍‌ର ସାହାଯ୍ୟ ନେଇ ଲାଇଟ୍ ଏମିଶନ ଓ ଅବ୍‌ଜେକ୍ଟ ମୁଭ୍‌ମେଣ୍ଟ ଉପରେ ଅଧ୍ୟୟନ କରିଥିଲେ। ଦକ୍ଷ ନିଜର ଏହି ଅଭିଜ୍ଞତାକୁ ମଜାଳିଆ ହୋଇଥିବା ବର୍ଣ୍ଣନା କରି କହିଛନ୍ତି, ଏହି କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ନାସାରେ କାର୍ଯ୍ୟ କରୁଥିବା ପରି ଅନୁଭବ ହୋଇଥିଲା। ସେ ପିଲାବେଳୁ ସର୍ବଦା ମହାକାଶ ଏବଂ ବ୍ରହ୍ମାଣ୍ଡ ପ୍ରତି ଆଗ୍ରହୀ ଥିଲେ ବୋଲି ଦକ୍ଷଙ୍କ ପରିବାର ଲୋକେ କହିଛନ୍ତି। ନ୍ୟାଶନାଲ୍ ଜିଓଗ୍ରାଫିକ୍‌ରେ ବିଭିନ୍ନ ଡକ୍ୟୁମେଣ୍ଟାରି ଦେଖି ସେ ବଡ ବଡ଼ ଗ୍ରହ ଓ ଗାଲାକ୍ସି ବିଷୟରେ ଜାଣିବାକୁ ପାଇଥିଲେ।


ପ୍ରତିବର୍ଷ ଆଇଏଡିପି ପ୍ରକଳ୍ପରେ ୬ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଛାତ୍ରୀଛାତ୍ର ଆଷ୍ଟେରଏଡ୍‌ର ଆବିଷ୍କାର କରିପାରନ୍ତି। ଦକ୍ଷଙ୍କ ପୂର୍ବରୁ କେବଳ ୫ ଜଣ ଭାରତୀୟ ଛାତ୍ରୀଛାତ୍ର ଏପରି କୀର୍ତ୍ତିମାନ ରଚିବାକୁ ସକ୍ଷମ ହୋଇଥିଲେ। ଆଷ୍ଟେରଏଡ୍‌ର ନାମକରଣକୁ ନେଇ ଏବେ ଦକ୍ଷ ଚିନ୍ତା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଉକ୍ତ ଆଷ୍ଟେରଏଡ୍ ପାଇଁ ୨ଟି ନାମ 'ଡେଷ୍ଟ୍ରୟର ଅଫ୍ ଦି ୱାର୍ଲ୍ଡ' ଓ 'କାଉଣ୍ଟଡାଉନ୍' ଭାବିଛନ୍ତି ବୋଲି ଦକ୍ଷ କହିଛନ୍ତି। ଆଗକୁ ନାସା ଦକ୍ଷଙ୍କ ଆବିଷ୍କାରର ଅନ୍ତିମ ଯାଞ୍ଚ କରିବ, ଯାହା ୪ରୁ ୫ ବର୍ଷ ସମୟ ନେଇପାରେ।




### ବଲିଉଡ୍‌ରେ ଡେବ୍ୟୁ କରିବେ ଇବ୍ରାହିମ

ମୁମ୍ବାଇ

ଅଭିନେତା ସୈଫ୍ ଅଲୀ ଖାନ୍ ଓ ତାଙ୍କ ପ୍ରଥମ ସ୍ତ୍ରୀ ଅମୃତା ସିଂଙ୍କ ପୁଅ ଇବ୍ରାହିମ ଅଲୀ ଖାନ୍ ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏନେଇ ଫିଲ୍ମ ନିର୍ମାତା କରନ ଜୋହର ସୋସିଆଲ ମିଡିଆରେ ଏକ ଭାବନାତ୍ମକ ପୋଷ୍ଟ କରି ସୂଚନା ଦେଇଛନ୍ତି। କରନଙ୍କ ପ୍ରଡକ୍ସନ ହାଉସ ଧର୍ମା ପ୍ରଡକ୍ସନର ଏକ ଫିଲ୍ମରେ ଇବ୍ରାହିମ ଡେବ୍ୟୁ କରିବେ। ଇବ୍ରାହିମଙ୍କ ଡେବ୍ୟୁ ନେଇ କରନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଛନ୍ତି, ପଟୌଦି ଅଲୀ ଖାନ୍ ପରିବାର ସହ ତାଙ୍କର ୪୦ ବର୍ଷର ପୁରୁଣା ସମ୍ପର୍କ ରହିଛି। ଉକ୍ତ ପରିବାରକୁ ସେ ବହୁ ସମ୍ମାନ କରନ୍ତି। ସେ ମାତ୍ର ୧୨ ବର୍ଷ ବୟସର ହୋଇଥିବାବେଳେ ଇବ୍ରାହିମଙ୍କ ମା' ଅମୃତାଙ୍କୁ ପ୍ରଥମଥର ପାଇଁ ଭେଟିଥିଲେ। ସେ ଧର୍ମା ପ୍ରଡକ୍ସନର ବ୍ୟାନରରେ ତାଙ୍କ ବାପାଙ୍କ ସହ ଅନେକ ଫିଲ୍ମରେ କାମ କରିଛନ୍ତି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, କ୍ୟାମେରା ସାମ୍ନାରେ ଅମୃତାଙ୍କର ସାମର୍ଥ୍ୟ ଅତ୍ୟନ୍ତ ଚମତ୍କାର ଥିଲା। ସେହିପରି ହିନ୍ଦୀ ଭାଷାରେ ପ୍ରଗାଢ଼ ଜ୍ଞାନ ଥିବାରୁ ଅମୃତା ଅତି ସହଜରେ ଏବଂ ଉଚ୍ଚୋକୋଟୀର ଭାବେ ଡାଏଲଗଗୁଡ଼ିକୁ ସମ୍ପାଦନ କରିପାରୁଥିଲେ। ଚଳଚ୍ଚିତ୍ର ପ୍ରତି ଆଗ୍ରହ ପଟୌଦି ଅଲୀ ଖାନ୍ ପରିବାରର ରକ୍ତ ଏବଂ ଡିଏନ୍‌ଏରେ ରହିଛି। ଏହି ପରିବାରର ଆଗାମୀ ପିଢ଼ି ଇବ୍ରାହିମ ଅଲୀ ଖାନ୍ ପଟୌଦୀ ଖୁବ୍‌ଶୀଘ୍ର ଧର୍ମା ପ୍ରଡକ୍ସନର ବ୍ୟାନରରେ ବଡ଼ ପରଦାରେ ନଜରକୁ ଆସିବା ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବେ। କରନଙ୍କ ଏହି ପୋଷ୍ଟରେ ବଲିଉଡ୍‌ର ଅନେକ ତାରକା କମେଣ୍ଟ କରି ଇବ୍ରାହିମଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଇବ୍ରାହିମ ଅଲୀ ଖାନ୍

# ଆଇଟିଡିଏ ପିଏଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଘରୁ ମିଳିଲା ୪.୫୧ ଲକ୍ଷ ନଗଦ ଟଙ୍କା

■ପୁରୀ, ଭୁବନେଶ୍ୱରରେ ୯ ବହୁମୂଲ୍ୟ ପ୍ଲଟ୍ ଠାବ

■ବ୍ୟାଙ୍କ ଓ ଜୀବନବୀମା ଜମା ୬୧.୪୨ ଲକ୍ଷ

ବଣାଇଁ,(ପ୍ରଦୀପ ତ୍ରିପାଠୀ)/ ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

ସୁନ୍ଦରଗଡ ଜିଲା ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର୍ (ପିଏ) ବିଶ୍ୱଦର୍ଶୀ ସାହୁ ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ବିଶ୍ୱଦର୍ଶୀଙ୍କ ଘର ସମେତ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଓ ବଣାଇଁର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବିଶ୍ୱଦର୍ଶୀଙ୍କ ଯାଜପୁର ଟାଉନସ୍ଥିତ ସମ୍ପର୍କୀୟଙ୍କ ଘର, ବଣାଇଁସ୍ଥିତ ସରକାରୀ କ୍ୱାର୍ଟର, ବଣାଇଁ ଆଇଟିଡିଏ ଅଫିସ, ବାଲେଶ୍ୱରସ୍ଥିତ ସୁକୁମାର ନାୟକ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.୩୦୨ ଆଦି ରହିଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ଟି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ବିଶ୍ୱଦର୍ଶୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ବିଶ୍ୱଦର୍ଶୀଙ୍କ ଭୁବନେଶ୍ୱର ଶ୍ରୀରାମନଗରସ୍ଥିତ ୩,୫୦୦ ବର୍ଗଫୁଟରେ ଥିବା ଦୁଇ ମହଲା ଆବାସିକ କୋଠା ଓ ଲକ୍ଷ୍ମୀସାଗରସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟର ୩ୟ ମହଲାରେ ଏକ ଫ୍ଲାଟ୍ ନଂ.୩୦୪ ଠାବ ହୋଇଛି। ସେହିପରି ଖାରବେଳନଗର ୟୁନିଟ-୩ସ୍ଥିତ ଇଭୋସ୍ ଗାଲାକ୍ସି ଆପାର୍ଟମେଣ୍ଟର ୪ର୍ଥ ମହଲାରେ ଥିବା ଫ୍ଲାଟ୍ ନଂ.୪୦୨ (ନିର୍ମାଣାଧୀନ) କିଣିବାକୁ ବିଶ୍ୱଦର୍ଶୀ ଅଗ୍ରିମ ୮୨ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ଏଥିସହ ଭୁବନେଶ୍ୱର ଓ ପୁରୀରେ ୯ଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଛି। ଏହାବ୍ୟତୀତ ବିଶ୍ୱଦର୍ଶୀଙ୍କ ଘର ଯାଞ୍ଚ ବେଳେ ନଗଦ ୪ ଲକ୍ଷ ୫୧ ହଜାର ଟଙ୍କା ମିଳିଛି। ସେହିପରି ବିଶ୍ୱଦର୍ଶୀ ବ୍ୟାଙ୍କ ଓ ଜୀବନବୀମା ଜମା ୬୧ ଲକ୍ଷ ୪୨ ହଜାର ୬୭୬ ଟଙ୍କା କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ତାଙ୍କ ଘରୁ ପ୍ରାୟ ୧୫୦ ଗ୍ରାମର ସୁନା ଅଳଙ୍କାର ମଧ୍ୟ ଠାବ ହୋଇଛି। ଏଥିସହ ଗୋଟିଏ ଚାରିଚକିଆ ଯାନ (ଫୋର୍ଡ ଫିଗୋ) ଓ ୪ଟି ଦୁଇ ଚକିଆ ଯାନ ଓ ୨୧.୧୪ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ବିଶ୍ୱଦର୍ଶୀଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଭିଜିଲାନ୍ସ ଏସଂକ୍ରାନ୍ତରେ ମାମଲା ରୁଜୁ କରି ବିଶ୍ୱଦର୍ଶୀଙ୍କୁ ଗିରଫ କରିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ବଣାଇଁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ (ପିଏ) ଭାବେ ବିଶ୍ୱଦର୍ଶୀ ୨୦୨୨ ମାର୍ଚ୍ଚରୁ କାମ କରୁଛନ୍ତି।



ଭୁବନେଶ୍ୱର ଶ୍ରୀରାମନଗରରେ ଥିବା ଦୁଇ ମହଲା ଆବାସିକ କୋଠା।



ବିଶ୍ୱଦର୍ଶୀ ସାହୁ

# ନିର୍ବନ୍ଧରେ ଯୁବତୀଙ୍କୁ ବିଷ ପିଆଇଦେଲେ

## ଯୁବକଙ୍କ ପ୍ରେମିକାଙ୍କୁ ଅଟକ ରଖିଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୩୦।୧(କଳ୍ପତରୁ ନାୟକ)

ପ୍ରେମିକଙ୍କ ସହିତ ଅନ୍ୟ ଜଣେ ଝିଅଙ୍କ ନିର୍ବନ୍ଧ(ସଗୁନ୍) ହେବା ଘଟଣାକୁ ସହ୍ୟ କରିପାରିଲେନି ପ୍ରେମିକା। ନିଜର ପ୍ରେମିକଙ୍କ ସହିତ ବିବାହ ସ୍ଥିର ହୋଇଥିବା ଯୁବତୀଙ୍କୁ ଥଣ୍ଡା ପାନୀୟରେ ବିଷ ମିଶାଇ ପିଆଇ ଦେଲେ। ବିଷମିଶା ପାନୀୟ ପିଇ ଯୁବତୀ ଜଣଙ୍କ ଗୁରୁତର ଅସୁସ୍ଥ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ପ୍ରେମିକା (ଯିଏକି ପୂର୍ବରୁ ବିବାହିତ)ଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ଖବର ଅନୁଯାୟୀ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡାମରପୁର ଗାଁର ଜନୈକ ବ୍ୟକ୍ତିଙ୍କ ଝିଅଙ୍କ ସହ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏସ୍.କେ. ସାହିଲଙ୍କ ବିବାହ ଠିକ୍ ହୋଇଥିଲା। ଗୁରୁବାର ନିର୍ବନ୍ଧ ବା ସଗୁନ୍ ଥିଲା। ଅପରାହ୍ନରେ ସଗୁନ୍ ନେଇ ଝିଅର ମା'ବାପା ପୁଅ ଘରକୁ ଯାଇଥିବାବେଳେ ଝିଅ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସାହିଲଙ୍କୁ ପୂର୍ବରୁ ଭଲ ପାଉଥିବା ଜଣେ ବିବାହିତ ମହିଳା ବାହା ହେବାକୁ ଥିବା ଯୁବତୀଙ୍କ ଘରେ ପହଞ୍ଚି ଏକ ଥଣ୍ଡା ବୋତଲରେ କୀଟନାଶକ ମିଶାଇ ତାଙ୍କୁ ଜୋର ଜବରଦସ୍ତ ପିଆଇ ଦେଇଥିଲେ। ଏହାକୁ ପିଇବା ପରେ ଯୁବତୀ ଜଣକ ଗୁରୁତର ଅସୁସ୍ଥ ହୋଇ ଚିତ୍କାର କରିଥିଲେ। ଏହା ଶୁଣି ପାଖ ପଡ଼ୋଶୀ ତାଙ୍କୁ ସଙ୍ଗେ ସଙ୍ଗେ ସଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନାଲ ହସ୍ପିଟାଲ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଗ୍ରାମବାସୀ ଥଣ୍ଡାରେ ବିଷ ମିଶାଇ ଦେଇଥିବା ମହିଳାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ହେପାଜତକୁ ନେଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସ୍ଥିତି ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୪୫/୨୦୨୫) ରୁଜୁହୋଇଛି।

# ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ୧୨ ଗିରଫ

ବରପାଲି,୩୦।୧(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ପୋଲିସ ଯୁକ୍ତ ୩ ତୃତୀୟ ସେମିଷ୍ଟର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ କରି ୧୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ମହାବିଦ୍ୟାଳୟର କିରାଣୀ ଆଲୋକ ସାହୁ ଏବଂ ୧୧ଜଣ ଛାତ୍ର ରହିଛନ୍ତି। ଗୁରୁବାର ଅପରାହ୍ନରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଗତ ୨୯ ତାରିଖରେ ବରପାଲି ମହାବିଦ୍ୟାଳୟରେ ଯୁକ୍ତ ୩ ତୃତୀୟ ସେମିଷ୍ଟର ପରୀକ୍ଷା ଚାଲିଥିଲା। ଏହି ସମୟରେ ସ୍କ୍ୱାଡ୍ ଟିମ୍ ଯାଞ୍ଚ କରୁଥିବା ବେଳେ କିଛିଜଣ ଛାତ୍ରଙ୍କ ନିକଟରେ ସମାନ ପ୍ରଶ୍ନପତ୍ର ଓ ଉତ୍ତରପତ୍ର ଥିବା ଦେଖିବାକୁ ପାଇଥିଲେ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ସୂଚନା ଦେବାରୁ ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶ ପରୀକ୍ଷା ହଲକୁ ଆସି ତଦାରଖ କରିବା ପରେ କିଛି ଛାତ୍ରଙ୍କ ପାଖରେ ସେଭଳି ପ୍ରଶ୍ନ ଓ ଉତ୍ତରପତ୍ର ଥିବା ଜଣାପଡିଥିଲା। ଉକ୍ତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସ୍ପଷ୍ଟ ହେବା ପରେ ଅଧ୍ୟକ୍ଷା ବୁଧବାର ଏ ନେଇ ବରପାଲି ଥାନାରେ ଏତଲା ଦେଇଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହ ଅଧିକ ଛାନ୍‌ଭିନ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ୨ ଶିକାରୀ ଗିରଫ, ବନ୍ଧୁକ ଜବତ

## କେନ୍ଦ୍ରୀୟ ବନାଞ୍ଚଳରେ ବନ ବିଭାଗ ଜୋରଦାର ପାଟ୍ରୋଲିଂ



ଗିରଫ ଦୁଇ ଅଭିଯୁକ୍ତ।

ଭଞ୍ଜନଗର,୩୦।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥପ୍ରସାଦ, ଗାଲେରି, ତାରସିଂ ରେଞ୍ଜ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ୟ ପ୍ରାଣୀ ଶିକାର ବଢୁଛି। ଏଥିସହ କାଠ ଚୋରି ମଧ୍ୟ ବଢୁଛି। ଏଥିଯୋଗୁ ଜନବସତିକୁ ବନ୍ୟପ୍ରାଣୀ ପଶି ଆସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଏହାକୁ ଗୁରୁତ୍ୱ ଦେଇ କେନ୍ଦ୍ରୀୟ ବନାଞ୍ଚଳ ପକ୍ଷରୁ ପାଟ୍ରୋଲିଂ ଓ ଚଢାଉ କରାଯାଉଛି। ବୁଧବାର ରାତିରେ ରେଞ୍ଜର ପୃଥ୍ୱୀରାଜ ପ୍ରଧାନ, ବନପାଳ ଜିନ ତ୍ରିପାଠୀ ଓ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଡୁମାକୁମ୍ପା ସେକ୍ସନର ତିଲିକି ଜଙ୍ଗଲ ଭାଗ-୪ ନିକଟରୁ ଦୁଇ ଜଣ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନେ ହେଲେ କାହ୍ନୁ ଗୌଡ ଏବଂ ଦନେଇ ପାତ୍ର। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଛୁରି ଏବଂ ଶିକାର ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନେ ବନ୍ଧୁକ ଧରି ଜଙ୍ଗଲ ଭିତରେ ବୁଧବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଉଦ୍ୟମ କରୁଥିବା ବେଳେ ପାଟ୍ରୋଲିଂ ଟିମ୍ ହାତରେ ଧରାପଡିଥିଲେ।

# ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ୩ ବର୍ଷ ସଶ୍ରମ ଜେଲଦଣ୍ଡ

## ଲାଞ୍ଚ ମାମଲା

ଢେଙ୍କାନାଳ/କଟକ,୩୦।୧ (ରତନ ନାୟାର/କାର୍ତ୍ତିକ ସାହୁ)

ଢେଙ୍କାନାଳ ସଦର ତହସିଲର ପୂର୍ବତନ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇଙ୍କୁ ଲାଞ୍ଚ ନେବା ମାମଲାରେ ଗୁରୁବାର ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ଶାହା ୩ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ଜଣାପଡିଛି ଯେ, ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରୁ କଟକ ଜିଲା ଆଠଗଡ଼ ଅଞ୍ଚଳକୁ ଟ୍ରାକ୍ଟରରେ ମାଙ୍କଡ଼ା ପଥର ନେଉଥିବା ବେଳେ ଢେଙ୍କାନାଳ ସଦର ଥାନା ସଦେଇବେରେଣୀ ଗ୍ରାମର ଦିଲୀପ କୁମାର ସେନାପତିଙ୍କ ଟ୍ରାକ୍ଟରରୁ ଟ୍ରାଞ୍ଜିଟ ପାସ ଥାଇ ମଧ୍ୟ ତତ୍କାଳୀନ ତହସିଲଦାର ଦଳେଇ ଧରିଥିଲେ । ଏଥିସହିତ ତାଙ୍କୁ ୩୦ହଜାର ଟଙ୍କା ମାସିକିଆ ବଟି ମାଗିଥିଲେ । ଏ ସଂକ୍ରାନ୍ତରେ ଦିଲୀପ କଟକ ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏହାକୁ ନେଇ କଟକ ଭିଜିଲାନ୍ସ ଥାନାରେ କେସ୍ ନଂ-୧/୧୮।୧।୨୧ରେ ଏକ ମାମଲା ରୁଜୁ ହୋଇଥିଲା । ଗତ ୧୯।୧।୨୦୨୧ରେ ଢେଙ୍କାନାଳ ସହର ଦୋଳମଣ୍ଡପ ସାହିରେ ତତ୍କାଳୀନ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ତାଙ୍କ ଭଡ଼ାଘରେ ଦିଲୀପଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ । ଏହି ମାମଲାର ଟିଆର କେସ୍ ନଂ-୧/୨୨ର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ଶାହା ଅଭିଯୁକ୍ତ ଅତିରିକ୍ତ ତହସିଲଦାର ଦଳେଇଙ୍କୁ ୬ଜଣ ସାକ୍ଷ୍ୟ ପ୍ରମାଣ ଓ କାଗଜାଦ୍‌କୁ ଭିତ୍ତିକରି ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ କୁମାର ଖଟୁଆ ପରିଚାଳନା କରୁଥିଲେ । ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଲକ୍ଷ୍ମଣ ଦଳେଇ ଅନୁଗୋଳ ଜିଲା କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଥିବା ବେଳେ ୨୦୨୨ ମେ' ମାସରେ ଅବସର ଗ୍ରହଣ କରିଛନ୍ତି ।

# ବନ୍ଧୁକ ଦେଖାଇ ଆର୍‌ଆଇଙ୍କୁ ଲୁଟିଲେ

କରଞ୍ଜିଆ,୩୦।୧(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ପାଟବିଲ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟରୁ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଅଫିସରେ ପଶି ଆର୍‌ଆଇ ନିରୁପମା ନାଏକଙ୍କୁ ବନ୍ଧୁକ ଦେଖାଇ ସୁନାହାର, କାନଫୁଲ ଓ ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଆର୍‌ଆଇ ନାଏକ ଅଫିସରେ କାର୍ଯ୍ୟରତ ଥିବା ସମୟରେ ୨ ମୁଖା ପିନ୍ଧା ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସେମାନେ ଆର୍‌ଆଇଙ୍କଠାରୁ ସୁନାହାର, କାନଫୁଲ, ମୋବାଇଲ ଓ ଖଜଣା ବାବଦରେ ଆଦାୟ ହୋଇଥିବା ୭୦୦ ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ। ଲୁଟ୍ ପରେ ଆର୍‌ଆଇ ନାଏକ ନିକଟସ୍ଥ ପାଟବିଲ ଛକକୁ ଆସି ଜଣେ ବ୍ୟକ୍ତିଙ୍କ ମୋବାଇଲରୁ କରଞ୍ଜିଆ ତହସିଲଦାରଙ୍କୁ ଜଣାଇଥିଲେ। ଭାରପ୍ରାପ୍ତ ତହସିଲଦାର ବେଦବ୍ୟାସ ଭୋଇ ଓ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆର୍‌ଆଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି।

# ଡକାୟତି ଯୋଜନା ପଣ୍ଡକଲା ପୋଲିସ

■୫ ଅଭିଯୁକ୍ତ ଗିରଫ

■ବନ୍ଧୁକ, ମାରଣାସ୍ତ୍ର ଜବତ

ଯୋଡା, ୩୦।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ସହରରେ ଏକ ବଡଧରଣର ଡକାୟତି ଯୋଜନା ପଣ୍ଡ ହୋଇଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ୩ ଛୁରି ଓ ଗୋଟିଏ ଫାର୍ସା ଜବତ ହୋଇଛି।

ଯୋଡା ଆଇଆଇସି ଲୋକେଶ ସାହୁଙ୍କ ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଯୋଡା ସହରର ଆଜାଦ ବସ୍ତି ନିକଟ ଲକ୍ଷ୍ମୀପଡିଆଠାରେ ଉକ୍ତ ଯୁବକମାନେ ସହରର ବିଭିନ୍ନ ଘରୁ ସୁନାଗହଣା ଚୋରି କରିବା, ସୁନା ଦୋକାନ ଓ ବ୍ୟାଙ୍କରେ ଡକାୟତି କରିବାକୁ ଯୋଜନା ଚଳାଇଥିବା ବେଳେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ଯୋଡା ସହିଦନଗର ଉଲି ହଟିଂର ଜୟୀ ମୁଣ୍ଡା, ବାଚୁ ହାଟିଂର ଜଲିନ ଚାତାର, ଜିତୁ ଖାନ, ଆଜାଦ ବସ୍ତିର ସତ୍ୟମ ଗୌଡଙ୍କ ସମେତ ଜଣେ ୧୭ ବର୍ଷର ନାବାଳକ । ଏନେଇ ଯୋଡା ଥାନାରେ କେସ୍ ନଂ. ୧୯/୨୫ ଦଫା ୩୧୦(୪), ୩୧୦(୫), ବିଏନ୍‌ଏସ୍ ଓ ୨୫, ୨୬ ଆର୍ମସ ଆକ୍ଟ ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସାହୁ ସୂଚନା ଦେଇଛନ୍ତି।



ଗିରଫ ୫ ଅଭିଯୁକ୍ତ।

# ମା'ବାପାଙ୍କୁ ନିଶାଦେଇ ନାବାଳିକା ଫେରାର

ରସୁଲପୁର,୩୦।୧(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତର ଜଣେ ନାବାଳିକା ତାଙ୍କ ମା'ବାପାଙ୍କୁ ଖାଇବାରେ ନିଶା ଦେଇ ଫେରାର ହୋଇ ଯାଇଛନ୍ତି। ନିଶା ପ୍ରଭାବରେ ଦମ୍ପତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଛି। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ନାବାଳିକା ଜଣକ ବୁଧବାର ରାତିରେ ଖାଇବାରେ ନିଶା ମିଶାଇ ଦେଇଥିଲେ। ନିଶାଯୁକ୍ତ ଖାଦ୍ୟ ଖାଇ ତାଙ୍କ ମା'ବାପା ଶୋଇପଡ଼ିଥିଲେ। ଏହି ସୁଯୋଗରେ ନାବାଳିକା ଜଣକ ଘରୁ ଫେରାର ହୋଇଯାଇଥିଲେ। ଗଲାବେଳେ ସେ ସାଙ୍ଗରେ ୨୫ହଜାର ଟଙ୍କା ସହ ସୁନା ଅଳଙ୍କାର ନେଇ ଯାଇଥିବା ଜଣାଯାଇଛି। ତେବେ ନାବାଳିକାଜଣକ ନିଶା ବଟିକା କେଉଁଠୁ ଆଣିଲେ, ଏହି ବଟିକା କିଣିବା ପଛରେ ଆଉ କାହାର ସହଯୋଗ ରହିଛି କି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଶା ବଟିକା କ୍ରୟ ହୋଇଥିବା ଦୋକାନ ଓ ବିନା ଡାକ୍ତରୀ ଚିଠାରେ କିଭଳି ଏହି ବଟିକା ବିକ୍ରି କରାଗଲା ସେ ସବୁ ଦିଗକୁ ନେଇ ତଦନ୍ତ କରାଗଲେ ସତ୍ୟାସତ୍ୟ ପ୍ରଘଟ ହୋଇପାରିବ ବୋଲି କୁହାଯାଉଛି। ଏନେଇ କୁଆଖିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ତେବେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଥିଲା ହାତ ସଲସଲ**
**ନ ଥିଲା ହାତ କଲବଲ ।**

ହାତରେ ଅର୍ଥ ବା ଧନ ଥିଲେ ସବୁକିଛି ହାସଲ କରାଯାଇପାରେ। କିନ୍ତୁ ଧନ ସରିଗଲେ ବା ନ ଥିଲେ ବ୍ୟକ୍ତିର ବ୍ୟସ୍ତତା ବହୁ ପରିମାଣରେ ବଢ଼ି ଯାଉଥିବାର ଦେଖିବାକୁ ମିଳିଥାଏ। ତେଣୁ ଅର୍ଥ ହିଁ ସବୁକିଛି ହୋଇଥିବାବେଳେ ଅଭାବରୁ ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଥଲ ଥଲିଆ ଦହି**
**ଥନ୍ତଲ ପେଟୀ ଖାଇ ଦଉଚି**
**ଚାହୁଁଛି ଥାକୁଲି ମୁହିଁ ।**

କଥାରେ ଅଛି ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା। ଖାଇବା ଲୋକ ସବୁ ଖାଇଯାଉଥିବା ବେଳେ ଚାହିଁବା ଲୋକ କେବଳ ଚାହିଁ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୩୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩୦।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ୩ ଲକ୍ଷ ପୁରସ୍କାର ଘୋଷିତ ୩ ଓ ନାରାୟଣପୁର ଜିଲା ପୋଲିସ ନିକଟରେ ୨୯ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ ପୋଲିସ ଦ୍ୱାରା ଚାଲିଥିବା ଘରକୁ ଫେରିଆସ ଅଭିଯାନରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୨ ଲକ୍ଷ ପୁରସ୍କାର ଘୋଷିତ ତେଲନାର ଏଲ୍‌ଓଏସ୍ ସଦସ୍ୟା ରାମବତୀ କୁଞ୍ଜାମ, ଦରଭା ଡିଭିଜନ ସଦସ୍ୟ ୧ ଲକ୍ଷ ପୁରସ୍କାର ଘୋଷିତ ମାସେ ମାଡବି ଓ ଜନତାନା ସରକାର ଅଧ୍ୟକ୍ଷ ଦେବା ଓରଫ ନରେଶ ରହିଛନ୍ତି। ଏହି ୩ ଜଣଙ୍କୁ ଛତିଶଗଡ଼ ପୋଲିସ ତରଫରୁ ୨୫ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏମାନଙ୍କୁ ପ୍ରତିମାସରେ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏଥିସହ ୩ ବର୍ଷ ପର୍ଯ୍ୟନ୍ତ ମାଗଣା ଆବାସ, ଭୋଜନ ସୁବିଧା ସହ ଆତ୍ମନିର୍ଭରଶୀଳ ଓ କୃଷି ସମ୍ବନ୍ଧୀୟ ଜମି ପ୍ରଦାନ କରାଯିବ ।

ସେହିପରି ଛତିଶଗଡ଼ ନାରାୟଣପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨୨ ପୁରୁଷ ଓ ୭ ମହିଳା ଅଛନ୍ତି। ଏମାନେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ବେଳେ ପୋଲିସର କଡ଼ା ସୁରକ୍ଷା ଓ ମାଓବାଦୀ ସଂଗଠନରେ ନିର୍ଯାତନାକୁ ସହି ନ ପାରିବା, ନିରୀହ ଆଦିବାସୀଙ୍କୁ ହତ୍ୟା କରୁଥିବାରୁ ଏମାନେ ସଂଗଠନ ଛାଡ଼ିଥିବା କହିଛନ୍ତି। ତେବେ ଏମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ୩୪.୫ ଲକ୍ଷ ନେଇଗଲେ

## ସାଇବର ଗ୍ୟାଙ୍ଗ୍ କବଳରେ ଶିକ୍ଷକ ଦମ୍ପତି

ବ୍ରହ୍ମପୁର,୩୦।୧(ସୁବାସଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ଥାନା ଅଞ୍ଚଳରେ ରହୁଥିବା ଏକ ଶିକ୍ଷକ ଦମ୍ପତି ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ଗ୍ୟାଙ୍ଗ ସେମାନଙ୍କୁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ୩୪ଲକ୍ଷ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଶିକ୍ଷୟିତ୍ରୀ ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ବୁଧବାର ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି।

ଶିକ୍ଷୟିତ୍ରୀଙ୍କ ଅଭିଯୋଗରୁ ଜଣାପଡ଼ିଛି ଯେ, ତାଙ୍କ ସ୍ୱାମୀଙ୍କ ମୋବାଇଲ ଫୋନ୍‌କୁ ଗତ ୨୦ ତାରିଖରେ ଏକ ଅଜଣା କଲ ଆସିଥିଲା। ବ୍ୟକ୍ତି ଜଣକ ନିଜକୁ ଟ୍ରାଇର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ଦୁଇ ଘଣ୍ଟା ମଧ୍ୟରେ ସିମ୍ ବନ୍ଦ ହୋଇଯିବ ବୋଲି କହିଥିଲେ। ସ୍ୱାମୀଙ୍କ ଆଧାର ନମ୍ବର ସହ ଉକ୍ତ ଫୋନ ନମ୍ବର ଯୋଡ଼ି ହୋଇଛି। ତାଙ୍କ ନାମରେ ୨କୋଟି ୩୮ ଲକ୍ଷ ଟଙ୍କାର ଏକ ମନି ଲଣ୍ଡରିଂ ମାମଲା ମହାରାଷ୍ଟ୍ରର କୋଲାବ ଥାନାରେ ରୁଜୁ ହୋଇଛି; ଯାହାର ଆରେଷ୍ଟ ୱାରେଣ୍ଟ ବାହାରିସାରିଛି ବୋଲି ବ୍ୟକ୍ତି ଜଣକ କହିଥିଲେ। ଶିକ୍ଷକଙ୍କ ପରେ ଶିକ୍ଷୟିତ୍ରୀ ଉକ୍ତ ବ୍ୟକ୍ତିଙ୍କ ସହ କଥା ହେବାରୁ ହ୍ୱାଟ୍ସଆପରେ ୪ଟି ନମ୍ବର ଯୋଗେ ଭିଡିଓ କଲ ମାଧ୍ୟମରେ ଯୋଡି ହେବାକୁ ସାଇବର ଠକ ତାଙ୍କୁ କହିଥିଲେ। ସେ ଉକ୍ତ ନମ୍ବରକୁ କଲ କରିବା ବେଳେ ସେମାନେ ନିଜକୁ ପୋଲିସ ଅଫିସର, ସୁପ୍ରିମକୋର୍ଟ ଜଜ୍ ଭାବେ ପରିଚୟ ଦେଇଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସମସ୍ତ ଟଙ୍କା ରିଜର୍ଭ ବ୍ୟାଙ୍କକୁ ଟ୍ରାନ୍ସଫର ହେବ। ଘଟଣାର ତଦନ୍ତ ପରେ ସେ ସମସ୍ତ ଟଙ୍କା ଫେରିପାଇବେ ବୋଲି କହିଥିଲେ। ଟଙ୍କା ଜମା ନ କଲେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରାଯିବ ବୋଲି ସେମାନେ କହିଥିଲେ। ଏଥିରେ ଭୟଭୀତ ହୋଇ ଶିକ୍ଷୟିତ୍ରୀ ଜଣକ ଅଙ୍କୁଶପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରୁ ଗତ ୨୧ ତାରିଖରେ ୩୦ ଲକ୍ଷ ଟଙ୍କା ମଧ୍ୟପ୍ରଦେଶର ବିଥେଲ ମିଶନ ସ୍କୁଲକୁ ଟ୍ରାନ୍ସଫର କରିଥିଲେ। ପୁଣି ୨୨ ତାରିଖରେ ବ୍ରହ୍ମପୁର ବିଜିପୁରଠାରେ ଥିବା ଷ୍ଟେଟବ୍ୟାଙ୍କରୁ ୪ ଲକ୍ଷ ୫୦ ହଜାର ଟଙ୍କା ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟକୁ ଆରଟିଜିଏସ କରିଥିଲେ। ଏହାପରେ ବି ସାଇବର ଠକମାନେ ଦମ୍ପତିଙ୍କୁ ବାରମ୍ବାର ଫୋନ କରି ଭୟଭୀତ କରିବାରେ ଲାଗିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜଣକ ଅଙ୍କୁଶପୁର ଷ୍ଟେଟବ୍ୟାଙ୍କ ଶାଖାକୁ ଯାଇ ଏନେଇ ମ୍ୟାନେଜରଙ୍କ ସହ ଆଲୋଚନା କରିଥିଲେ। ସାଇବର ଠକଙ୍କ ଶିକାର ହୋଇଥିବା ଜାଣିବା ପରେ ଶିକ୍ଷୟିତ୍ରୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୧୨/୨୫ରେ ମାମଲା ରୁଜୁ କର ତଦନ୍ତ ଆରମ୍ଭ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାର ସମ୍ମାନ ରଖିଲେ ରାଜେଶ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

କଟକର ଡ୍ରିମ୍ସ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଓ ସର୍ଭିସେସ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଓଡ଼ିଶାର ସ୍ପେଶାଲିଷ୍ଟ ବ୍ୟାଟରମାନେ ବିଫଳ ହୋଇଥିବାବେଳେ ଦ୍ରୁତ ବୋଲର ରାଜେଶ ମହାନ୍ତି ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ସମ୍ମାନ ରଖିଛନ୍ତି। ଫଳରେ ଓଡ଼ିଶା ପ୍ରଥମ ଇନିଂସରେ ୧୮୦ ରନ କରିବାକୁ ସକ୍ଷମ ହୋଇଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ସର୍ଭିସେସ ୨ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଛି। ସୂରଜ

## ରଣ୍‌ଜୀ ଟ୍ରଫି

ବଶିଷ୍ଟ ୨୪ ଓ ଶୁଭମ୍ ରୋହିଲା ୧୩ ରନକରି ଆଉଟ ହୋଇଥିବାବେଳେ ରବି ଚୌହାନ ୪୦ ଓ ଅର୍ଜ୍ଜୁନ ଶର୍ମା ୭ ରନରେ ଅପରାଜିତ ରହିଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ସର୍ଭିସେସ୍ ଆଉ ୯୫ ରନରେ ପଛୁଆ ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୧୯ ରନରେ ୨ଟି ଓ ୨୯ ରନରେ ତୃତୀୟ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସ୍ୱସ୍ତିକ ସାମଲ ୯ ଓ ଗୋବିନ୍ଦ ପୋଦ୍ଦାର ୭ ରନ କରିଥିବାବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଖାତା ଖୋଲି ପାରି ନ ଥିଲେ। ମିଡିଲ ଅର୍ଡର ବ୍ୟାଟରମାନେ ମଧ୍ୟ ସର୍ଭିସେସ୍ ବୋଲରଙ୍କୁ ମୁକାବିଲାରେ ବିଫଳ ହୋଇଥିଲେ। ରାଜେଶ ଧୂପର ୧୬, ଅନିଲ ପରିଡ଼ା ୮ ଓ କାର୍ତ୍ତିକ ବିଶ୍ୱାଳ ଡକ୍ (୦)ରେ ଆଉଟ ହେବାରୁ ୯୨ ରନ ମଧ୍ୟରେ ଦଳର ୭ ଉଇକେଟ ପଡ଼ି ଯାଇଥିଲା। ଏପରି ସ୍ଥିତିରେ ଚାପର ବଶବର୍ତ୍ତୀ ନ ହୋଇ ରାଜେଶ ମହାନ୍ତି ଖେଳିଥିଲେ ଅର୍ଦ୍ଧଶତକୀୟ ଇନିଂସ। ସେ ୬୧ ବଲ୍‌ରୁ ୬୦ ରନ କରିବାରୁ ଓଡ଼ିଶା ସ୍କୋର ୧୫୦ ଅତିକ୍ରମ କରିବା ସମ୍ଭବ ହୋଇଥିଲା। ନିଜ ଇନିଂସ ମଧ୍ୟରେ ରାଜେଶ ୮ ଚୌକା ଓ ୪ ଛକା ମାରିଥିଲେ। ଆଶୀର୍ବାଦ ସ୍ୱାଇଁ ଦ୍ୱିତୀୟ ସର୍ବାଧିକ ୨୮ ରନ ସ୍କୋର କରିଥିଲେ। ସର୍ଭିସେସ ବୋଲରଙ୍କ ମଧ୍ୟରେ ପୁନମ୍ ପୁନିଆ ୪ଟି, ଜୟନ୍ତ ଗୋୟତ ୩ଟି ଏବଂ ବରୁଣ ଚୌଧାରୀ ଓ ଅମିତ ଶୁକ୍ଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ଓଡ଼ିଶାର ଅନିଲ ପରିଡ଼ା ରଣ୍‌ଜୀ ଟ୍ରଫି ଡେବ୍ୟୁ କରିଥିଲେ।


ରାଜେଶ ମହାନ୍ତି

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ ୧୮୦/ଅଲଆଉଟ (ରାଜେଶ ମହାନ୍ତି-୬୦, ଆଶୀର୍ବାଦ ସ୍ୱାଇଁ-୨୮, ପୁନମ ପୁନିଆ-୪/୩୩, ଜୟନ୍ତ ଗୋୟତ-୩/୩୩, ବରୁଣ ଚୌଧାରୀ-୧/୩୦, ଅମିତ ଶୁକ୍ଲା -୧/୧୪)। ସର୍ଭିସେସ୍ ପ୍ରଥମ ଇନିଂସ: ୮୫/୨)।

# ଡି. ଗୁକେଶ ଏକକ ଅଗ୍ରଣୀ

**ୱିଜ୍ ଆନ୍ ଜୀ, ୩୦।୧ (ପି.ଟି.):** ବିଶ୍ୱ ଚାମ୍ପିୟନ ତଥା ଭାରତର ଡି. ଗୁକେଶ ଏଠାରେ ଚାଲିଥିବା ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟର ୧୦ମ ରାଉଣ୍ଡରେ ଡଚ୍ ଗ୍ରାଣ୍ଡମାଷ୍ଟର ମାକ୍ସ ୱାର୍ମରଡାମ୍‌ଙ୍କୁ ହରାଇ ଦେଇଛନ୍ତି। ଏଥିସହିତ ସେ ୧୦ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ୭.୫ ପଏଣ୍ଟ ଅର୍ଜନ କରି ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗୁକେଶଙ୍କ ପାଇଁ ଥିଲା ଏହା ଏକ ଘଟଣାବହୁଳ ଦିବସ। ବର୍ତ୍ତମାନ ସେ ୨୮୦୦ ରେଟିଂ ପଏଣ୍ଟର ନିକଟତର ହୋଇଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଗେମ୍ କିଛି ସମୟ ବରାବର ସ୍ଥିତିରେ ରହିଥିଲା। ମାତ୍ର ୱାର୍ମରଡାମ୍ ଲାଇନ୍ ମିସ୍ କରିବାରୁ କଳାଦାନରେ ଖେଳସୁଦ୍ଧା ଗୁକେଶ ଏଥିରେ ସହଜ ବିଜୟ ହାସଲ କରିଥିଲେ। ଗୁକେଶ ୩୪ ମୁଭରେ ଏହି ଗେମ୍ ଜିତିଥିଲେ। ସର୍ବକନିଷ୍ଠ ବିଶ୍ୱଚାମ୍ପିୟନ ଗୁକେଶ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନର ନୋଦିରବେକ୍ ଆବଦୁସାତ୍ତୋରୋଭଙ୍କଠାରୁ ଅଧା ପଏଣ୍ଟ ଆଗରେ ରହିଛନ୍ତି। ୬.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିବା ଆର୍. ପ୍ରଜ୍ଞାନନ୍ଦ ଶେଷରେ ସ୍ଲୋଭେନିଆର ଭ୍ଲାଦିମିର ଫିଦୋସିଭ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅର୍ଜୁନ ଏରିଗାସି ଜର୍ମାନୀର ଭିନ୍‌ସେଣ୍ଟ କେମରଙ୍କ ବିପକ୍ଷରେ ତାଙ୍କ ଗେମ୍ ଡ୍ର ରଖିଛନ୍ତି।

# ସାମ୍‌ସନଙ୍କୁ ନେଇ ଚିନ୍ତା

**ପୁଣେ, ୩୦।୧ (ପି.ଟି.)**

ଶୁକ୍ରବାର ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବାକୁ ଥିବାବେଳେ ସଞ୍ଜୁ ସାମ୍‌ସନ ଓ ରିଙ୍କୁ ସିଂଙ୍କ ପ୍ରଦର୍ଶନ ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଅଧିକ ସ୍ପିଡ୍ ବଲ୍‌କୁ ସାମ୍ନା କରିବା କ୍ଷେତ୍ରରେ ସାମ୍‌ସନଙ୍କ ନିକଟରେ ବୈଷୟିକ ଦୁର୍ବଳତା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ରିଙ୍କୁ ସିଂଙ୍କ ଫର୍ମ ଓ ଫିଟ୍‌ନେସ୍‌କୁ ନେଇ ଦଳ ଚିନ୍ତିତ ଅଛି। ୫ ମ୍ୟାଚ ବିଶିଷ୍ଟ ସିରିଜରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ କୋଲକାତା ଓ ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଦୁଇଟି ଗେମ୍‌ରେ ବିଜୟ ହାସଲ କରିଛି। ରାଜକୋଟଠାରେ ଅନୁଷ୍ଠିତ ତୃତୀୟ ଗେମ୍‌ରେ ଭାରତ ପରାଜିତ ହୋଇଛି। ଶୁକ୍ରବାର ମ୍ୟାଚ ଜିତିପାରିଲେ ଫେବୃଆରୀ ୨ରେ ମୁମ୍ବାଇରେ ଫାଇନାଲ ଗେମ୍ ପୂର୍ବରୁ ଦଳ ଆଗୁଆ ସିରିଜ କବ୍‌ଜା କରିପାରିବ। କେରଳର ସାମ୍‌ସନ ଜଣେ ଦକ୍ଷ

## ଭାରତ-ଇଂଲଣ୍ଡ ୪ର୍ଥ ଟି୨୦ ଆଜି

କିପର-ବ୍ୟାଟର। ଚଳିତ ସିରିଜ ପୂର୍ବରୁ ଅନ୍ତର୍ଜାତୀୟ ଟି୨୦ ସିଜନ ଆରମ୍ଭରେ ସେ ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତିନୋଟି ଶତକ ହାସଲ କରିଛନ୍ତି। ଚଳିତ ସିରିଜରେ ସେ ଯଥାକ୍ରମେ ୨୬, ୫ ଓ ୩ ରନ କରିଛନ୍ତି। ଟି୨୦ କ୍ରିକେଟରେ ଏହି ସଂଖ୍ୟାକୁ ନେଇ ସେତେଟା ଚିନ୍ତା କରାଯାଏ ନାହିଁ। କାରଣ ଏହି ଫର୍ମାଟରେ ଖେଳାଳିଙ୍କୁ ରିସ୍କ ନେବାକୁ ପଡ଼ିଥାଏ। ତେବେ ବ୍ୟାଟର ଜଣକ କେଉଁ ଭଳି ଷ୍ଟ୍ରୋକ୍ ଖେଳୁଛନ୍ତି ତାହା ଉପରେ ନଜର ରଖାଯାଇଥାଏ। ସାମ୍‌ସନଙ୍କ କ୍ଷେତ୍ରରେ ଦେଖା ଦେଇଛି ଘଣ୍ଟାପ୍ରତି ୧୪୫ କି.ମି.ରୁ ଊର୍ଦ୍ଧ୍ୱ ବେଗରେ ବୋଲିଂ କରୁଥିବା ବୋଲରଙ୍କୁ ସାମ୍ନା କରିବା ସହଜ ହେଉ ନାହିଁ। ବାଂଲାଦେଶ ବିପକ୍ଷ ଘରୋଇ ସିରିଜରେ ସେ ତସ୍କିନ ଅହମଦ, ତାନଜିମ ହସନ ଶକିବ ଏବଂ ଦକ୍ଷିଣ ଆଫ୍ରିକାରେ ସେ ଆଣ୍ଡିଲ ସିମେଲେନ ଓ ଲୁଥୋ ସାପାମ୍ଲାଙ୍କ ଭଳି ବୋଲରଙ୍କୁ ସାମ୍ନା କରିଛନ୍ତି। ଏମାନଙ୍କ ବୋଲିଂର ବେଗ ଘଣ୍ଟାପ୍ରତି ୧୩୦ରୁ ୧୪୦ କି.ମି.। ତେବେ ଇଂଲଣ୍ଡର ଜୋଫ୍ରା ଆର୍ଚ୍ଚର ଓ ମାର୍କ ଉଡ୍ ଘଣ୍ଟାପ୍ରତି ୧୪୫ରୁ ଆରମ୍ଭ କରି ୧୫୫ କି.ମି. ବେଗରେ ବୋଲିଂ କରୁଛନ୍ତି। ଉଭୟେ ସାମ୍‌ସନଙ୍କ ପ୍ରତି ସମସ୍ୟା ସୃଷ୍ଟି କରୁଛନ୍ତି। ସାମ୍‌ସନ ହେଉଛନ୍ତି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଅନ୍ୟତମ ଫେଭରିଟ ଖେଳାଳି। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ସାମ୍‌ସନଙ୍କ ବୈଷୟିକ ତ୍ରୁଟି ସଜାଡ଼ିବାକୁ ଚେଷ୍ଟା କରିବେ ଉଭୟ ଗମ୍ଭୀର ଓ ନୂଆ ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ୍। ରିଙ୍କୁ ସିଂଙ୍କ ପିଠି ମାଂସପେଶୀରେ ସମସ୍ୟା ଦେଖାଦେବାରୁ ତାଙ୍କୁ ପ୍ରଥମ ଦୁଇଟି ମ୍ୟାଚରୁ ବାଦ୍ ଦେଇ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନିଆଯାଇଥିଲା। ମାତ୍ର ତାଙ୍କଠାରୁ ସୁଫଳ ମିଳିନାହିଁ।


ସଞ୍ଜୁ ସାମ୍‌ସନ

# ଥାଇଲାଣ୍ଡ ଓପନ ମାଷ୍ଟର୍ସ ଗେମ୍ସରେ ଭାରତକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ପଞ୍ଚମ ଥାଇଲାଣ୍ଡ ଓପନ ମାଷ୍ଟର୍ସ ଗେମ୍ସର ଗେଟ୍‌ବଲ ଇଭେଣ୍ଟ ପଥୁମଥାନିଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ଗେଟବଲ ୟୁନିୟନ ପ୍ରତିଯୋଗିତାର ତିନୋଟି ବର୍ଗରେ ଭାଗ ନେଇଥିଲା। ପାଞ୍ଚ ଜଣିଆ ବର୍ଗରେ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇଥିଲା। ସତୀଶ ପୃଷ୍ଟି (ଅଧିନାୟକ), ଗିରିଜା ଭଞ୍ଜ, ସଞ୍ଜୟ ପଟ୍ଟନାୟକ, ସମରେନ୍ଦ୍ର ମହାରଣା, ରଞ୍ଜନ ମିଶ୍ର, ବିକାଶ ପଟ୍ଟନାୟକ ଦଳର ସଦସ୍ୟ ଥିଲେ। ଟ୍ରିପଲ୍ସ ପ୍ରତିଯୋଗିତାରେ ଦଳ ବ୍ରୋଞ୍ଜ ପ୍ରଦକ ହାସଲ କରିଛି। ଇଣ୍ଡିଆନ ଗେଟବଲ ୟୁନିୟନ (ଇଣ୍ଡିଆ-ସି) ପକ୍ଷରୁ ସଞ୍ଜୟ ପଟ୍ଟନାୟକ (ଅଧିନାୟକ), ସମରେନ୍ଦ୍ର ମହାରଣା ଓ ବିକାଶ ପଟ୍ଟନାୟକଙ୍କୁ ନେଇ ଗଠିତ ଦଳ ଥାଇଲାଣ୍ଡକୁ ୧୫-୧୨ରେ ହରାଇ ଏହି ସଫଳତା ପାଇଛି। ଡବଲ୍ସ ପ୍ରତିଯୋଗିତାରେ ଦଳ ଚତୁର୍ଥ ସ୍ଥାନରେ ରହିଥିଲା। ପ୍ରତିଯୋଗିତାରେ ଭାରତ ସମେତ ଚାଇନା, ହଂକଂ, ତାଇୱାନ, ଇଣ୍ଡୋନେସିଆ, ମକାଉ, ପାକିସ୍ତାନ, ଥାଇଲାଣ୍ଡ ଆଦି ଦେଶ ଅଂଶଗ୍ରହଣ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ବାସଭବନଠାରେ ଭାରତୀୟ ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି।


ପଞ୍ଚମ ଥାଇଲାଣ୍ଡ ଓପନ ମାଷ୍ଟର୍ସ ଗେମ୍ସର ଗେଟ୍‌ବଲ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳ।

# ବକ୍ସିଂରୁ ଅବସର ନେଲେ ମନୋଜ କୁମାର

**ନୂଆଦିଲ୍ଲୀ, ୩୦।୧ (ପି.ଟି.):** ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟୀ ବକ୍ସର ମନୋଜ କୁମାର ଗୁରୁବାର ବକ୍ସିଂରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଭାରତରେ ଲାଇଟ୍ ୱେଲଟରୱେଟ୍ (୬୪କେଜି)ରେ ତାଙ୍କର ଆଧିପତ୍ୟ ଥିଲା। ସେ କୋଚିଂ କ୍ୟାରିୟର ଆରମ୍ଭ କରିବେ ବୋଲି କହିଛନ୍ତି। ୩୯ ବର୍ଷୀୟ ମନୋଜ ତାଙ୍କର ପ୍ରଥମ ତଥା ଏକମାତ୍ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ୨୦୧୦ ଦିଲ୍ଲୀ ଗେମ୍ସରେ ଜିତିଥିଲେ। ସେ ଆହୁରି ମଧ୍ୟ ଦୁଇଥର ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା। ସେ ତାଙ୍କ ଦ୍ୱିତୀୟ ତଥା ଶେଷ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପଦକ ୨୦୧୮ ଗୋଲ୍ଡକୋଷ୍ଟ ଗେମ୍ସରେ ଜିତିଥିଲେ। ମନୋଜ ଆହୁରି ମଧ୍ୟ ଦୁଇଥର ଅଲିମ୍ପିଆନ। ସେ ୨୦୧୨ ଲଣ୍ଡନ ଏବଂ ୨୦୧୬ ରିଓ ଡି ଜେନିରୋ ଗେମ୍ସରେ ଭାଗ ନେଇଥିଲେ। ଉଭୟ ସଂସ୍କରଣରେ ସେ ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଥିଲେ।

# ଓଡ଼ିଶା ସଚିବାଳୟ ଦଳ ଚୟନ ୯ରେ

**ଭୁବନେଶ୍ୱର, ୩୦।୧ (ବିଜୟ ରଣା):** ଆସନ୍ତା ମାର୍ଚ୍ଚ ୧୭ରୁ ୨୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଚେସ୍ ପ୍ରତିଯୋଗିତା ଗୋଆରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ସଚିବାଳୟ ଦଳ ଚୟନ ଫେବୃଆରୀ ୯ (ରବିବାର) ସକାଳ ୯ଟାରେ ୟୁନିଟ-୨ସ୍ଥିତ ସ୍ଥାନୀୟ ରାଜ୍ୟ ସଚିବାଳୟ ରିକ୍ରେସନ କ୍ଲବରେ ଅନୁଷ୍ଠିତ ହେବ। ଏଥିରେ ଅନ୍ୟୂନ ୬ ମାସ ଚାକିରି ବିତେଇଥିବା ନିୟମିତ କର୍ମଚାରୀମାନେ ଭାଗ ନେଇପାରିବେ। ଇଚ୍ଛୁକ କର୍ମଚାରୀମାନେ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ବିଭାଗୀୟ ପରିଚୟପତ୍ରର ନକଲ ସହ ପାସପୋର୍ଟ ଫଟୋ ଏବଂ ନିଜ ବିଭାଗରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ସଙ୍ଗରେ ଆଣି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ଚେସ୍ ସଂଘର ସାଧାରଣ ସମ୍ପାଦକ ନୀଳମଣି ପାତ୍ର ଅନୁରୋଧ କରିଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) । Contact- 8917622925 D-2762

1BHK ready to move in flats available in Hi-Tech Brundaban project near Batamangala Temple, Puri Town. 9439368599, 8249877810 D-2764

11700 sqft. Gharabari land sale at Pitapalli, NH Side - 7008634668. D-76234

(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452. D-76411

Plot for sale. Ward No.-2, Kabisuryanagar. Contact: 9916023875, 9338283431. D-2741

3/4 BHK Two Stored building for sale at-Jagatpur, Cuttack- Ph No.- 7008321705. D-2656

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

GENERAL
SALE

For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222. D-75591




Positively benefited spa by expert female therapist, Nayapalli. 7846814019 D-76190

AFFIDAVIT

By virtue of affidavit sworn before Executive Magistrate, Bhubaneswar, CF No.-80 dated 07.12.2024 I, SUNIL KUMAR PATRA, Address- House No-07, Anand Harmony Villa, Kanan Vihar Ph-II, P.O.- Patia, P.S.- Infocity, Bhubaneswar, Dist.- Khordha, Odisha declare that I have changed my son's name from SAI KRISHNA to SAI KRISHNA PATRA. Henceforth, he shall be known as SAI KRISHNA PATRA for all purposes.
SUNIL KUMAR PATRA D-2755

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit SL. No.49 dtd- 27.01.2025 in the Court of the Executive Magistrate, Odapada, Dhenkanal, I, Sulochana Das have made my word's actual name Nisit Ranjan Das (date of birth- 03.11.2007) & nick name Rahul Das (date of birth-08.04.2006) to 03.11.2007 as Nisit Ranjan Das and Rahul Das born on dt- 03.11.2007, S/o- Bankanidhi Das is one & same person. Hence the affidavit is required to be produced for any official purposes.
Sd./- Sulochana Das D-75487


By virtue of an affidavit sworn before Executive Magistrate, Darpan, Jajpur by AF.No.-204, dated 16.01.2025, I, Sri PRABHAKAR ROUT, At-Soral, P.O.- Balichandrapur, P.S.- Mahanga, Dist.-Jajpur, Pin-754205 declare that I have changed my name from Paramananda Rout to Prabhakar Rout. Henceforth, I shall be known as Prabhakar Rout. D-2761

By virtue of an affidavit sworn before the Executive Magistrate, Rajnagar, dated-27.01.2025. I RASMITA BARIK, Address- At-Dighi, P.O.- Iswarpur, P.S.-Rajnagar, Dist.-Kendrapara, PIN-754248, Odisha declare that I have changed my daughter's name from ROJOLIN BARIK to LISARANI BARIK. Henceforth, she shall be known as LISARANI BARIK for all purposes.
RASMITA BARIK D-2760

By before the Executive Magistrate, Puri, I, Hemanta Kumar Naik, S/o- Gangadhar Naik, At- Bali Sahi, P.O.- Puri, P.S.- Sea Beach, Dist.- Puri, Odisha declare by this affidavit Sl. No.-446, dated- 30.01.2025 Hemanta Kumar Naik, but in my Aadhaar Card my name and date of birth has been wrongly mentioned as Hemanta Kumar Nayak and 02.04.1967, That my name Hemanta Kumar Naik and date of birth 02.01.1967 for all future purposes. D-2763

## ମନେ ପଡ଼ନ୍ତି

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱ କୃଷ୍ଣଚନ୍ଦ୍ର ପୁଷ୍ପାଳକ
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪ (କାର୍ତ୍ତିକ ବଡ଼ ଏକାଦଶୀ)
ତିରୋଧାନ: ୦୫।୦୨।୨୦୧୧ (ମାଘ ତୃତୀୟା)
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟ ପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ।
ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ ଓ ନାତି ନାତୁଣୀ
ଧ-୨୬୯୪


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖେଳରତ୍ନ ଗୁକେଶ ଓ ଓଡ଼ିଶା ସହ ସମ୍ପର୍କ



ସତ୍ୟରଞ୍ଜନ ପଟ୍ଟନାୟକ


ବିଶ୍ୱ ଚେସ୍‌ରେ ନୂଆ ଚାମ୍ପିୟନ ଭାରତର ଡି. ଗୁକେଶଙ୍କ ଶୃଙ୍ଖଳିତ ଚରିତ୍ର ଓ ଚାଇନା ପ୍ରତିଦ୍ୱନ୍ଦ୍ୱୀ ଡିଙ୍ଗ୍ ଲିରେନଙ୍କ ସହ ହୋଇଥିବା ୧୪ ଗେମ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ଆଲେଖ୍ୟର ପ୍ରଥମ ଭାଗରେ 'ଶୃଙ୍ଖଳାର ଶ୍ରେଷ୍ଠ ନିଦର୍ଶନ ଗୁକେଶ' ଶୀର୍ଷକରେ ପ୍ରକାଶ ପାଇସାରିଛି। ଦ୍ୱିତୀୟ ତଥା ଅନ୍ତିମ ଭାଗରେ ଗୁକେଶଙ୍କ ଦୃଢ଼ ମନୋବଳ, ବଡ଼ ମୁକାବିଲା ପାଇଁ ପ୍ରସ୍ତୁତି, ଖେଳରତ୍ନ ପୁରସ୍କାର ଏବଂ ଓଡ଼ିଶା ସହ ସମ୍ପର୍କ ଆଦି ସ୍ଥାନ ପାଇଛି...

## ବିଶ୍ୱ ଚାମ୍ପିୟନ ପୂର୍ବରୁ

ବର୍ଷକ ତଳେ ନିଜ ହୋମ ଗ୍ରାଉଣ୍ଡରେ ଚେନ୍ନାଇ ମାଷ୍ଟର୍ସ ଓପନରେ ଜିତିବାପରେ କାନାଡ଼ାର ଟରଣ୍ଟୋଠାରେ ଅନୁଷ୍ଠିତ ବିଶ୍ୱ କ୍ୟାଣ୍ଡିଡେଟ ଚେସ୍ ପ୍ରତିଯୋଗିତାରେ ସମସ୍ତ ବରିଷ୍ଠ ଓ ଦକ୍ଷ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲେ ଡି. ଗୁକେଶ। ୭ ବର୍ଷରୁ ଖେଳ ଜୀବନ ଆରମ୍ଭ କରିଥିବା ଏହି ଚେସ୍ ପ୍ରତିଭା ମାତ୍ର ୧୦ ବର୍ଷ ମଧ୍ୟରେ ୧୭ ବର୍ଷରେ ବିଶ୍ୱର ସର୍ବକନିଷ୍ଠ କ୍ୟାଣ୍ଡିଡେଟ ଚାମ୍ପିୟନ ହେବା ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏ କ୍ଷେତ୍ରରେ ସେ ୪୦ ବର୍ଷ ତଳେ ରୁଷିଆର କିମ୍ବଦନ୍ତୀ ଗ୍ରାଣ୍ଡମାଷ୍ଟର ତଥା ୧୩ଶ ବିଶ୍ୱ ଚାମ୍ପିୟନ ଗ୍ୟାରୀ କାସ୍ପାରୋଭଙ୍କ ରେକର୍ଡକୁ ଭାଙ୍ଗିଥିଲେ। ବିଶ୍ୱର ଶ୍ରେଷ୍ଠ ୮ ନାମୀ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ଏହି ଖେଳରେ ୬ଷ୍ଠ ସିଡ୍‌ର ମାନ୍ୟତା ପାଇଥିଲେ ହେଁ ଗୁକେଶ ନିଜର ଦୃଢ଼ ଆତ୍ମବିଶ୍ୱାସ ଏବଂ ବିଶ୍ୱ ଚାମ୍ପିୟନ ହେବାର ଭୋକ ଯୋଗୁ ସଫଳତା ପାଇଥିଲେ। ଏପରିକି ସେ ଉକ୍ତ ଖେଳରେ ଭାରତରୁ ଭାଗ ନେଇଥିବା ବିସ୍ମୟ ବାଳକ ଆର. ପ୍ରଜ୍ଞାନନ୍ଦ ଓ ଉଦୀୟମାନ ଭିଦିତ ଗୁଜୁରାଟିଙ୍କଠାରୁ ମଧ୍ୟ ରେଟିଂରେ କମ୍ ଥିଲେ। ତେବେ ସେ ଭାଗ ନେଇଥିବା ବିଶ୍ୱର ଶକ୍ତିଶାଳୀ ଦେଶ ଆମେରିକା, ରୁଷିଆ, ଇଟାଲୀ ଓ ଫ୍ରାନ୍ସର ବହୁ ଉଚ୍ଚମାନ୍ୟତାପ୍ରାପ୍ତ ଖେଳାଳି ଯଥା ଫାବିନୋ କାରୁଆନା, ହିକାରୁ ନାକାମୁରା, ଗତବର୍ଷର ଚ୍ୟାଲେଞ୍ଜର ଇଆନ ନେପୋମନିଆଚି ଓ ଅଲିରେଜା ଫିରୋଉଜାଙ୍କୁ ମଧ୍ୟ ପଛରେ ପକାଇ ଦେଇଥିଲେ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗୁକେଶ ଆମେରିକାର ଉଚ୍ଚ ମାନ୍ୟତାପ୍ରାପ୍ତ ହିକାରୁ ନାକାମୁରାଙ୍କ ସହ ଦୀର୍ଘ ୫ ଘଣ୍ଟାର କଡ଼ା ସଂଘର୍ଷ ଓ ୭୧ ଚାଲ୍ ପରେ ଡ୍ର କରି ଅପ୍ରତ୍ୟାଶିତ ଭାବେ ଚାମ୍ପିୟନ ହେବା ସହ ୧୭ତମ ବିଶ୍ୱ ଚେସ୍ ଚାମ୍ପିୟନ ଡିଙ୍ଗ୍ ଲିରେନଙ୍କ ବିପକ୍ଷରେ ଚ୍ୟାଲେଞ୍ଜର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଯାହାକି ଅବିଶ୍ୱସନୀୟ ଓ ଅବିସ୍ମରଣୀୟ ଥିଲା।

## ପ୍ରସ୍ତୁତି, ସାହାଯ୍ୟ, ସହଯୋଗ

ଗୁରୁତ୍ୱପୂର୍ଣ୍ଣ କ୍ୟାଣ୍ଡିଡେଟ ଚାମ୍ପିୟନ ହେବାପରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଖେଳିବା ପାଇଁ ମାତ୍ର ୭ ମାସ ସମୟ ଥିଲା। ଜଣେ ଶ୍ରେଷ୍ଠ କୋଚ୍, ଭଲ ପ୍ରଶିକ୍ଷକ ଦଳ ସହ ଦକ୍ଷ ମନୋବିଜ୍ଞାନୀଙ୍କ ଆବଶ୍ୟକତା ଓ ଆର୍ଥିକ ସମସ୍ୟା ମଧ୍ୟ ରହିଥିଲା। ମାତ୍ର ସୌଭାଗ୍ୟ ବଶତଃ ଗୁକେଶଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ୱେଷ୍ଟ ବ୍ରିଜ୍ କ୍ୟାପିଟାଲର ସହ ପ୍ରତିଷ୍ଠାତା ସନ୍ଦୀପ ସିଙ୍ଘଲ ସହଯୋଗର ହାତ ବଢ଼ାଇଥିଲେ। ଆନନ୍ଦ ଚେସ୍ ଏକାଡେମୀରେ ୨୦୨୧ରୁ ପ୍ରଶିକ୍ଷଣରତ ଗୁକେଶଙ୍କୁ ସେ ଚାହୁଁଥିବା ମୁଖ୍ୟ ପ୍ରଶିକ୍ଷକ, ୭ ଜଣିଆ କୋଚ୍ ଟିମ୍ ସହ ଦେଶର ଶ୍ରେଷ୍ଠ କ୍ରୀଡ଼ା ମନୋବିଜ୍ଞାନୀଙ୍କ ସହ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଇ ତାଙ୍କ ବିଶ୍ୱ ଚାମ୍ପିୟନ ହେବାର ମୂଳଦୁଆ ପକାଇଥିଲେ ସନ୍ଦୀପ ସିଙ୍ଘାଲ। ଯାହାକି କ୍ରିକେଟ ବହୁଳ ଦେଶରେ ଚେସ୍‌କୁ ବହୁତ ବଡ଼ ପ୍ରୋତ୍ସାହନ ଥିଲା। ପରିଶ୍ରମକୁ ଭଲ ପାଉଥିବା ଗୁକେଶ ଏହାପରେ ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ନିରନ୍ତର ଓ ନିରବଚ୍ଛିନ୍ନ ଭାବେ କଠିନ ପରିଶ୍ରମ ପୂର୍ବକ ୧୦ରୁ ୧୨ ଘଣ୍ଟା ଦିନକୁ ପରିଶ୍ରମ କରୁଥିବାବେଳେ ୫ ଥର ବିଶ୍ୱ ଚେସ୍ ଚାମ୍ପିୟନ ତଥା ଭାରତର ଲିଭିଂ ଲିଜେଣ୍ଡ କିମ୍ବଦନ୍ତୀ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କୁ ନିଜର ମେଣ୍ଟର ଭାବେ ପାଇଥିଲେ। ବଡ଼ କୌତୂହଳର କଥା ୨୦୧୩ ରେ ଯେତେବେଳେ ଚେନ୍ନାଇରେ ଆନନ୍ଦ ଓ ନରୱେର ମାଗ୍ନସ କାର୍ଲସେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ପ୍ରତିଯୋଗିତା ହେଉଥିଲା ସେ ସମୟରେ ୭ ବର୍ଷୀୟ ବାଳକ ଗୁକେଶ ନିଜ ପିଲା ବେଳର ଆଦର୍ଶ ଆନନ୍ଦଙ୍କୁ କାଚଘର ବାହାରେ ଗ୍ୟାଲେରିରେ ବସି ଦେଖୁଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଡି. ଗୁକେଶ।

ମେଣ୍ଟର ଆନନ୍ଦଙ୍କୁ ସେ ସମୟରେ ମୁଖ୍ୟ କୋଚ୍ ଭାବେ ସହଯୋଗ କରୁଥିବା ଗାଜେୱସ୍କିଙ୍କୁ ଗୁକେଶ କୋଚିଂ ଟିମ୍‌ର ମୁଖ୍ୟ ଟ୍ରେନର ରଖିବାପରେ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ପୂର୍ବତନ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନ ପି. ହରିକ୍ରିଷ୍ଣା, ବିଶ୍ୱର ଅନ୍ୟତମ ଟପ୍ ଗ୍ରାଣ୍ଡମାଷ୍ଟର ଡୁଡା ଓ ବିନିତଙ୍କ ସହ ମୋଟ ୭ ଜଣ ସହଯୋଗୀ ଗୁକେଶଙ୍କୁ ବିଭିନ୍ନ ରାଉଣ୍ଡ ତଥା କଳା ଓ ଧଳା ପାଇଁ ସ୍ୱତନ୍ତ୍ର ଭାବେ ରଣନୀତି ପ୍ରସ୍ତୁତ କରିଥିଲେ। ଚେସ୍ ବୋର୍ଡର ଯୁଦ୍ଧ କ୍ଷେତ୍ରରେ ବହୁ ଆଗରେ ଥିବା ଚାଇନା ଖେଳାଳିଙ୍କ ବିପକ୍ଷରେ ସମସ୍ତ ସମ୍ଭାବ୍ୟ ଆକ୍ରମଣ, ପ୍ରତିଆକ୍ରମଣ, ନୂଆ ଚାଲ୍, ଡ୍ର ରଖିବାର କୌଶଳ ଓ ଦୃଢ଼ ଡିଫେନ୍ସ ଉପରେ ବିଶ୍ଳେଷଣ କରି ଗୁକେଶଙ୍କୁ ମହତ୍ତ୍ୱପୂର୍ଣ୍ଣ ସହଯୋଗ କରୁଥିଲେ। ସେହିପରି ୨୦୧୧ ଭାରତୀୟ କ୍ରିକେଟ ବିଶ୍ୱକପ ବିଜୟୀ ଦଳ ଓ ଗତବର୍ଷ ଅଲିମ୍ପିକ୍ସ ହକିରେ ବ୍ରୋଞ୍ଜ ପଦକ ବିଜୟୀ ଦଳର ମନୋବିଜ୍ଞାନୀ ଥିବା ଜଣାଶୁଣା ସଫଳ କ୍ରୀଡ଼ା ମନସ୍ତତ୍ତ୍ୱବିତ୍ ପ୍ୟାଡି ଅପଟନ ମଧ୍ୟ ଗୁକେଶଙ୍କୁ ଚାପ ସମୟରେ ସ୍ଥିର ରହିବାର କଳା ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ରାଉଣ୍ଡ ପୂର୍ବରୁ ସେ ଗୁକେଶଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ପ୍ରଦାନ କରୁଥିଲେ।

ଏହି ୭ ମାସ ମଧ୍ୟରେ ନିଜର ଓପନିଂ (ଖେଳର ପ୍ରାରମ୍ଭ)ରେ ଥିବା ଅନେକ ତ୍ରୁଟି ସୁଧାରିବା ସହ ବହୁତ ସମୟ ପ୍ରାକ୍ଟିସରେ ଦେଉଥିଲେ। ବିଶେଷ କରି ୧୪ ଗେମ୍ ପରେ ଯଦି ଟାଇବ୍ରେକର ଖେଳ ହୁଏ ତା' ପାଇଁ ମଧ୍ୟ ରାପିଡ ଓ ବ୍ଲିଜ୍‌ରେ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ। କାରଣ ସାରା ବିଶ୍ୱରେ ଡିଙ୍ଗ୍ ଲିରେନ ନିଜର ରାପିଡ ଓ ବ୍ଲିଜ୍ ଗେମ୍‌ରେ ବେଶ୍ ଧୁରନ୍ଧର ଥିଲେ ଓ ବହୁ ଉଚ୍ଚ ମାନ୍ୟତାପ୍ରାପ୍ତ ଥିଲେ ଏଲୋ ରେଟିଂରେ। ଏହି ୭ ମାସ ମଧ୍ୟରେ ଗୁକେଶ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ଭାଗନେଇ ପ୍ରଥମ ଟେବୁଲରେ ପ୍ରଥମ ବୋର୍ଡରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିବା ସହ ଭାରତକୁ ଚେସ୍ ଅଲିମ୍ପିଆଡ୍‌ର ପୁରୁଷ ବିଭାଗରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୌତୂହଳପ୍ରଦ କଥା ହେଲା ସେତେବେଳେ ଚାଇନା ମଧ୍ୟ ଟପ୍ ବୋର୍ଡରେ ଖେଳୁଥିଲେ ହେଁ ଗୁକେଶଙ୍କ ବିପକ୍ଷରେ ଲିରେନଙ୍କୁ ଖେଳାଇ ନ ଥିଲା। କାରଣ ଲିରେନଙ୍କ ରଣନୀତି ଗୁକେଶ ଜାଣିଯିବେ ବୋଲି ଚାଇନାର ଭୟ ଥିଲା। ୨୦୧୩ରେ ଆନନ୍ଦଙ୍କ ପରାଜୟକୁ ପାଖରୁ ଦେଖି ମ୍ରିୟମାଣ ହୋଇ ପଡ଼ିଥିବା ଗୁକେଶ ସେତେବେଳେ ଚାମ୍ପିୟନ ହେବା ପାଇଁ ଶପଥ ନେଇଥିଲେ। ୧୧ ବର୍ଷ ପରେ ନିଜ ଗୁରୁ ତଥା ମେଣ୍ଟର ଆନନ୍ଦଙ୍କ ୫୫ତମ ଜନ୍ମତିଥିରେ ବିଶ୍ୱ ବିଜୟୀ ହୋଇ ଶ୍ରେଷ୍ଠ ଉପହାର ଦେଇଥିଲେ।

## ଓଡ଼ିଶା ଓ ଓଡ଼ିଆଙ୍କ ସହ ଗୁକେଶ

ଡୋମାରାଜୁ ଗୁକେଶ ବାଲ୍ୟାବସ୍ଥାରେ ୧୦ ବର୍ଷ ବୟସରେ ଭୁବନେଶ୍ୱରରେ ୨୦୧୬, ୨୦୧୭ ଓ ୨୦୧୮ ମସିହାରେ କିଟ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍‌ରେ ଭାଗ ନେଇଥିଲେ। ଏଥିରେ ସେ ରାଜ୍ୟ ଚାମ୍ପିୟନ ଉତ୍କଳ ରଞ୍ଜନ ସାହୁଙ୍କଠାରୁ ହାରିଥିବାବେଳେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଓ ବୈଭବ ମିଶ୍ରଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ସେହିପରି ୪ର୍ଥ କେଶବାନନ୍ଦ ଦାସ ସ୍ମାରକୀ ଚେସ୍‌ରେ ୧୦ ରାଉଣ୍ଡ ଖେଳରେ ୫.୫ ପଏଣ୍ଟ ପାଇ ୧୦୮ ଖେଳାଳିଙ୍କ ମଧ୍ୟରେ ୪୯ତମ ସ୍ଥାନ ହାସଲ କରିଥିଲେ। ସେତେବେଳେ ସେ ୟାଶିତା ରାଉତ ଓ ରାଜେଶ ନାୟକଙ୍କୁ ପରାସ୍ତ କରିଥିଲେ। ତାଙ୍କ ଖେଳରେ ଉତ୍ସାହିତ ହୋଇ ଖୋର୍ଦ୍ଧା ଜିଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଏହି ଅବସରରେ ତାଙ୍କ ଦ୍ୱାରା ଲିଖିତ ଅନେକ ଚେସ୍ ପୁସ୍ତକ ତାଙ୍କୁ ଉପହାର ଦେଇଥିଲେ। ୨୦୧୬ରେ ଅନୁଷ୍ଠିତ ଜାତୀୟ ୧୫ ବର୍ଷରୁ କମ୍ ଚେସ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ରାକେଶ ଜେନାଙ୍କଠାରୁ ଗୁକେଶ ପରାସ୍ତ ହୋଇଥିଲେ। ୪୪ତମ ଚେସ୍ ଅଲିମ୍ପିଆଡ୍‌ପରେ ପୂର୍ବତନ ସର୍ବଭାରତୀୟ ଚେସ୍ ମହାସଂଘ ଯୁଗ୍ମ ସମ୍ପାଦକ ତଥା ବର୍ତ୍ତମାନର ଇଭେଣ୍ଟ କମିଟି ସଦସ୍ୟ ବରିଷ୍ଠ ଆୟକର ଅଧିକାରୀ ରଞ୍ଜନ ମହାନ୍ତି ଓଡ଼ିଶା ସଂସ୍କୃତିର ସ୍ମାରକୀଭାବେ ଗୁକେଶଙ୍କୁ ସମ୍ବଲପୁରୀ ବସ୍ତ୍ର ଉପହାର ଦେଇଥିଲେ।



୧୧ ବର୍ଷରୁ କମ୍ ଚେସ୍ ଅବସରରେ ଆରୁଷୀ ଶ୍ରୀଚନ୍ଦନ, ଡି. ଗୁକେଶ ଓ ପି. ସାଇରୂପା।

## ବର୍ତ୍ତମାନର ଲକ୍ଷ୍ୟ

ସଫଳତାର ଶୀର୍ଷରେ ପହଞ୍ଚିବା ସହଜ କିନ୍ତୁ ତାକୁ ବଜାୟ ରଖିବା ଓ ବହୁ ଦିନଧରି ଶୀର୍ଷରେ ତିଷ୍ଠି ରହିବା ନିହାତି କଷ୍ଟକର। ମାତ୍ର ଗୁକେଶଙ୍କର ପ୍ରଥମ ଲକ୍ଷ୍ୟ ଦୀର୍ଘଦିନଧରି ଚେସ୍ ଖେଳିବା, ଚେସ୍‌କୁ ଭଲ ପାଇବା ଏବଂ ଶୀର୍ଷସ୍ଥାନ ବଜାୟ ରଖିବା। ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ଖେଳାଳି କାର୍ଲସେନ ଯେଉଁ ସ୍ତରରେ ରହିଛନ୍ତି ମୁଁ ସେଠାରେ ପହଞ୍ଚିବାକୁ ଚାହେଁ, ମୁଁ ଏବେ କ୍ୟାରିୟର ଆରମ୍ଭ କରିଛି ମାତ୍ର ବୋଲି ସେ ପ୍ରକାଶ କରିଛନ୍ତି।

## ଶୁଭେଚ୍ଛା ଅଭିନନ୍ଦନର ସୁଅ

ବିଶ୍ୱ ବିଜୟ ମୁକୁଟ ପିନ୍ଧିବାପରେ ଗୁକେଶଙ୍କ ପ୍ରଶଂସା ଓ ଶୁଭେଚ୍ଛା ବାର୍ତ୍ତାରେ ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମ ଶତମୁଖ ହୋଇ ପଡ଼ିଥିଲେ। ସାଧାରଣ ଜନତାଠାରୁ ଆରମ୍ଭ କରି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇବାରେ ଆଗରେ ରହିଥିଲେ। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ଭାରତକୁ ତୁମେ ଚେସ୍ ମହାଶକ୍ତିଭାବେ ପ୍ରମାଣିତ କରିଛ। ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର କହିଥିଲେ ଯେ, ୬୪ ଘର ଖେଳର ତୁମେ ଅସୀମ ସମ୍ଭାବନାର ଏକ ନୂଆ ଦୁନିଆ ଖୋଲି ଦେଇଛ। ଅନେକ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କ ସହ କିମ୍ବଦନ୍ତୀ ଅଭିନେତା ରଜନିକାନ୍ତ, ଗୁଗଲ ସିଇଓ ସୁନ୍ଦର ପିଚାଇ, ରାଜନେତା ରାହୁଲ ଗାନ୍ଧି, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ଭୂୟସୀ ପ୍ରଶଂସା କରିଥିଲେ। ଏପରିକି ଗୁକେଶ ଆନ୍ଧ୍ରର ନା ତାମିଲନାଡୁର ତାହାକୁ ନେଇ ବିତର୍କ ଆରମ୍ଭ ହୋଇ ଯାଇଥିଲା। ଗୁକେଶଙ୍କ ପାଇଁ ଚେନ୍ନାଇ ଗ୍ଲୋବାଲ ଚେସ୍ କ୍ୟାପିଟାଲ ବୋଲି ଷ୍ଟାଲିନ କହିଥିବାବେଳେ ଚନ୍ଦ୍ରବାବୁ ନାଇଡୁ କହିଥିଲେ ଯେ, ଗୁକେଶଙ୍କ ପାଇଁ ଆନ୍ଧ୍ର ଗର୍ବିତ।

## ଖେଳ ଷ୍ଟାଇଲ

ଗୁକେଶ ଖେଳିବାବେଳେ ବହୁତ କମ୍ ଭୁଲ କରିଥାନ୍ତି। ଟାଇମ୍ ପ୍ରେସରରେ ସେ ଭଲ ଖେଳନ୍ତି। କୌଣସି ପରିସ୍ଥିତିରେ ଶାନ୍ତ ରହିବାର କଳା ତାଙ୍କୁ ବେଶ୍ ଜଣା। ବିଚକ୍ଷଣ ଗଣନା ଶକ୍ତି ବଳରେ ଆଗକୁ କେଉଁ ଚାଲ୍ ଆସିବାକୁ ଅଛି ତାହା ସେ ଜାଣିପାରିଥାନ୍ତି। ଗଭୀର ଈଶ୍ୱର ବିଶ୍ୱାସୀ ଓ କର୍ତ୍ତବ୍ୟନିଷ୍ଠ। ଜଟିଳ ପରିସ୍ଥିତିରେ ଯେତେବେଳେ ଅନ୍ୟ ଖେଳାଳିଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୁଏ ସେତେବେଳେ ସେ ଥଣ୍ଡା ମିଜାଜରେ ଖେଳିଥାନ୍ତି। ସେ ଏବେ ପରବର୍ତ୍ତୀ ପିଢ଼ିର ପ୍ରେରଣା ପାଲଟି ଯାଇଛନ୍ତି। ସେଥିପାଇଁ ଭାରତ ସରକାର ତାଙ୍କୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଗତ ଜାନୁଆରୀ ୧୭ରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

---

# ଅନେକ ପ୍ରଥମର ଅଧିକାରିଣୀ

ରାଜ୍ୟ କ୍ରୀଡ଼ା ମହଲରେ 'ଗୁଡି' ନାମରେ ବିଶେଷ ପରିଚିତ ସୁଦୀପ୍ତା ଦାଶ ମ୍ୟାଚ ଅଫିସିଆଲଭାବେ ଅନେକ ପ୍ରଥମର ଅଧିକାରିଣୀ ହୋଇଛନ୍ତି। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଫୁଟବଲ ରେଫରି। ଏବେ ସେ ନିଜ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସରଭାବେ ଜାତୀୟ କ୍ରୀଡ଼ାରେ ଦାୟିତ୍ୱ ନିର୍ବାହ କରୁଛନ୍ତି। –ପ୍ରସ୍ତୁତି: ତପନ ସ୍ୱାଇଁ

ସୁଦୀପ୍ତା ଦାଶ। କେବଳ ଓଡ଼ିଶା କାହିଁକି ଭାରତୀୟ ମହିଳା ଫୁଟବଲରେ ଏବେ ଏକ ପରିଚିତ ନାମ। ଓଡ଼ିଶାରେ ମହିଳା ଫୁଟବଲ ପ୍ରସଙ୍ଗ ଉଠିଲେ ଖେଳାଳି ଓ କୋଚ୍‌ଭାବେ ଅନେକ ପ୍ରଥମର ଅଧିକାରିଣୀ ହେବାର ସୌଭାଗ୍ୟଲାଭ କରିଛନ୍ତି ଦୁଇ ସାମନ୍ତରାୟ ଭଗିନୀ ଗୀତାଞ୍ଜଳି ଓ ଶ୍ରଦ୍ଧାଞ୍ଜଳି। ଏହି କ୍ଲବରେ ଯୋଡ଼ି ହୋଇ ଯାଇଛନ୍ତି ସୁଦୀପ୍ତା। ରାଜ୍ୟ କ୍ରୀଡ଼ା ମହଲରେ 'ଗୁଡି' ନାମରେ ବିଶେଷ ପରିଚିତ ସୁଦୀପ୍ତା ମ୍ୟାଚ ଅଫିସିଆଲଭାବେ ଏବେ ଅନେକ ପ୍ରଥମର ଅଧିକାରିଣୀ। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଫୁଟବଲ ରେଫରି। ଏବେ ସେ ନିଜ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ରାଜ୍ୟକୁ ଗର୍ବିତ କରିଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସରଭାବେ ତାଙ୍କୁ ଜାତୀୟ କ୍ରୀଡ଼ାରେ ନିଯୁକ୍ତି ଦିଆଯାଇଛି। ଏହି ନୂଆ ଭୂମିକାରେ ସେ ସମ୍ପ୍ରତି ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ରେଫରିମାନଙ୍କୁ ଗାଇଡ୍ କରିବା ସହ ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି।

ଓଡ଼ିଶା ମହିଳା ଫୁଟବଲରେ ଅନ୍ୟତମ ଅଗ୍ରଣୀ ଭୂମିକା ନେଉଥିବା ସୁଦୀପ୍ତା ନିଜ ଜାଜ୍ୱଲ୍ୟମାନ ଫୁଟବଲ କ୍ୟାରିୟରରେ ଏକ ନୂଆ ଅଧ୍ୟାୟ ଯୋଗ କରିଛନ୍ତି। ସେ ଇତିମଧ୍ୟରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରି ରାଜ୍ୟକୁ ଗର୍ବିତ କରିସାରିଛନ୍ତି। ରେଫରି ଜୀବନ ଆରମ୍ଭ କରିବା ପୂର୍ବରୁ ସେ ରାଜ୍ୟ ଫୁଟବଲରେ ଜଣେ ଜଣାଶୁଣା ଚେହେରା ଥିଲେ। ୧୯୯୮ରୁ ୨୦୦୭ ପର୍ଯ୍ୟନ୍ତ ସେ ଓଡ଼ିଶା ମହିଳା ଫୁଟବଲର ଗର୍ବିତ ସଦସ୍ୟା ରହିଥିଲେ। ଏହି ସମୟ ମଧ୍ୟରେ ସେ ଓଡ଼ିଶାର ଅନେକ ଐତିହାସିକ କ୍ଷଣର ଅଂଶୀଦାର ରହିଥିଲେ। ୨୦୦୨ ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ଓ ୨୦୦୭ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳର ସେ ସଦସ୍ୟା ଥିଲେ। ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତାଇବାରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କେବଳ ସେତିକି ନୁହେଁ କୋଲକାତା ଲିଗ୍‌ରେ ସେ ଜଣେ ପେସାଦାର ଖେଳାଳିଭାବେ ମୋହନ ବାଗାନ ପକ୍ଷରୁ ଖେଳିବାର ଗୌରବ ଅର୍ଜନ କରିଥିଲେ। ୨୦୦୪ରେ ସେ ଚେନ୍ନାଇରେ ଅନୁଷ୍ଠିତ ଏଏଫ୍‌ସି ୧୦ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ରେଫରି ଆସେସର ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇବାର ପୁରସ୍କାର ସ୍ୱରୂପ ସୁଦୀପ୍ତାଙ୍କୁ ସର୍ବଭାରତୀୟ ଫୁଟବଲ ଫେଡେରେଶନର ଏଲିଟ ପ୍ୟାନେଲ ପାଇଁ ମନୋନୀତ କରାଯାଇଥିଲା। ଏବେ ସେ ଫୁଟବଲ କ୍ରୀଡ଼ାରେ ତୃତୀୟ ଇନିଂସ ଆରମ୍ଭ କରିଛନ୍ତି। ଜଣେ ଫୁଟବଲ ଖେଳାଳିରୁ ରେଫରି ଓ ଏବେ ରେଫରି ଆସେସର ଭାବେ ଉତ୍ତରାଖଣ୍ଡ ଜାତୀୟ କ୍ରୀଡ଼ାରେ ଦକ୍ଷତା ଦେଖାଇବାର ସୁଯୋଗ ପାଇଛନ୍ତି। ଫୁଟବଲ ପ୍ରତି ଗଭୀର ଆବେଗ, କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପର ପୁରସ୍କାର ସେ ପାଇଛନ୍ତି। ୨୦୨୩ରେ ସେ ଏଆଇଏଫ୍‌ଏଫ୍ ମହିଳା କମିଟିର ସଦସ୍ୟାଭାବେ ମନୋନୀତ ହୋଇଥିଲେ। ମାତ୍ର ୨୭ ବର୍ଷରେ ଖେଳାଳି ଜୀବନକୁ ଅଲ୍‌ବିଦା ଜଣାଇଥିବା ସୁଦୀପ୍ତା ୨୦୧୫ରେ ପ୍ରତିଷ୍ଠିତ ଫୁଟବଲ କୋଚ୍ ଶୁଭେନ୍ଦୁ ପଣ୍ଡାଙ୍କୁ ବିବାହ କରିଥିଲେ। ୨୦୧୮ରେ ପୁତ୍ର ସନ୍ତାନର ଜନନୀ ହୋଇଥିଲେ।

ମ୍ୟାଚ ଅଫିସିଆଲଭାବେ ସୁଦୀପ୍ତାଙ୍କ ସଫଳତା ବେଶ୍ ଲମ୍ବା। ୨୦୧୨ରେ ସେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ରେଫରିଂ କୋର୍ସ ଶେଷ କରିଥିଲେ। ସେହିବର୍ଷ ଅର୍ଥାତ୍ ୨୦୧୨ରେ ସେ ଫାଓ ଓମେନ୍ସ ଲିଗ୍ ଏବଂ ୨୦୧୩ରେ ସିନିୟର ଆନ୍ତଃଜିଲା ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ ପରିଚାଳନା କଲେ। ଏହା ବ୍ୟତୀତ ୨୦୧୩ରେ ସେ କଟକରେ ଆୟୋଜିତ ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ୍ ପରିଚାଳନା ଦାୟିତ୍ୱ ପାଇଥିଲେ। ସେହିବର୍ଷ ସେ କଟକର ସତ୍ୟବ୍ରତ ଷ୍ଟାଡିୟମରେ ଆୟୋଜିତ ଗୋଆ–ବିହାର ମ୍ୟାଚ ପରିଚାଳନା କରିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ଜାତୀୟସ୍ତରୀୟ ମ୍ୟାଚ ପରିଚାଳନା ଥିଲା। ୨୦୧୪ରେ ଆସାମର ଡିବ୍ରୁଗଡ଼ରେ ଆୟୋଜିତ ୨୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଅଫିସିଆଲଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ବ୍ୟତୀତ ୨୦୧୬ରେ ମେଘାଳୟର ଶିଲଂରେ ଅନୁଷ୍ଠିତ ୧୨ଶ ସାଉଥ୍ ଏସିଆନ ଗେମ୍ସର ମହିଳା ଫୁଟବଲ ମ୍ୟାଚ ପରିଚାଳନା କରି ନିଜ ରେଫରି କ୍ୟାରିୟରକୁ ଆଗକୁ ନେଇଥିଲେ।

ଏବେ ଯୁବ ମହିଳା ଫୁଟବଲ ଖେଳାଳିଙ୍କ ଆଦର୍ଶ ପାଲଟି ଯାଇଛନ୍ତି ସୁଦୀପ୍ତା। ପେସାଦାର କ୍ୟାରିୟର, ସରକାରୀ ଚାକିରି, ପାରିବାରିକ ଜୀବନ ମଧ୍ୟରେ ସେ ଉତ୍ତମ ସନ୍ତୁଳନ ରକ୍ଷା କରିବାରେ ସକ୍ଷମ ହୋଇଛନ୍ତି। ସେ ଏକ କ୍ରୀଡ଼ାବିତ୍ ପରିବାରର ସଦସ୍ୟା। ତାଙ୍କ ସ୍ୱାମୀ ଶୁଭେନ୍ଦୁ ପଣ୍ଡା ହେଉଛନ୍ତି ରାଜ୍ୟର ପ୍ରଥମ ଏଏଫ୍‌ସି ପ୍ରୋ–ଲାଇସେନ୍ସପ୍ରାପ୍ତ କୋଚ୍। ସେ ଭାରତୀୟ ଜୁନିୟର ଫୁଟବଲ ଦଳର କୋଚ୍ ଦାୟିତ୍ୱ ମଧ୍ୟ ନିର୍ବାହ କରିସାରିଛନ୍ତି। ସୁଦୀପ୍ତାଙ୍କର ୬ ବର୍ଷର ଏକ ପୁତ୍ର ସନ୍ତାନ ମଧ୍ୟ ରହିଛି। ତାଙ୍କ ନାମ ହେଉଛି ରେୟାଂଶ।

ମହିଳା ସଶକ୍ତୀକରଣର ଅନ୍ୟତମ ଉଦାହରଣ ପାଲଟିଛନ୍ତି ସୁଦୀପ୍ତା। ଜୀବନରେ କିଛି ଯେ ଅସମ୍ଭବ ନୁହେଁ ତାହାକୁ ସେ କାମରେ କରି ଦେଖାଇଛନ୍ତି।



ସୁଦୀପ୍ତା ଦାଶ (ବାମରୁ ତୃତୀୟ)



---

## ଚ୍ୟାଲେଞ୍ଜ

ଟି୨୦ କ୍ରିକେଟର ଅଫ୍ ଦି ଇୟର
ଅର୍ଶଦୀପ ବିବେଚିତ
ରୋହିତ, ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ସହ
ରହିଅଛି ଯଶପ୍ରୀତ
ବୟସ ପଚିଶ ମିତ
ପୁଣି କ୍ରିକେଟର ଶର୍ଟ ଫର୍ମାଟରେ
ଅଗ୍ରଣୀ ବୋଲର ସତ।



ଜର୍ମାନୀର ଏରୋସ୍ପେସ ଇଞ୍ଜିନିୟର
ଏଜ୍ ତାଙ୍କ ଅଣଷଠି
ପାଣିରେ ସେ ଶହେ ଦିନ ରହିବାରେ
ଜୋସେଫଙ୍କୁ ଦେଲେ କାଟି
ଦେଶ ପାଇଁ ବିଗ୍ ଭେଟି
କ୍ୟାପଶୁଲରେ ଥିଲା ବେଡ୍, ଶୌଚାଳୟ
ଟିଭି, ଇଣ୍ଟରନେଟ ବେଟି।

ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନ
ଦିବ୍ୟାଙ୍ଗ ପାୟଲ ନାଗ
କମ୍ପାଉଣ୍ଡ ଓପନ ଡବ୍ଲ୍ୟୁ ୱାନ ବର୍ଗରେ
ଜିତି ହିଷ୍ଟ୍ରି କଲା ବଗ
ଚ୍ୟାଲେଞ୍ଜ ଥିବ ଜା'ର ବାଗ
ବୟସ ତା' ପାଇଁ ବାଧକ ସାଜେନି
(ସିଏ) ସଫଳତା ପାଏ ଆଗ।

–ସୁବାସ ଚନ୍ଦ୍ର ପ୍ରଧାନ



ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାର ୪x୧୦୦ ମହିଳା ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶା ଦଳ।

# ମହିଳା ମିଡ୍‌ଲେ ରିଲେରେ ଓଡ଼ିଶାକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ଗୁରୁବାର ଅନୁଷ୍ଠିତ ୪x୧୦୦ ମହିଳା ମିଡ୍‌ଲେ ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୩୦.୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ମହାରାଷ୍ଟ୍ର (୪:୩୧.୨୯) ଦଳକୁ ରୌପ୍ୟ ଓ କର୍ନାଟକ (୪:୩୧.୬୨)କୁ ବ୍ରୋଞ୍ଜ ପଦକ ମିଳିଛି।

## ଦିବ୍ୟଙ୍କାଙ୍କୁ ବ୍ରୋଞ୍ଜ

ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ପଦକ ଜିତିଛନ୍ତି। ଦିବ୍ୟଙ୍କା ୨:୪୫.୫୬ ସେକେଣ୍ଡ ସମୟ ନେଇ ତୃତୀୟ

**ଜାତୀୟ କ୍ରୀଡ଼ା**

ସ୍ଥାନ ଅଧିକାର କରିଛନ୍ତି। କେରଳର ହର୍ଷିତା ଜୟରାମ (୨:୪୨.୩୮) ଓ ତାମିଲନାଡୁର ଶ୍ରୀନିଧି ନାଟେସନ (୨:୪୨.୪୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ବୁଧବାର ଓଡ଼ିଶା ପାଇଁ ପ୍ରଥମ ପଦକ ଜିତିଥିଲେ ସୁଇମିଂ ସେନ୍‌ସେଶନ ସୃଷ୍ଟି ଉପାଧ୍ୟାୟ। ସେ ଆକ୍ୱାଟିକ୍ସର ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ୧:୦୫.୨୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଓଡ଼ିଶା ମହିଳା ଓ ପୁରୁଷ ରଗ୍‌ବୀ ଦଳ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ମହିଳା ଦଳ ଗୁରୁବାର କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୫୪-୦ରେ ହରାଇଥିବାବେଳେ ପୁରୁଷ ଦଳ ୩୬-୦ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ସେହିପରି ଓଡ଼ିଶା ମହିଳା ଖୋ ଖୋ ଦଳ ଦିଲ୍ଲୀକୁ ୩୦-୨୧ ପଏଣ୍ଟ ବ୍ୟବଧାନରେ ହରାଇ ସେମିଫାଇନାଲରେ ପହଞ୍ଚିଛି।



ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (ଡାହାଣ)।

# ଜାତୀୟ ରେକର୍ଡ ସହ ନର୍ମଦାଙ୍କୁ ସ୍ୱର୍ଣ୍ଣ

**ଡେରାଡୁନ୍, ୩୦।୧ (ପି.ଟି.)**

ଏଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ପୂର୍ବତନ ବିଶ୍ୱକପ୍ ବିଜେତା ନର୍ମଦା ନିଥିନ ରାଜୁ ମହିଳା ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ନୂଆ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହାଛଡ଼ା ସେ ମାତ୍ର ୧ପଏଣ୍ଟ ପାଇଁ ବିଶ୍ୱରେକର୍ଡ ସମକକ୍ଷ ହେବାରୁ ବଞ୍ଚିତ ହୋଇଛନ୍ତି। ଇଭେଣ୍ଟରେ ତାଙ୍କୁ ଏସିଆନ ଗେମ୍ସ ପଦକ ବିଜେତା ରଶ୍ମିତା ଜିନ୍ଦଲ ଓ ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନଙ୍କ ସମେତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ପ୍ରତିଯୋଗିତା କରିବାକୁ ପଡ଼ିଥିଲା। ସେହିପରି ହରିୟାଣାର ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅନିଶ ଭାନ୍‌ୱାଲା ପୁରୁଷ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁରୁ ପ୍ରତିନିଧିତ୍ୱ କରୁଥିବା ନର୍ମଦା ୨୫୪.୪ ପଏଣ୍ଟ ସହ ଟପ୍ ପୋଡିୟମ ଫିନିଶ କରିଥିଲେ। ତାଙ୍କୁ ଫାଇନାଲରେ ମହାରାଷ୍ଟ୍ରର ଆର୍ଯ୍ୟ ବୋର୍ସେ (୨୫୨.୫) ଓ ରାମିତା (୨୩୦.୪)ଙ୍କ ସମେତ ୮ ଶୁଟରଙ୍କୁ ସାମ୍ନା କରିବାକୁ ପଡ଼ିଥିଲା। ଏହି ପ୍ରକ୍ରିୟାରେ ସେ ୨୫୨.୯ ପଏଣ୍ଟ ସହ ୨୦୧୯ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଅଲିମ୍ପିଆନ ଅପୂର୍ବୀ ଚାଣ୍ଡେଲାଙ୍କ ଦ୍ୱାରା ୨୫୧.୯ ପଏଣ୍ଟ ସହ ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଏହି ଇଭେଣ୍ଟର ବିଶ୍ୱ ରେକର୍ଡ ଚାଇନାର ହୁଆଙ୍ଗ ୟୁଟିଙ୍ଗ୍‌ଙ୍କ ନାମରେ ରହିଛି। ସେ ଏହି ସଫଳତା ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲରେ ହାସଲ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ